६ বাংলাদেশকু অড়ুআরে পকাইলা আইসিসি



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୫୩ ● ୨୦ ଜାନୁଆରୀ ୨୦୨୬, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-353 ● 20th January 2026, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ୟୁଏଇ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ, ସ୍ୱାଗତ କରିବା ପାଇଁ ପ୍ରୋଟୋକଲ ଭାଙ୍ଗିଲେ ମୋଦୀ

## ୨ ଘଣ୍ଟାର ଗସ୍ତରେ ଅଭୂତପୂର୍ବ ବନ୍ଧୁତାର ନିଦର୍ଶନ

**ନୂଆଦିଲ୍ଲୀ, ୧୯।୧**

ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାୟେଦ ଅଲ ନାହୟାନ ସୋମବାର ଭାରତ ଗସ୍ତରେ ଆସିଛନ୍ତି। ସେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରୋଟୋକଲ ଭାଙ୍ଗି ବ୍ୟକ୍ତିଗତ ଭାବେ ବିମାନବନ୍ଦର ଯାଇ ତାଙ୍କୁ ସ୍ୱାଗତ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୟୁଏଇ ରାଷ୍ଟ୍ରପତି ମାତ୍ର ୨ ଘଣ୍ଟା ପାଇଁ ଭାରତ ଗସ୍ତରେ ଆସିଥିବାବେଳେ ମୋଦୀ ତାଙ୍କୁ ଯେଉଁ ଅପୂର୍ବ ବନ୍ଧୁତାର ନିଦର୍ଶନ ଦେଖାଇଛନ୍ତି ତାହା ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ପ୍ରତିଫଳନ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିମନ୍ତ୍ରଣକ୍ରମେ ନାହୟାନ ଭାରତ ଗସ୍ତରେ ଆସିଛନ୍ତି।



ଏକ୍ସରେ ଏକ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, 'ମୋ ଭାଇ, ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାୟେଦ ଅଲ ନାହୟାନଙ୍କୁ ସ୍ୱାଗତ କରିବା ପାଇଁ ବିମାନବନ୍ଦରକୁ ଯାଇଥିଲି। ୟୁଏଇ ରାଷ୍ଟ୍ରପତିଙ୍କ ଗସ୍ତ ଭାରତ-ୟୁଏଇର ଦୃଢ଼ ବନ୍ଧୁତାକୁ ଦର୍ଶାଉଛି। ପ୍ରଧାନମନ୍ତ୍ରୀ ପରେ ୟୁଏଇ ରାଷ୍ଟ୍ରପତି ଓ ତାଙ୍କ ପରିବାର ସଦସ୍ୟଙ୍କୁ ଲୋକ କଲ୍ୟାଣ ମାର୍ଗ ସ୍ଥିତ ତାଙ୍କ ସରକାରୀ ବାସଭବନରେ ସ୍ୱାଗତ କରିଥିଲେ।

ଏହି ଗସ୍ତ ଅବସରରେ ମୋଦୀ ତାଙ୍କୁ କିଛି ସାଂସ୍କୃତିକ ଉପହାର ପ୍ରଦାନ କରିଥିଲେ। ଏଥିରେ ଫୁଲ ଓ ପାରମ୍ପରିକ ଡିଜାଇନରେ ପ୍ରସ୍ତୁତ ହୋଇଥିବା ଏକ ଗୁଜରାଟୀ ଝୁଲା ରହିଛି। ଏଥିସହ ମୋଦୀ ତାଙ୍କୁ ଏକ ହାତବୁଣା କଶ୍ମିରୀ ପଶମିନା ସାଲ୍ ଉପହାର ଦେଇଛନ୍ତି। ସୂଚନାନୁଯାୟୀ, ମୋଦୀ ଓ ୟୁଏଇ ରାଷ୍ଟ୍ରପତିଙ୍କ ଆଲୋଚନା ମଧ୍ୟରେ ଭାରତ-ୟୁଏଇ *(ପୃଷ୍ଠା ୭ରେ)*

### ନିତିନ ନବୀନ ବିଜେପିର ନୂଆ ସଭାପତି

## ସ୍ୱାଗତ ଜଣାଇଲା ଓଡ଼ିଶା ଟିମ୍



**ନୂଆଦିଲ୍ଲୀ, ୧୯।୧**

ବିଜେପିରେ ନୂଆ ଯୁଗର ଆରମ୍ଭ। ନିତିନ ନବୀନ ହେଲେ ଭାରତୀୟ ଜନତା ପାର୍ଟିର ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ। ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଭରିଥିବାରୁ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ରବିବାର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ତାଙ୍କ ନାଁ ଘୋଷଣା ସହିତ ସେ ଦାୟିତ୍ୱ ଗ୍ରହଣ କରିବେ ବୋଲି ସୂଚନା ମିଳିଛି।

ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ନିଜ ନିଜ ରାଜ୍ୟର ନେତାଙ୍କ ସମର୍ଥନ ପତ୍ର ନିତିନଙ୍କ ସପକ୍ଷରେ ବିଜେପି ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିଛନ୍ତି। ଅନୁରୂପ ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଯାଇଥିବା ବିଜେପି ଟିମ୍ ରାଷ୍ଟ୍ରୀୟ କାର୍ଯ୍ୟାଳୟରେ ନୂତନ ଅଧ୍ୟକ୍ଷ ନିତିନ ନବୀନଙ୍କ ପ୍ରାର୍ଥୀତ୍ୱ ସପକ୍ଷରେ ସମର୍ଥନ ପତ୍ର ପ୍ରଦାନ କରିଛନ୍ତି । ଏଥିସହ ନବୀନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ମଧ୍ୟ ଜଣାଇଛନ୍ତି। ଓଡ଼ିଶାରୁ ଯାଇଥିବା ଟିମ୍‌ରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ସମେତ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ସାମିଲ ରହିଥିଲେ।

ନିତିନ ହିଁ ବିଜେପିର ୧୨ତମ ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବା ଏକ ପ୍ରକାରର ସ୍ପଷ୍ଟ ହୋଇଯାଇଛି। ପ୍ରକାଶ ଥାଉକି ନିତିନଙ୍କ ସପକ୍ଷରେ ୩୭ ସେଟ୍ ସମର୍ଥନ ପତ୍ର ଦାଖଲ ହୋଇଥିଲା। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରହିଛନ୍ତି ତାଙ୍କ ପ୍ରସ୍ତାବକ। ଦଳରେ ସବୁଠି ଯୁବ କ୍ୟାପଟେନଙ୍କୁ ନେଇ ଉତ୍ସାହ ଲାଗିରହିଥିବା ବେଳେ ଆଗକୁ ନିତିନ ନବୀନଙ୍କ ଆଗରେ ଅନେକ ଚ୍ୟାଲେଞ୍ଜ ରହିଛି।

ଯାହା ଆକଳନ କରାଯାଉଥିଲା ସେୟା ହେବାକୁ ଯାଉଛି। ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବାକୁ ଯାଉଛନ୍ତି ୪୫ ବର୍ଷୀୟ ନିତିନ ନବୀନ। ଏକମାତ୍ର ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଛନ୍ତି ବର୍ତ୍ତମାନ କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ନିତିନ। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅମିତ ଶାହ, ରାଜନାଥ ସିଂ, ଜେପି ନଡ୍ଡା ଓ ଅନେକ କେନ୍ଦ୍ରମନ୍ତ୍ରୀ ସାଜିଛନ୍ତି ତାଙ୍କର ପ୍ରସ୍ତାବକ।

### ଆଜିର ମୁଖ୍ୟ ଖବର

- ବିମାନ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ପରିବାରକୁ ଚାକିରି ଓ ଆର୍ଥିକ ସହାୟତା।
- ଅନ୍ତର୍ଜାତୀୟ କ୍ରୀଡ଼ା ପାଇଁ ଭାରତର ପ୍ରସ୍ତୁତି ଆରମ୍ଭ।
- ଭାରତ ବିଦେଶୀ ଦେଶମାନଙ୍କ ସହ କୂଟନୈତିକ ସମ୍ପର୍କ ମଜଭୁତ କରୁଛି।
- ଆଗାମୀ ନିର୍ବାଚନ ପାଇଁ ରାଜନୈତିକ ତତ୍ପରତା ବଢ଼ିଲା।
- ପରିବେଶ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ନୂଆ ନିୟମ।
- ଶାସନ ସଂସ୍କାର ସମ୍ପର୍କିତ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟର ଶୁଣାଣି।
- ଦିଲ୍ଲୀରେ ଗଣତନ୍ତ୍ର ଦିବସ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା।
- କେନ୍ଦ୍ର ସରକାରଙ୍କ ନୂଆ ନୀତି ଘୋଷଣା।
- ପୋଲାଣ୍ଡର ପାକିସ୍ତାନ ସହିତ ସମ୍ପର୍କକୁ ବିରୋଧ କଲା ଭାରତ।
- ଛତିଶଗଡ଼ର ବିଜାପୁରରେ ପ୍ରେସର ଆଇଇଡି ବିସ୍ଫୋରଣରେ ଜଣେ ଯୁବକଙ୍କ ମୃତ୍ୟୁ।

## ୩ଦିନରେ ସମାଧାନ ହେବ ଆୟୁଷ୍ମାନ ଯୋଜନାର ସମସ୍ୟା

**ଭୁବନେଶ୍ୱର, ୧୯।୧**
**ନ୍ୟୁଜ୍ ବ୍ୟୁରୋ**

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ସମ୍ପର୍କରେ ଦୁଇ ଦିନିଆ ଚିନ୍ତନ ଶିବିର ଆୟୋଜିତ ହୋଇଛି । ଏହି ଶିବିରରେ ଯୋଜନାର କାର୍ଯ୍ୟାନ୍ୱୟନ, କାର୍ଡ ତିଆରି ପ୍ରକ୍ରିୟା ଓ ଡିଜିଟାଲ ସୁବିଧା ନେଇ ଆଲୋଚନା କରାଯାଇଛି ।

ଶିବିରରେ ଯୋଗ ଦେଇ ମନ୍ତ୍ରୀ କହିଛନ୍ତି ଯେ, ଆୟୁଷ୍ମାନ ଭାରତ କାର୍ଡ ସମ୍ପର୍କିତ ସମସ୍ତ ସମସ୍ୟା ଖୁବଶୀଘ୍ର ସମାଧାନ ହେବ । ଯେଉଁ ଯୋଗ୍ୟ ଲାଭାର୍ଥୀ ମାନଙ୍କର ଏ ପର୍ଯ୍ୟନ୍ତ କାର୍ଡ ହୋଇନାହିଁ, ସେମାନେ ଡିଜିଟାଲ ମାଧ୍ୟମରେ ନିଜ ତଥ୍ୟ ଦେଖିପାରିବେ ଓ ଆବେଦନର ସ୍ଥିତି ଜାଣିପାରିବେ । ଆଗାମୀ ଦିନରେ



ଆୟୁଷ୍ମାନ ଭାରତ ସଂପର୍କିତ ସମସ୍ତ ଡାଟା ଓଡ଼ିଆ ଭାଷାରେ ଉପଲବ୍ଧ ହେବ, ଯାହା ଫଳରେ ସାଧାରଣ ଲୋକଙ୍କୁ ଯୋଜନା ବୁଝିବା ଓ ସୁବିଧା ନେବା ଅଧିକ ସହଜ ହେବ । ଏଥିପାଇଁ ୩ ଟି ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ପଦକ୍ଷେପ ଦ୍ୱାରା ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ ଓ ସହଜଗମ୍ୟ କରାଯିବ ବୋଲି ଆଶା କରାଯାଉଛି ।

### ଓୟୁଟିଆରର ସମାବର୍ତ୍ତନ ଉତ୍ସବ

## ଛାତ୍ରଛାତ୍ରୀମାନେ ଉଦ୍ୟମିତା, ନବସୃଜନ ଓ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରନ୍ତୁ

**ଭୁବନେଶ୍ୱର, ୧୯।୧**
**ନ୍ୟୁଜ୍ ବ୍ୟୁରୋ**

ଛାତ୍ରଛାତ୍ରୀମାନେ ଉଦ୍ୟମିତା, ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ସେମାନେ ଚାକିରି ଖୋଜିବା ଅପେକ୍ଷା ନିଯୁକ୍ତି ସୃଷ୍ଟିକାରୀ ହେବାକୁ ମଧ୍ୟ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି। ସୋମବାର ଦିନ ଭୁବନେଶ୍ୱର ରେଳ ଅଡ଼ିଟୋରିୟମ ଠାରେ ଅନୁଷ୍ଠିତ ଓୟୁଟିଆରର ତୃତୀୟ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଦେଇଛନ୍ତି।




ଏହି ସମାବର୍ତ୍ତନ ଉତ୍ସବରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ସ୍ନାତକମାନେ ଉଦ୍ୟୋଗୀ ହେବା ନିମନ୍ତେ ସୁଯୋଗ ଅନୁସନ୍ଧାନ କରିବା ଆବଶ୍ୟକ । ଷ୍ଟାର୍ଟଅପ୍ ଏବଂ ଉଦ୍ୟମିତା ନବସୃଜନ, ନିଯୁକ୍ତି ସୃଷ୍ଟି ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ ଏକ ଶକ୍ତିଶାଳୀ ପଥ ପ୍ରଦାନ କରେ। ନୀତି, ପାଣ୍ଠି, ଇନକ୍ୟୁବେସନ୍ ଏବଂ ପରାମର୍ଶ ମାଧ୍ୟମରେ ଓଡ଼ିଶା ଏବଂ ଭାରତ ସ୍ପନ୍ଦନଶୀଳ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ *(ପୃଷ୍ଠା ୭ରେ)*

## ବନ୍ଧୁକ ମୁନରେ ୫ କୋଟିରୁ ଊର୍ଦ୍ଧ୍ୱ ଲୁଟ୍




**ଯୋଡା, ୧୯।୧ : ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ ମହାରାଷ୍ଟ୍ର ଶାଖାରୁ ସୋମବାର ଏକ ବଡ଼ ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ବ୍ୟାଙ୍କରେ ପଶି କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ସହ ୮ଲକ୍ଷ ନଗଦ ଟଙ୍କା ଲୁଟି ନେଇଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ମୁତାବକ, ୫ଟି ବାଇକ୍‌ରେ *(ପୃଷ୍ଠା ୭ରେ)*

## ବଦଳିବ 'ଡିପିଆର', ସାମିଲ ହେବ ପାରାଦୀପ: ନୂଆ ରୂପରେ ଆସିବ ମେଟ୍ରୋ ରେଳ

**ଭୁବନେଶ୍ୱର, ୧୯।୧**
**ନ୍ୟୁଜ୍ ବ୍ୟୁରୋ**

ଦୀର୍ଘଦିନ ଧରି ଭୁବନେଶ୍ୱର-କଟକ ମେଟ୍ରୋ ରେଳପ୍ରକଳ୍ପ କାର୍ଯ୍ୟ ଅନିଶ୍ଚିତତା ଭିତରେ ରହିଛି। ଏହାକୁ ନେଇ ଲୋକେ ଆଶା ଓ ଆଶଙ୍କାରେ ରହିଥିବାବେଳେ ରାଜ୍ୟ ସରକାର ମଧ୍ୟ ବ୍ୟାକ୍‌ଫୁଟରେ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ସରକାରୀସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଖୁବ୍‌ଶୀଘ୍ର ମେଟ୍ରୋ ରେଳ ପ୍ରକଳ୍ପ ନୂତନ ରୂପରେ ଆସିବ ବୋଲି ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଣାପଡ଼ିଛି।

ବିଭାଗ ପକ୍ଷରୁ ପ୍ରସ୍ତୁତ ହେଉଥିବା ଡିପିଆରକୁ ନେଇ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପୂର୍ବରୁ ଏହା କେବଳ ଭୁବନେଶ୍ୱର-



କଟକ-ପୁରୀ ମଧ୍ୟରେ ଗଢ଼ିବ ବୋଲି ପ୍ରସ୍ତାବ ରହିଥିଲା। ପୂର୍ବ ସରକାର ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଯେଉଁ ଡିପିଆର ପ୍ରସ୍ତୁତ କରିଥିଲେ ସେଥିରେ ବହୁତ କିଛି ପରିବର୍ତ୍ତନ କରାଯିବ। ଏହାକୁ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ଯୋଡ଼ିବା ପାଇଁ ସରକାରୀସ୍ତରରେ ଏକପ୍ରକାର ନିଷ୍ପତ୍ତି ହୋଇଛି। ଆସନ୍ତା ୨୨ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉଚ୍ଚସ୍ତରୀୟ ବୈଠକରେ ଏସମ୍ପର୍କରେ ପୂର୍ଣ୍ଣାଙ୍ଗ ରୂପରେଖ ଜଣାପଡ଼ିବ। ତେବେ ପୂର୍ବ ସରକାର ସମୟରେ ୬୪କି.ମି.ର ମେଟ୍ରୋ ରେଳପ୍ରକଳ୍ପ ପାଇଁ ୬ହଜାର ୨୫୫କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏହାକୁ ନେଇ ପୂର୍ବ ସରକାର ତରବରିଆ ଭାବେ ଏହାକୁ କ୍ୟାବିନେଟ୍‌ରେ ପାରିତ କରିଥିଲେ। ଏହାପରେ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ସହିତ ରାଜ୍ୟ ସରକାରଙ୍କ ଏକ ବୁଝାମଣା ହୋଇଥିଲା। କଟକଠାରୁ ତ୍ରିଶୁଳିଆ-ବାରଙ୍ଗ ଦେଇ ଖୋର୍ଦ୍ଧା ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ *(ପୃଷ୍ଠା ୭ରେ)*

## ଏନକାଉଣ୍ଟରରେ ୬ ମାଓବାଦୀ ସଫା

**ବିଜାପୁର, ୧୯।୧**
**ନ୍ୟୁଜ୍ ବ୍ୟୁରୋ**

ମାଓମୁକ୍ତ ଦେଶ ଗଠନରେ ଆଉ ଏକ ସଫଳତା । ଛତିଶଗଡ଼ ବିଜାପୁରରେ ଏନକାଉଣ୍ଟରରେ ଟଳିଲେ ୬ ମାଓବାଦୀ ।

ଛତିଶଗଡ଼ ବିଜାପୁର ଜିଲ୍ଲାରେ ପୁଲିସ୍ ଏବଂ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଛି । ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ୬ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ମୃତ ୬ ମାଓବାଦୀଙ୍କ ମଧ୍ୟରେ ୪ ଜଣ ମହିଳା ଥିବା ସୂଚନା ରହିଛି । ଘଟଣାସ୍ଥଳରୁ ଏକେ-୪୭, ୩୦୩ ରାଇଫଲ ଓ ଇନ୍‌ସାସ ବନ୍ଧୁକ ଜବତ କରାଯାଇଛି।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୬୨୪(+୨୪୬)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୪୦୫ (+୨୨୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୯୬୮ (+୧୮୪)

### ରୁପା ଦର

ରୂପା – ପ୍ରତି ଗ୍ରାମ ୩୧୮ (+୮)

### ଏକାଳ ପଖାଳ



ତଡା ଖାଇବାର ପ୍ରତିଦିନ ଆସେ
ନୂଆ ନୂଆ ପୂରା କାହାଣୀ
ଦଳର ବଡବଡିଆଙ୍କୁ ସତେ
ଲାଗିଛିକି କେଉଁ ଡାହାଣୀ
ଚାହୁଁଛନ୍ତି ଦଳେ ରହଣି
ହେଲେ ମିଳୁନାହିଁ ନିଲମ୍ବିତଙ୍କୁ
କେଉଁ ଆଡୁ ଟିକେ ଲହୁଣୀ।

## ୨୦୨୬ ଆର୍ଥିକ ବର୍ଷ ପାଇଁ ବଢ଼ାଇଲା ଅଭିବୃଦ୍ଧି ପୂର୍ବାନୁମାନ



**ନୂଆଦିଲ୍ଲୀ, ୧୯।୧**

ବିଶ୍ୱରେ ଲାଗି ରହିଥିବା ମାନ୍ଦାବସ୍ଥା ସତ୍ତ୍ୱେ ଭାରତୀୟ ଅର୍ଥବ୍ୟବସ୍ଥାରେ ଶକ୍ତିଶାଳୀ ଅଭିବୃଦ୍ଧି ଜାରି ରହିଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ) ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ପୂର୍ବାନୁମାନକୁ ୦.୭ ପ୍ରତିଶତ ବୃଦ୍ଧି କରି ୭.୩% କୁ ବଢ଼ାଇଛି। ପୂର୍ବରୁ ଏହି ଅନୁମାନ ୬.୬% ରହିଥିଲା।

ଆଇଏମ୍ଏଫ ଏହାର ସଦ୍ୟତମ 'ୱାର୍ଲ୍ଡ ଇକୋନୋମିକ ଆଉଟଲୁକ୍'ରେ ଦର୍ଶାଇଛି ଯେ, ତୃତୀୟ ଏବଂ ଚତୁର୍ଥ ତ୍ରୈମାସିକରେ ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ ଏବଂ ଶକ୍ତିଶାଳୀ ଗତିଶିଳତା ଯୋଗୁଁ ଏହି ପୂର୍ବାନୁମାନରେ ପରିବର୍ତ୍ତନ କରାଯାଇଛି। ଆଇଏମ୍ଏଫର ଯୋଗାଯୋଗ ବିଭାଗ ନିର୍ଦ୍ଦେଶିକା ଜୁଲି କୋଜାକ ଭାରତକୁ ବିଶ୍ୱର ଏକ "ପ୍ରମୁଖ ଅଭିବୃଦ୍ଧିର ଇଞ୍ଜିନ" ଭାବେ ବର୍ଣ୍ଣନା କରିଛନ୍ତି।

ଭାରତର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ଚଳିତ ମାସ ଆରମ୍ଭରେ ମାର୍ଚ୍ଚ ୩୧ ସୁଦ୍ଧା ଅଭିବୃଦ୍ଧି ହାର ୭.୪% ରହିବ ବୋଲି ଆକଳନ କରିଥିଲା, ଯାହା ଆଇଏମ୍ଏଫର ନୂତନ ପୂର୍ବାନୁମାନ ସହ ପ୍ରାୟ ସମାନ। ୨୦୨୬ ପରେ ସାମୟିକ ଭାବେ *(ପୃଷ୍ଠା ୭ରେ)*

## ଶୀତ, କୁହୁଡ଼ି ଭିତରେ ଖରାତାତିକୁ ଅନୁଭବ କରିବେ ଲୋକେ

**ଭୁବନେଶ୍ୱର, ୧୯।୧**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ପଶ୍ଚିମାଝଡ଼ ପ୍ରଭାବରେ ବଢ଼ିବ ରାତିର ତାପମାତ୍ରା। ଶୀତ, କୁହୁଡ଼ି ସାଙ୍ଗକୁ ଖରାତାତିକୁ ଅନୁଭବ କରିବେ ଲୋକେ। ଏବେ ବି ଥଣ୍ଡା ପ୍ରକୋପ ଜାରି ରହିଛି। ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୮ ଡିଗ୍ରୀ ରେକର୍ଡ ହୋଇଛି। ତେବେ ସୋମବାର ଓ ବୁଧବାର ରାତିରୁ ଉତ୍ତର-ପଶ୍ଚିମ ଭାରତକୁ ଅତି କମ୍ ଅନ୍ତରାଳରେ ଦୁଇଟି ପଶ୍ଚିମାଝଡ଼ ପ୍ରଭାବିତ କରିବା ସମ୍ଭାବନା ଥିବାରୁ ଆସନ୍ତା ୪ ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ



ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ପାଇଁ କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କଳାହାଣ୍ଡି ଜିଲାରେ କୁହୁଡି ନେଇ ସୂଚନା ଦିଆଯାଇଛି।

ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ଘଣ୍ଟାରେ ରାଜ୍ୟର ୧୪ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। *(ପୃଷ୍ଠା ୭ରେ)*





## ଫ୍ରେଣ୍ଡସ କ୍ଲବ ଦ୍ୱାରା ଆୟୋଜିତ ଅଲ ଓଡ଼ିଶା ଫୁଟବଲ ଟୁର୍ଣ୍ଣାମେଣ୍ଟ

# କ୍ଷମତା ଥାଉ ନ ଥାଉ ହାଇସ୍କୁଲ ଖେଳପଡିଆର ବିକାଶ ନିଶ୍ଚୟ କରାଯିବ: ନରସିଂହ

**ବଲାଙ୍ଗିର, ନ୍ୟୁଜ ବ୍ୟୁରୋ**



ପି.ଆର. ହାଇସ୍କୁଲରେ ମୁଁ ନିଜେ ପାଠ ପଢ଼ିଛି । ଏହି ପଡିଆରେ ଖେଳିଛି, ବଢ଼ିଛି ପରବର୍ତ୍ତି ସମୟରେ ବିଧାୟକ ଥିବା ବେଳେ ଏହି ଖେଳ ପଡିଆ ଏକ ସୁଦୃଶ୍ୟ ଗ୍ୟାଲେରି ତିଆରି କରାଯାଇଛି । ଖେଳର ଉନ୍ନତି ପାଇଁ ଏହାର ପରିସରରେ ଏକ ସୁନ୍ଦର ବ୍ୟାଡ ମିଣ୍ଟନ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛି । ଆହୁରି ଅନେକ ବିକାଶ କରିବାର ଥିଲା । ୨୦୨୪ ପୂର୍ବରୁ ୧ କୋଟି ଟଙ୍କା ରାଶି ଏହି ଖେଳ ପଡିଆର ଘାସ, ଡ୍ରେନଜ ଓ ପାଣି ସିଞ୍ଚନ ପ୍ରଣାଳି ନିର୍ମାଣ ପାଇଁ ଅନୁଦାନ ଅଣାଯାଇ ଯାଇଥିଲା କିନ୍ତୁ କିଛି ଲୋକଙ୍କ ଗୋଡଟଣା ପ୍ରଭୃତି ପାଇଁ ପ୍ରକଳ୍ପଟି ପ୍ରଶାସନିକ ମଂଜୁରି ପାଇବା ପରେ ମଧ ଟଙ୍କା ଫେରାଇ ନିଆଗଲା । ସେ ଯାହା ବି ହେଉ ବର୍ତ୍ତମାନ ମୁଁ କ୍ଷମତା ରେ ଥାଏ କି ନ ଥାଏଁ ଏ ପଡିଆ ଆହୁରି ବିକାଶ ନିଶ୍ଚୟ କରାଯିବ ବୋଲି ଆଜି ପି.ଆର ହାଇସ୍କୁଲ ଖେଳପଡିଆରେ ଫ୍ରେଣ୍ଡର୍ସ କ୍ଲବ ଆନୁକୁଲ୍ୟରେ ଆୟୋଜିତ ହେଉଥିବା ଅଲ୍ ଓଡିଶା ଫୁଟବଲ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ସେମିଫାଇନାଲରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଉପସ୍ଥିତ ଦର୍ଶକଙ୍କ ଉଦ୍ଦେଶ୍ୟରେ କହିଛନ୍ତି । ଶ୍ରୀ ମିଶ୍ର ଆହୁରି ମଧ କହିଛନ୍ତି ଯେ ଖେଳ ଉନ୍ନତି ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ସେ ନିଜେ ଆଲୋଚନା କରିଛନ୍ତି । ଲୋୟର ସୁକତେଲ ଡେମ ତଳେ ଏକ ଷ୍ଟାଡିୟମ ଓ ସେଠାରେ ଏକ ସୁନ୍ଦର ଉଦ୍ୟାନ ତିଆରି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆଲୋଚନା ବେଳେ ଆୟୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବ ଉପରେ ବହୁତ ସକରାତ୍ମକ ଆଭିମୁଖ୍ୟ ରଖିଛନ୍ତି । ତେଣୁ ଆମ ଅଂଚଳର ଖେଳ ଓ ଖେଳାଳିମାନଙ୍କ ବିକାଶ ପାଇଁ ସେ ନିଜେ ସବୁପ୍ରକାର ଯୋଗଦାନ ରଖିବେ ବୋଲି ନିଜ ବକ୍ତବ୍ୟରେ କହିଛନ୍ତି । ସେମିଫାଇନାଲ ଖେଳ ଝାରସୁଗୁଡା ଏକାଦଶ ବନାମ ଢେଙ୍କାନାଲ ଏକାଦଶ ମଧରେ ଅନୁଷ୍ଠିତ ହୋଇଥିଲା । ଏହି ସଂଘର୍ଷପୂର୍ଣ୍ଣ ଖେଳରେ ଝାରସୁଗୁଡା ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପହଂଚିଛି । ଆୟୋଜକ କମିଟି ତରଫରୁ ପ୍ରକ୍ତନ ଫୁଟବଲ ଖେଳାଳି ଜରାସିଂହାର କୈଳାସ ଚନ୍ଦ୍ର କର୍ତ୍ତି, ଖୁଜେନପାଲିର ଭୁପେନ୍ଦ୍ର ପ୍ରସାଦ ସିଂହ ଓ ଉଦୟମାନ ବାଳିକା ବ୍ୟାଡମିଣ୍ଟନ ଖେଳାଳି ପାଟଣାଗଡର ସଂପାଦା ମହାନ୍ତିଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଆଜି ସମ୍ମାନିତ ଅତିଥି ଭାବେ ଫାଓ ସଭାପତି ଶ୍ରୀକର ମିଶ୍ର, ଜିଲ୍ଲା କ୍ରୀଡା ସଂଘ ସଂପାଦକ ହରିନାରାୟଣ ପୁଜାରୀ, ପୁଇଁନ୍ତଲା ବ୍ଲକ ଚେୟାରମେନ ସରୋଜ ପ୍ରଧାନ, ଗାନ୍ଧୀ କ୍ଲବ ସଭାପତି ରାମଚନ୍ଦ୍ର ପୁରୋହିତ, ଫ୍ରେଣ୍ଡକ୍ଲବ ପ୍ରେସିଡେଣ୍ଟ ଲୋଟସ ଷଡଙ୍ଗି, ସଂପାଦକ ଜଗନ୍ନାଥ ମିଶ୍ର ପ୍ରମୁଖ ମଞ୍ଚାସିନ ଥିଲେ ।

## ଚାରିଦିନିଆ ଚିତ୍ର ମହୋତ୍ସବ ଉଦଯାପିତ

# ପ୍ରଥମ ଥର ପାଇଁ ତିନି କୃତୀ ଚିତ୍ର ଶିଳ୍ପୀଙ୍କୁ ବୃତ୍ତି ପ୍ରଦାନ

**ବାରିପଦା, ନ୍ୟୁଜ ବ୍ୟୁରୋ**



ସୃଷ୍ଟିର ସଂରଚନା କରିଥିବା ଭଗବାନ ସବୁଠୁ ବଡ଼ ଚିତ୍ର କର ହୋଇଥିବା ବେଳେ ପ୍ରକୃତି ହିଁ ଚିତ୍ର ଶିଳ୍ପୀକୁ ପ୍ରେରଣା ଯୋଗାଇ ଥାଏ ବୋଲି ଚିତ୍ର ମହୋତ୍ସବର ଉଦଯାପନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସର ୩୬ ତମ ବାର୍ଷିକୋତ୍ସବ ଅବସରରେ ଆୟୋଜିତ ଚାରି ଦିନିଆ ଚିତ୍ର ମହୋତ୍ସବର ଉଦଯାପନୀ ଉତ୍ସବରେ ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ ପିସି ସିଏଫ ତଥା ଲୋକାୟୁକ୍ତ ସଦସ୍ୟ ଡ଼ ଦେବବ୍ରତ ସ୍ୱାଇଁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଏମ ପି ସି ସ୍ୱୟଂ ଶାସିତ ମହା ବିଦ୍ୟାଳୟର ପୂର୍ବତନ ଅଧକ୍ଷା ପ୍ରଫେସର ଡ଼ ବନଜା ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ପରିବେଶବିତ ବିବେକାନନ୍ଦ ପଟ୍ଟନାୟକଙ୍କ ସହିତ ଅଧ୍ୟାପିକା ଆଲପନା ବିଶ୍ୱାଳ ଯୋଗ ଦେଇ ଚିତ୍ର କଳା ସମ୍ପର୍କରେ ଉପସ୍ଥିତ ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କୁ ଉଦବୋଧନ ଦେଇ ଥିଲେ । ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସର ନିର୍ଦ୍ଦେଶିକା ପ୍ରଣତୀ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଚିତ୍ର ମହୋତ୍ସବରେ କୁନି କୁନି ଚିତ୍ରଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ହୋଇ ୫୦୦ ରୁ ଅଧିକ ତୈଳ ଚିତ୍ର ସ୍ଥାନ ପାଇଥିଲା । ଅତିଥି ଓ ଚିତ୍ର ପ୍ରେମୀ ଦର୍ଶକ ମାନେ ଏହି ଚିତ୍ର ସମୂହକୁ ଦେଖି ବେଶ ଆନନ୍ଦିତ ହୋଇଥିଲେ । କୁନି କୁନି ହାତରେ ରଙ୍ଗ ତୁଳୀରେ ଅଙ୍କା ଯାଇଥିବା ଚିତ୍ର ଗୁଡିକ ଛାତ୍ର ଛାତ୍ରୀଙ୍କ ଭିତରେ ଥିବା ସୃଜନ ଶୀଳତାର ପରି ପ୍ରକାଶ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ । ଶେଷରେ ସମସ୍ତ ଚିତ୍ର ଶିଳ୍ପୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରା ଯାଇଥିବା ବେଳେ ପ୍ରଥମ ଥର ପାଇଁ ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସ ପକ୍ଷରୁ ତିନି କୃତୀ ଚିତ୍ର ଶିଳ୍ପୀଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରା ଯାଇଥିଲା । ଶିଳ୍ପୀ ନମିତା ବେଶ୍ରାଙ୍କୁ ୩୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ବେଳେ ଅଭିଲିପସା ପଲଙ୍କୁ ୨୫୦୦ ଟଙ୍କା ଓ ପ୍ରତ୍ୟୁଷା ମଢେଇଙ୍କୁ ୧୫୦୦ ଟଙ୍କାର ବୃତ୍ତି ସହ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର କଳା ଶିକ୍ଷକ ଜ୍ୟୋତି ରଞ୍ଜନ ମହାପାତ୍ର, ଓମ ପଟ୍ଟନାୟକ, ଜୟଶ୍ରୀ ଦାସ, ତରୁଣ କାନ୍ତି ବେହେରା, ପ୍ରିୟଦର୍ଶିନୀ ପଟ୍ଟନାୟକ, ମହାଶ୍ୱେତା ଜେନା, ସଞ୍ଜୟ କୁମାର ମାରାଣ୍ଡି, ରବି ସିଂ, ଲତାଶା ଦାସ, ସ୍ମୃତି ମହାନ୍ତି,ରଶ୍ମିତା ଦାସ, ଗୁଡଲି ମହାରଣା, ଅଲିଭା ଧଳ, ମାନସୀ ମହାପାତ୍ର ପ୍ରମୁଖ ଚାରିଦିନ ଧରି ଏହି ଚିତ୍ର ମହୋତ୍ସବକୁ ସୁଚାରୁ ରୂପେ ସଞ୍ଚାଳନ କରିଥିଲେ । ସ୍ମୃତି ମହାନ୍ତି ଓ କାବ୍ୟାଞ୍ଜଳି ପାଢ଼ୀ କାର୍ଯ୍ୟକ୍ରମରେ ଉପସ୍ଥାପନା କରିଥିଲେ ।

# ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

**କଟକ,ନ୍ୟୁଜ ବ୍ୟୁରୋ**



ପ୍ରତାପ ନଗରୀସ୍ଥିତ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନଠାରେ ଜିଲ୍ଲାସ୍ତରୀୟ ପାଣି ପଂଚାୟତ ପକ୍ଷ ଉଦଯାପିତ ହୋଇଯାଇଛି । ଏହି ଅବସରରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପାଣି ପଂଚାୟତ ପକ୍ଷ ପାଳନ ସମ୍ପର୍କରେ ନିଜର ମତାମତ ରଖି କୃଷିର ଉନ୍ନତିରେ ଜଳସେଚନର ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ଜଳକଷ୍ଟ ଯୋଗୁଁ ଯେପରି କୃଷି ଓ କୃଷକ ପ୍ରଭାବିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ସେଚାଂଚଳ ଉନ୍ନୟନ ବିକାଶରେ କଟକ ଜିଲ୍ଲାରେ ପାଣି ପଂଚାୟତକୁ ସୁଦୃଢ କରାଯାଇ ଚାଷ କ୍ଷେତ୍ରରେ ଉନ୍ନତି ଆଣିବା ପରିପ୍ରେକ୍ଷୀରେ ଏହି ପକ୍ଷ ପାଳନ କରାଯାଉଛି ବୋଲି ମାନ୍ୟବର ବିଧାୟକ କଟକ ସଦର ଇଂ ପ୍ରକାଶ ଚନ୍ଦ୍ର ସେଠୀ ଓ ମାନ୍ୟବର ବିଧାୟକ ନିଆଳି ଛବି ମଲ୍ଲିକ, ବିଧାୟକ ମାହାଙ୍ଗା ସାରଦା ପ୍ରସାଦ ପ୍ରଧାନ ପ୍ରମୁଖ ମତବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ କୃଷି, ମତ୍ସ୍ୟ, ଉଠା ଜଳସେଚନ ଓ ଓରମାସ ପକ୍ଷରୁ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ପ୍ରକାଶ ଥାଉକି ରାଜ୍ୟରେ ୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ପାଣି ପଂଚାୟତ ପକ୍ଷ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ କଟକ ଜିଲ୍ଲାରେ ପାଣି ପଂଚାୟତର ବାର୍ତା ନେଇ ପାଣି ପଂଚାୟତ ରଥ ବିଭିନ୍ନ ବ୍ଲକ୍ ଓ ଗ୍ରାମାଂଚଳ ଭ୍ରମଣ କରିଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ପୂର୍ବାଂଚଳ ଜଳସେଚନ ମଣ୍ଡଳ-୧ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସୁଶାନ୍ତ କୁମାର ମୁନା, ୱାଲମିର ନିର୍ଦ୍ଦେଶକ ଅବିନାଶ ରାଉଳ, ମହାନଦୀ କାଠଯୋଡି ଉତରର ମୁଖ୍ୟ ଯନ୍ତ୍ରୀ ଦିଲୀପ ରାଉତ, ପ୍ରାକ୍ତନ କୃଷି ବିଶେଷଜ୍ଞ ସୁଧନ୍ୟ ଚନ୍ଦ୍ର ପାତ୍ରଙ୍କ ସମେତ ଜଳସେଚନ ବିଭାଗର ସମ୍ପୃକ୍ତ ଯନ୍ତ୍ରୀ ଓ ଅଧିକାରୀ, ଚାଷୀ ଓ ପାଣି ପଂଚାୟତ ସଦସ୍ୟ ଉପସ୍ଥିତ ଥିଲେ ।

# ଜାତୀୟ ଯୁବ ଦିବସରେ ନିଶା ମୁକ୍ତ ଭାରତ ଉପରେ ସଚେତନତା

**ଜୟପୁର, ନ୍ୟୁଜ ବ୍ୟୁରୋ**

ଜାତୀୟ ଆଇନ ସେବା ପ୍ରାଧିକରଣ, ଏବଂ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁଶାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ ଜୟପୁର ଆନୁକୂଲ୍ୟରେ ପ୍ରଦୀପ କୁମାର ମହନ୍ତ, ଜିଲ୍ଲା ଜଜ ତଥା ଅଧକ୍ଷ ଜିଲ୍ଲା ଆଇନ ସେବାପ୍ରାଧିକରଣ, ଙ୍କ ତତ୍ୱବଦାନରେ ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସଭା ଗୃହ ଠାରେ ଜାତୀୟ ଯୁବ ଦିବସ ଅବସରରେ ନିଶା ମୁକ୍ତ ଭାରତ ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅତୀଥୀ ଭାବରେ ବିଷ୍ଣୁ ପ୍ରସାଦ ଦେବତା ରେଜିଷ୍ଟ୍ରାର ସିଭିଲ କୋର୍ଟ ତଥା ଭାରପ୍ରାପ୍ତ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର, ପ୍ରମୋଦ କୁମାର ଦାଶ ଚିଫ୍ ଲିଗାଲ ଏଡ ଡିଫେନ୍ସ କାଉନସେଲ, ଡକ୍ଟର ବି. ଜୟବାବୁ ଜିଲ୍ଲା ଚିକିତ୍ସା ଅଧିକାରୀ ଜୟପୁର, ଶ୍ରୀ ବିରଂଚି ନାରାୟଣ ଜଗତ ପୋଲିସ ଉପ-ଅଧିକ୍ଷକ କୋରାପୁଟ, ନକ୍ଷତ୍ର ଭୁଷଣ ନାୟକ ଔଷଧ ପରିଦର୍ଶକ ଜୟପୁର, କେ ଦିବାକର ରାଓ, ହରିଶ୍ଚନ୍ଦ୍ର ମୁଦୁଲା, ଡେପୁଟି ଲିଗାଲ ଏଡ ଡିଫେନ୍ସ କାଉନସେଲ ଏବଂ ଶ୍ରୀମତୀ ଗ୍ରସୀ ମଲ ବାଗ୍ ଜିଲ୍ଲା ସଂଯୋଜକ ଓଡ଼ିଶା ଜୀବିକା ମିଶନ କୋରାପୁଟ ଯୋଗଦେଇଥିଲେ। ନାଲସା (ଉଇଡଘ - ଡ୍ରଗ୍ସ ସଚେତନତା ଏବଂ ସୁସ୍ଥତା ନେଭିଗେସନ୍ - ଡ୍ରଗ୍ ଫ୍ରି ଇଣ୍ଡିଆ ପାଇଁ) ଯୋଜନା, ୨୦୨୫, ନ୍ୟାୟ ପାଇବା ସୁନିଶ୍ଚିତ କରିବା, ଆଇନଗତ ସଚେତନତା ପ୍ରସାର କରିବା ଏବଂ ଡ୍ରଗ୍ସ ଅପବ୍ୟବହାରର ଶିକାର ହୋଇଥିବା ଲୋକଙ୍କୁ ସମର୍ଥନ କରିବା ପାଇଁ ଜିଲ୍ଲା ସ୍ତରରେ ୟୁନିଟ୍ ପ୍ରତିଷ୍ଠା କରି ଏକ ବ୍ୟାପକ ପଦ୍ଧତି ଗ୍ରହଣ କରେ, ଯାହା ଦ୍ୱାରା ଏକ ସୁସ୍ଥ, ସୁରକ୍ଷିତ ଏବଂ ଡ୍ରଗ୍ସ ମୁକ୍ତ ପାଇଁ ପଥ ପ୍ରଶସ୍ତ ହୁଏ ବୋଲି ମଂଚାସିନ ଅତିଥି ଗଣ ସଚେତନତା ବାର୍ତା ମଧରେ ପରିପ୍ରକାଶ କରିଥିଲେ।

# ସାବିତ୍ରୀଙ୍କୁ 'ଘରମଣୀ' ଉପହାର ଦେଲେ ଶ୍ରୀ ଜଗନ୍ନାଥ ଟ୍ରଷ୍ଟ

**କେନ୍ଦ୍ରାପଡା,ନ୍ୟୁଜ ବ୍ୟୁରୋ**



ଅତୀତରେ ପୁରାଣ ପୃଷ୍ଠାରେ ଘରମଣୀ ଏକ ଛେଳିର ନାମ ଅଟେ । ଯାହା ପାଇଁ ତଅପୋଇଙ୍କ କାହାଣୀ ବର୍ଣିତ ଅଛି । ଏହିପରି ଏକ ଘଟଣାରେ କେନ୍ଦ୍ରାପଡ଼ା ଜିଲ୍ଲାର ଶାମସୁନ୍ଦରପୁର ବ୍ଲକ ଅନ୍ତର୍ଗତ ଦୂତିଆଳ ଗ୍ରାମର ସାବିତ୍ରୀ ବାରିକଙ୍କ ଦୁଃଖଭରା କାହାଣୀ। ସ୍ୱାମୀ ଦୀନବନ୍ଧୁ ବାରିକ ଆଉ ପାରିରେ, ନା ପୁଅ ଅଛି ନା ଅନ୍ୟ ସମ୍ବଳ ଅଛି। ଜୀବନ ଶୈଳୀ ଅତ୍ୟନ୍ତ କଷ୍ଟମୟ । ଏହି ଖବରକୁ ଜାଣିବା ପରେ କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପହଞ୍ଚିଥିଲେ ସାବିତ୍ରୀଙ୍କ ଘରେ । ତାଙ୍କର ସମସ୍ୟା ବିଷୟରେ ସବୁ ଜାଣିବା ପରେ ସ୍ୱରୋଜଗାର ପାଇଁ ଟ୍ରଷ୍ଟ ପକ୍ଷରୁ ଆଲୋଚନା ହୋଇଥିଲା । ଟ୍ରଷ୍ଟ ତରଫରୁ ସାବିତ୍ରୀଙ୍କ ପାଇଁ ଆତ୍ମ ନିର୍ଭରଶୀଳ ପାଇଁ ଏକ ଛେଳି ପ୍ରଦାନ କରାଯାଇଛି । ଯାହା ତାଙ୍କର ଜୀବନ ଶୈଳୀକୁ ବଦଳାଇବ ବୋଲି ଟ୍ରଷ୍ଟର କର୍ମକର୍ତ୍ତା ଆଶା ରଖିଛନ୍ତି । ଘରମଣୀକୁ ପାଇ ବହୁତ ଖୁସୀ ଅଛନ୍ତି ସାବିତ୍ରୀ । ମନ ଖୋଲି କହିଥିଲେ ସାବିତ୍ରୀ ଆଜି ଠାରୁ ଘରମଣୀ ମୋ ବଞ୍ଚିବାର ସାହା ଭରସା । ଆଜିର କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ଟ୍ରଷ୍ଟର ଗୁରୁଜନ ନିମାଇଁ ଚରଣ କର ଓ ଦୀପ୍ତି ରଞ୍ଜନ ସେଠୀ ସାମିଲ ଥିଲେ ।

# ନବ କୁଣ୍ଡୀୟ ରାଷ୍ଟ୍ରୀୟ ଶୌର୍ଯ୍ୟ ସମୃଦ୍ଧି ଗାୟତ୍ରୀ ମହାଯଜ୍ଞ

**ବ୍ୟାସନଗର,ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାର ବ୍ୟାସନଗର ଗୋପବନ୍ଧୁ ଛକ ଠାରେ ଥିବା ନନ୍ଦରାମ ବଟିକା ପ୍ରାଙ୍ଗଣରେ ବ୍ୟାସନଗର ଗାୟତ୍ରୀ ମଣ୍ଡଳ ପକ୍ଷରୁ ନବ କୁଣ୍ଡିୟ ଶୌର୍ଯ୍ୟ ସମୃଦ୍ଧି ଗାୟତ୍ରୀ ମହା ଯଜ୍ଞର ରବିବାର ଶୁଭାଧିବେଶ ହୋଇଛି । ଏଥି ଉପଲକ୍ଷେ ୧୦୮ କଳସ ଯାତ୍ରା ମହିଳା ମାନେ ବ୍ରତ ରଖି ପୁଷ୍କରିଣୀରୁ କଳସ ରେ ବୈଦିକ ରୀତି ଅନୁ ସାରେ ଜଳ ଆଣି ଯଜ୍ଞ ମଣ୍ଡପ କୁ ଆସିଥିଲେ। କଳସ ଯାତ୍ରା ଏକ ବର୍ଣ୍ଣାଢପରିବେଶରେ ବେଦ ମନ୍ତ୍ରୀ ଉଚ୍ଚାରଣ ନାମ ସଂକୀର୍ତ୍ତନରେ ଏକ ବିରାଟ ପଟୁଆରରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଯଜ୍ଞ ମଣ୍ଡପ ରେ ଧ୍ୟାନ ଯୋଗ ପ୍ରଣକ୍ଷୟମ, ଧର୍ମ ଧ୍ୱଜ୍କ୍ଷ ରକ୍ତଦାନ ସନ୍ଧ୍ୟା ସମୟ ରେ ଗାୟତ୍ରୀ ଚାଳିଶା ପଠନ ଭାବ୍ୟ ଆଳତି ଓ ଯୁବ ସମ୍ମିଳନୀ ଓ ପ୍ରବଚନ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇ ଗାୟତ୍ରୀ ମାତା ଙ୍କ ଆଶୀଷ ଭିକ୍ଷା କରି ଥିଲେ।

# କେନ୍ଦୁଝରର ନଗର ବିଜେପିର ବନ୍ଧୁମିଳନ

**କେନ୍ଦୁଝର,ନ୍ୟୁଜ ବ୍ୟୁରୋ**



କେନ୍ଦୁଝର ନଗର ବିଜେପି ପକ୍ଷରୁ କେନ୍ଦୁଝର ସହର ନିକଟସ୍ତ ଗୋବିନ୍ଦପୁରଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ନଗର ସଭାପତି ଅସିତନନ୍ଦନ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ରେ ନଗର ସାଧାରଣ ସମ୍ପାଦକ ରାଜେନ୍ଦ୍ର ପାତ୍ର ସମସ୍ତ କାର୍ଯ୍ୟକ୍ରମ କିଭଳି ବ୍ୟବସ୍ଥିତ ଭାବରେ ଭବ୍ୟ ଭାବେ ହୋଇପାରିବ ସେଥିପାଇଁ ସମସ୍ତ ଦାୟିତ୍ୱ ନେବା ସହିତ ଏହାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନୂତନ ଭାବେ ଦାୟିତ୍ୱ ପାଇଥିବା ସରକାରୀ ଓକିଲ ମାନଙ୍କୁ ସ୍ୱାଗତ ତଥା ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ନୂତନ ଭାବେ ଦାୟିତ୍ୱ ପାଇଥିବା ଜିଲ୍ଲା ବିଜେପି ସମ୍ପାଦକ ବିଶ୍ୱଜିତ ତ୍ରିପାଠୀ, ନଗର ମଣ୍ଡଳ ସଭାପତି ଅସିତନନ୍ଦନ ମହାନ୍ତି, ଜିଲ୍ଲା କାର୍ଯ୍ୟାଳୟ ସହ-ସମ୍ପାଦକ ସୁଶୀଲ କୁମାର ନାଏକଙ୍କୁ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା। ନଗର ବିଜେପିର ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ କେନ୍ଦୁଝରଗଡ଼ ପୌରପାଳିକାର ଅଧକ୍ଷା ନିକୁ ସାହୁଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ନଗର ମଣ୍ଡଳରୁ ଜିଲ୍ଲା ତଥା ରାଜ୍ୟ ଦାୟିତ୍ୱରେ ଥିବା ସମସ୍ତ ପଦାଧିକାରୀମାନେ ମଧ ଉପସ୍ଥିତ ଥିଲେ। ନଗର ଯୁବ ମୋର୍ଚ୍ଚା ଏବଂ ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ମାନଙ୍କ ସହଯୋଗରେ ଏହି ଭବ୍ୟ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମହୋତ୍ସବ ଐତିହ୍ୟ, ଇତିହାସ ଓ ପରମ୍ପରାକୁ ଉଜାଗର କରେ

**ଭଦ୍ରକ,ନ୍ୟୁଜ ବ୍ୟୁରୋ**

ଭଦ୍ରକ ମାଟି ହେଉଛି ସ୍ୱାଭିମାନର ମାଟି,ସ୍ୱାଭିମାନ ସହିତ ଯିଏ ଖେଳ ଖେଳିବ ତାକୁ ଭଦ୍ରକ ବାସୀ କେବେ କ୍ଷମା ଦେବେନି । ଐତିହାସିକ ଗାନ୍ଧି ପଡିଆକୁ ଜାତିର ପିତା ମହାତ୍ମା ଗାନ୍ଧି ଆସିଥିଲେ ଏଠାରେ କେହିବି ମିଛ କହିବା ଉଚିତ ନୁହଁ ଓ ଭଦ୍ରକ ସାଂସ୍କୃତିକ ମହୋତ୍ସବ ସ୍ଥାନୀୟ ଅଂଚଳର ଇତିହାସ, ଐତିହ୍ୟ, ସଂସ୍କୃତି, ପରମ୍ପରାକୁ ଉଜାଗର କରିବା ସହ ସାରସ୍ୱତ ପ୍ରତିଭାକୁ ଆବିଷ୍କାର କରେ ଓ ସମ୍ମାନିତ କରେ ବୋଲି ଗାନ୍ଧି ପଡିଆ ଠାରେ ଭଦ୍ରକ ସାଂସ୍କୃତିକ ମହୋତ୍ସବର ଦଶମ ସନ୍ଧ୍ୟା ତଥା ଉଦଯାପନୀ ସନ୍ଧ୍ୟାରେ ଅତିଥି ମାନେ ମତ ବ୍ୟକ୍ତ କରିଛନ୍ତି । କମିଟି ର ସଭାପତି ରବିନାରାୟଣ ଖିଲାର ଙ୍କ ସଭାପତିତ୍ୱରେ ଉଦଘାଟକ ଭାବେ କଂଗ୍ରେସ ନେତା ଅସିତ ପଟ୍ଟନାୟକ ଯୋଗଦେଇ ଥିବା ବେଳେ ମୁଖ୍ୟ ଅତିଥିଭାବେ ଭାବେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସମ୍ମାନୀତ ଅତିଥି ଭାବେ ସମାଜସେବୀ ନିର୍ମଳ ଚନ୍ଦ୍ର ବେହୁରିଆ, ରୋ ଶିଶିର ମିଶ୍ର,ରାଧୁ ସାମଲ, ସଂଯୁକ୍ତା ବଳ, ଦମୟନ୍ତୀ ରାଉତ ପ୍ରମୁଖ ଯୋଗଦେଇ ମହୋତ୍ସବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବାବା ଆଖଣ୍ଡଳମଣି ଓ ମା ଭଦ୍ରକାଳୀଙ୍କ ରାସ୍ତା ର ମରାମତି କରାଯିବା ଦରକାର ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଉପସଭାପତି ମନୋରମା ରାୟ ଚୈତାଳୀ ଖିଲାର, କାର୍ଯ୍ୟକାରୀ ସଭାପତି ସୁପ୍ରଭା ପାଣି ,ରୋଜାଲିନ ରାଉତ ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ କ୍ଷସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, କୋଷାଧକ୍ଷ ପ୍ରିୟ ଦର୍ଶନ ବୋଇତି, ସଂଗଠନ ସମ୍ପାଦକ ଅପୂର୍ବ ରଞ୍ଜନ ବେହେରା ଜଗବନ୍ଧୁ ବେହେରା,ଉପଦେଷ୍ଟା ଅତିସ ବେହେରା,ପାର୍ଥ ସାରଥୀ ନାୟକ, ତପନ ସ୍ୱାଇଁ,ସ୍ମୃତି ରଞ୍ଜନ ସାହୁ, ଡ଼.ହରିହର ନାୟକ,ଉମା କଲ୍ୟାଣ ମହାପାତ୍ର, ପ୍ରଭାତ କୁମାର ଦାଶ,ଶିବାନନ୍ଦ ଦାସ, ଅବିନାଶ ପଣ୍ଡା, ରାଜେଶ ଦାସ,ଅଜୟ ପଣ୍ଡା, ଶୁଭଦ୍ୱୀପ ମଲ୍ଲିକ, ରମେଶ ଚନ୍ଦ୍ର ପାଗଳ, ରଶ୍ମି ରଞ୍ଜନ ସାହୁ, ଜଗନ୍ନାଥ ବେହେରା,ଜୟ ଜଗନ୍ନାଥ ମଲ୍ଲିକ,ସୀତାକାନ୍ତ ବିଶ୍ୱାଳ ,କ୍ୟାପଟେନ ଓମକାର, କମଳଲୋଚନ ପଣ୍ଡା , ଜି ଶିବ ଶଙ୍କର, ସୁବ୍ରତ ଦୀକ୍ଷିତ, ଶାନ୍ତନୁ ଦଳେଇ ପ୍ରମୁଖ୍ କର୍ତ୍ତା କର୍ତ୍ତା ମାନେ ଉପସ୍ଥିତ ଥିଲେ । ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଏହି ସନ୍ଧ୍ୟାରେ କଣ୍ଠ ଶିଳ୍ପୀ ଶକ୍ତି ମିଶ୍ର ଙ୍କ ମେଲୋଡି ଓ ସାଇ କଳା, ଆର୍ଯ୍ୟକ୍ଷନର କୁନି କୁନି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ କ୍ଷଶେଷରେ ଦ୍ୱିତୀୟ ପର୍ଯ୍ୟାୟ ରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଜୀବ କିଆ ପ୍ରାୟୋଜିତ ଭଦ୍ରକ ସାଂସ୍କୃତିକ ମହୋତ୍ସବ ପକ୍ଷରୁ ସମସ୍ତ ନୃତ୍ୟ ଅନୁଷ୍ଠାନ ର ନିର୍ଦ୍ଦେଶକ ଓ ପିଲାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଯୁବ ନେତା, ରାକେଶ ପଣ୍ଡା, ବବୁଲ ଦାସ, ଅଶୋକ ନାୟକ,କାଉନ ସିଲର ରାଜେଶ ଦାସ। ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କୃଷିର ବିକାଶରେ ପାଣି ପଞ୍ଚାୟତର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**



ଜଳସମ୍ପଦ ବିଭାଗ ପକ୍ଷରୁ ଯାଜପୁର ବ୍ୟାସନଗର ସ୍ଥିତ ଟାଉନ ହଲଠାରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୨୬ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ଯାଜପୁର ସାଂସଦ ଡ଼ା. ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ଜିଲ୍ଲା ପରିଷଦ ଅଧକ୍ଷା ନଳିନୀ ପ୍ରଭା ଜେନା, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଣବ କୁମାର ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତପନ ମହାପାତ୍ର, ଯାଜପୁର ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ଜାରକା ଅଧିକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାସ ଯୋଗ ଦେଇଥିଲେ। ସାଂସଦ ଡ଼ା. ବେହେରା କହିଥିଲେ ଯେ କୃଷିର ବିକାଶରେ ପାଣି ପଞ୍ଚାୟତର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ମଧ ନଦୀ ସଂଯୋଗୀକରଣ ଉପରେ ଯୋଜନା କରିଥିଲେ। ଯାଜପୁରର ନଦୀଗୁଡ଼ିକରେ ବ୍ୟାରେଜ ନିର୍ମାଣ ସହ ଜାତୀୟ ଜଳପଥ-୫କୁ ସଂଯୋଗ କରିବା ପାଇଁ ସରକାର ଯୋଜନା କରୁଛନ୍ତି ଏବଂ ଏହା ଆଗାମୀ ଦିନରେ କାର୍ଯ୍ୟକାରୀ ହେବ। ଏହାସହ ବ୍ରିଟିଶ ଅମଳର କେନାଲଗୁଡ଼ିକୁ ପୁନରୁଦ୍ଧାର କରି ଜଳସେଚନ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରାଯିବ ବୋଲି ସାଂସଦ କହିଥିଲେ। ଆଣ୍ଡାମାନ ନିକୋବାରରେ ଜଳର ସୁପରିଚାଳନାର ଉଦାହରଣ ଦେଇ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଉପରେ ସାଂସଦ ଡ଼ା. ବେହେରା ଗୁରୁତ୍ୱ ଦେଇଥିଲେ। କୋରେଇ ବିଧାୟକ ଆକାଶ ଦାସ ନାୟକ ପାଣି ପଞ୍ଚାୟତର ଆବଶ୍ୟକତା ସମ୍ପର୍କରେ ବୁଝାଇବା ସହ ରେଙ୍ଗାଲି କେନାଲ କାର୍ଯ୍ୟକାରୀ ହେବା ପରେ କୋରେଇର ଏକ ବୃହତ ଅଞ୍ଚଳ ଲାଭବାନ ହେବ ବୋଲି କହିଥିଲେ। ଏହାସହ ଆଗକୁ ପ୍ରାୟ ୩୦୦ କୋଟି ଟଙ୍କାର ଟେଣ୍ଡର ହେବା ପାଇଁ ଯାଉଛି, ଯାହା ଦ୍ୱାରା କୋରେଇ ଏବଂ ଘସିପୁରା ଅଞ୍ଚଳବାସୀ ଜଳସେଚନ ସୁବିଧା ପାଇବେ। ବାର ମାସ ଅର୍ଥକାରୀ ଫସଲ ଉତ୍ପାଦନ କରି ଚାଷୀ ମାନେ କିଭଳି ଜଣେ ବ୍ୟବସାୟୀ ଏବଂ କୃଷି ଉଦ୍ୟୋଗୀ ହୋଇପାରିବେ, ସେ ଉପରେ ବିଧାୟକ ଗୁରୁତ୍ୱ ଦେବା ସହ ଛାତ୍ରଛାତ୍ରୀଙ୍କ ମଧରେ ପାଣି ପଞ୍ଚାୟତର ସଚେତନତା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ଜଳ, ମୃତ୍ତିକା ଭଳି ପ୍ରାକୃତିକ ସମ୍ପଦର ସଂରକ୍ଷଣ ଓ ସୁପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପାଣିର ଅଭାବକୁ ଦୂର କରି ସଠିକ୍ ବିନିଯୋଗ କରିବା ପାଇଁ ଜିଲ୍ଲାରେ ପାଣି ପଞ୍ଚାୟତମାନ ଗଠନ କରାଯାଇଛି ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ନଳିନୀ ପ୍ରଭା ଜେନା ପାଣି ପଞ୍ଚାୟତ ଦ୍ୱାରା କିଭଳି କୃଷିର ବିକାଶ ହେଉଅଛି, ସେ ସମ୍ପର୍କରେ ବୁଝାଇଥିଲେ। ସେହିଭଳି ମଞ୍ଚାସୀନ ଅତିଥିମାନେ ପାଣି ପଞ୍ଚାୟତର ଗୁରୁତ୍ୱ ଏବଂ କାର୍ଯ୍ୟକାରିତା ଉପରେ ସୁଚିନ୍ତିତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କୃଷି ବୈଜ୍ଞାନିକ ସୁନିଲ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ସୁଧାଂଶୁ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ବିପିନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଟାଉନ୍ ହଲ୍ ପରିସରରେ ମତ୍ସ୍ୟ ସମ୍ପଦ, ଆଗ୍ରୋ ଇଣ୍ଡଷ୍ଟ୍ରିଜ, କୃଷି ବିଭାଗ, ଉଦ୍ୟାନ ବିଭାଗ, ଉଠା ଜଳସେଚନ ବିଭାଗ, ବୃହତ୍ ଉଠା ଜଳସେଚନ ସମ୍ବନ୍ଧୀୟ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପାଣି ପଞ୍ଚାୟତ ପକ୍ଷ ପାଳନରେ ଜିଲ୍ଲାର ବିଭିନ୍ନ ପାଣି ପଞ୍ଚାୟତର ସଭାପତି, ସଦସ୍ୟ, ଚାଷୀ ଭାଇ ଭଉଣୀ ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ପାଣି ପଞ୍ଚାୟତ ସମ୍ପାଦକ ନଳିନୀକାନ୍ତ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶ କାର୍ଯ୍ୟର ସମୀକ୍ଷା କଲେ ଉନ୍ନୟନ କମିଶନର

**ନୂଆପଡ଼ା, ନ୍ୟୁଜ ବ୍ୟୁରୋ**

ନୂଆପଡା ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ବିକାଶ କାର ?ୟ ସବୁର ସମୀକ୍ଷା କରିବା ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ ଆଜି ନୂଆପଡା ଜିଲ୍ଲା ଗସ୍ତ କରିଥିଲେ । ସ୍ଥାନୀୟ ଗୋତମା ଏୟାର ଷ୍ଟ୍ରିପରେ ଅବତରଣ ପରେ ସେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗଦାନ କରିଥିଲେ । ଏହି ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ନୂଆପଡା ବିଧାୟକ ଜୟ ଢୋଲକିଆ, ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା , ଡି ଆଇ ଜି ଦକ୍ଷିଣ ପଶ୍ଚିମାଂଚଳ କୁଅଁର ବିଶାଲ ସିଂ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ୍ ସିଂ, ସାଂସଦଙ୍କ ପ୍ରତିନିଧି ପ୍ରସନ୍ନ ପାଢ଼ୀ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ । ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଉନ୍ନୟନ କମିଶନର କହିଲେ ଯେ ନୂଆପଡ଼ା ଯେହେତୁ ଏକ ଉପାନ୍ତ ଜିଲ୍ଲା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାହୁଁଛନ୍ତି ଏହାର ସର୍ବାଙ୍ଗୀନ ବିକାଶ ହେଉ । ଏହା ଦେଶ ତଥା ରାଜ୍ୟରେ ଏକ ଆଦର୍ଶ ଜିଲ୍ଲା ହିସାବରେ ପରିଗଣିତ ହେଉ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନୁଦାନ ପ୍ରଦାନ କରିଥିବା ୧୫୫୫ କୋଟି ଟଙ୍କାର ପ୍ରକଳ୍ପ ଗୁଡ଼ିକର ଅଗ୍ରଗତିର ସେ ସମୀକ୍ଷା କରିଥିଲେ। ଏଥିରୁ କେବଳ ଜଳସେଚନ ପାଇଁ ୮୦୨ କୋଟି ଥିବାରୁ , କୃଷକ ମାନଙ୍କ ଉନ୍ନତି ପାଇଁ ଏସବୁ ଶୀଘ୍ର ସମାପ୍ତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ୧୦୬୪ ଟି ଗଭୀର ନଳକୂପ ଖନନ ଥିବାରୁ କାମ ଶୀଘ୍ର ସାରି ବିଦ୍ୟୁତ୍ ସଂଯୋଗ ପାଇଁ ଗୁରୁତ୍ୱ ଦେଇଥିଲେ । ଏହା ସହିତ ମଞ୍ଜୁର ହୋଇଥିବା ରାସ୍ତା ଓ କୋଠାବାଡ଼ି ନିର୍ମାଣ କାମ ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉଭୟ ବିଧାୟକ ଜିଲ୍ଲାର ବିଭିନ୍ନ ସମସ୍ୟା ଉପସ୍ଥାପନ କରି ଏହାର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ । ଜିଲ୍ଲାପାଳ ଜିଲ୍ଲାରେ ଗ୍ରହଣ କରାଯାଉଥିବା ଅଭିନବ କାର୍ଯ୍ୟପନ୍ଥା, ଯେପରିକି ପ୍ରବାସୀ ଶ୍ରମିକ ସମସ୍ୟାର ସମାଧାନ ପାଇଁ ଅଭିଯାନ, ବର୍ଦ୍ଧିତ ଜନ ଶୁଣାଣୀ, ପ୍ଲାଷ୍ଟିକ ମୁକ୍ତ ଅଭିଯାନ, ଝିଅପାଇଁ ଗଛଟିଏ , ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ, ପ୍ରାଣୀ ପାଇଁ ଦିନଟିଏ,ପକ୍ଷୀ ପାଇଁ ଦିନଟିଏ, ବରିଷ୍ଠ ନାଗରିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା , ଗାଁ ରେ ରାଜସ୍ୱ ପ୍ରଶାସନ, ୱାର୍ଡରେ ପୌର ପ୍ରଶାସନ, ମାସିକ ଜିଲ୍ଲା ଉନ୍ନୟନ ବୈଠକ ଇତ୍ୟାଦି ବିଷୟରେ ସୂଚନା ଦେଇଥିଲେ କ୍ଷ ଉନ୍ନୟନ ଆୟୁକ୍ତ ଏସବୁର ପ୍ରଶଂସା କରିଥିଲେ । ସମସ୍ତ ଅଧିକାରୀ ମାନଙ୍କୁ ସମନ୍ୱୟ ରକ୍ଷା ପୂର୍ବକ ସମର୍ପିତ ଭାବରେ ସେବା ଯୋଗାଇ ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ । ଏହାପରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ସାମ୍ବାଦିକ ମାନଙ୍କୁ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆମେ ନୂଆପଡ଼ାକୁ ଆସି ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ବିସ୍ତୃତ ଭାବରେ ସମୀକ୍ଷା କରାଗଲା। କିଛି ପ୍ରକଳ୍ପ କାମ ଶେଷ ହେଇଯାଇଛି, କିଛି ଆଗେଇ ଚାଲିଛି, କିଛି ପ୍ରକଳ୍ପ ଟେଣ୍ଡର ଆହ୍ୱାନ ପ୍ରକ୍ରିୟା ଚାଲିଛି , ଆଉ କିଛି ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ ସରିଛି। ଆମେ ସବୁ ପ୍ରକଳ୍ପ ଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆମେ ଆଶା କରିଛୁ, ଜିଲ୍ଲାବାସୀଙ୍କ ସହଯୋଗରେ ଓ ସମସ୍ତ ଅଧିକାରୀଙ୍କ ପ୍ରଚେଷ୍ଟାରୁ ସବୁ ପ୍ରକଳ୍ପ ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ଶେଷ ହେବ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ଜାନୁଆରୀ ୨୦୨୬ ମଙ୍ଗଳବାର





# ବିପୁଳ ଗଞ୍ଜେଇ ଜବତ:୫ ବେଙ୍ଗାଲୀ ଯୁବକ ଗିରଫ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ଗଞ୍ଜେଇ ମାଫିଆମାନେ ଚୋରା ଗଞ୍ଜେଇ କାରବାର କରୁଛନ୍ତି। ମାଫିଆମାନଙ୍କ ଚେର ସମଗ୍ର ଜିଲ୍ଲାକୁ ଗ୍ରାସ କଲାଣି । କୌଣସି ଏକ ବିଶେଷ ସୂତ୍ରରୁ ଖବର ପାଇ ଯାଜପୁର ରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁ ଏବଂ ତାଙ୍କ ଟିମ୍ ସଦଳବଳେ ଚଢ଼ଉ କରି ବ୍ୟାସନଗର ବସ୍‌ଷ୍ଟାଣ୍ଡ ନିକଟରୁ ବ୍ୟାପକ ପରିମାଣର ଗଞ୍ଜେଇ ଜବତ କରିଥିବା ଜଣାପଡିଛି । ବ୍ୟାସନଗର ତହସିଲଦାରଙ୍କ ଉପସ୍ଥିତିରେ ୫ ଜଣ ଯୁବକଙ୍କ ଠାରୁ ମିଳିଲା ୭୬ କେଜି ଗଞ୍ଜେଇ ସିଜ୍ କରାଯାଇଥିବା ଆଇଆଇସି ସୂଚନା ଦେଇଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଏହି ବସ୍ତା ଗୁଡିକରୁ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବଦ କରିଛି ଓ ଗଞ୍ଜେଇ ବେପାରୀ ପାଞ୍ଚ ଜଣଙ୍କୁ ମାଜିଷ୍ଟ୍ରେଟ୍ ଉପସ୍ଥିତରେ ଗିରଫ କରିଛି । ଆସାମୀମାନେ ପଶ୍ଚିମ ବଙ୍ଗର କୋଲକାତା ଅଞ୍ଚଳର ସୁମନ ମଣ୍ଡଳ (୨୫), ଚନ୍ଦନ ସରକାର (୩୦), ଗୋପାଳ ଦେବନାଥ (୨୫), ସ୍ୱପ୍ନ ସରକାର (୨୬) ଓ ସୁଜୟ ହଲ ଦାର (୨୧) ଟ୍ରେନ୍ ଯୋଗେ ଏହି ଗଞ୍ଜେଇ ବସ୍ତାକୁ କୋଲକାତା ପଠାଇଥାନ୍ତେ। ଯାଜପୁର ରୋଡ୍ ଷ୍ଟେସନ୍‌ରୁ ଟ୍ରେନ୍ ଯୋଗେ ଗଞ୍ଜେଇ କଲକାତାକୁ ଚାଲାଣ ହୋଇଆସୁଥିଲା । ଯାଜପୁର ରୋଡଥାନ ଅଧିକାରୀ ଅସିତ କୁମାର ସାହୁ ବିଶେଷ ସୂତ୍ରରୁ ଖବରପାଇ ବସ୍‌ଷ୍ଟାଣ୍ଡ ଉପରେ ଚଢଉ କରି ଗଞ୍ଜାଇ ବସ୍ତାମାନ ଜବତ କରି ପାଞ୍ଚ ଜଣ ଯୁବକକୁ କେଶ୍ ନଂ ୩୩/୨୬ରେ ଗିରଫ କରି ଅବକାରୀ ଆଇନ୍ ଏନ୍‌ଡିପିଏସ୍‌ରେ ଗିରଫ କରି ଆସାମୀ ମାନଙ୍କୁ ଯାଜପୁର କୋର୍ଟ ପଠାଇଛି ଏହି ମାମଲାର ସବ୍ ଇନ୍ସପେକ୍ଟର ମାନସ କୁମାର ସାହୁ ତଦନ୍ତ ଜାରି ରଖିଛନ୍ତି ।

# ସ୍କୁଲ୍ ବସ୍‌ରେ ଅଧିକ ଛାତ୍ରଛାତ୍ରୀ ନେଲେ ହେବ କାର୍ଯ୍ୟାନୁଷ୍ଠାନ

**ବାଲେଶ୍ୱର, ନ୍ୟୁଜ୍**

ସ୍କୁଲ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧିକାରୀ ତଥା ଅଧକ୍ଷ, ଡିଆର୍‌ଏସ୍‌ସିଙ୍କ ଦ୍ୱାରା ବିଦ୍ୟାଳୟ ବସ୍ ଓ ଅନ୍ୟାନ୍ୟ ଯାନବାହନ ଗୁଡ଼ିକରେ ନିର୍ଦ୍ଧାରିତ କ୍ଷମତା ଠାରୁ ଅଧିକ ପିଲାଙ୍କୁ ବସାଇଲେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ସମ୍ବନ୍ଧରେ ଆରକ୍ଷୀ ଅଧୀକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ସମସ୍ତ ତହସିଲଦାରଙ୍କୁ ନିଜ-ନିଜ କ୍ଷେତ୍ରର ଅଧୀନସ୍ଥ କର୍ମଚାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରି କଠୋର ଓ ନିୟମିତ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବିଶେଷ ଭାବେ ସମସ୍ତ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନର ପରିଚାଳନା କମିଟି/ସଂସ୍ଥା ମାନଙ୍କୁ ଏହି ବିଷୟରେ ସତର୍କ ରହିବାକୁ ନିର୍ଦ୍ଦେଶ ଜାରି କରିବାକୁ କୁହାଯାଇଛି। ନିର୍ଦ୍ଧାରିତ କ୍ଷମତା ଠାରୁ ଅଧିକ ଶିଶୁ ବହନ କରୁଥିବା କୌଣସି ଯାନ ବ୍ୟବହୃତ ହେଲେ, ସେଥିପାଇଁ ସମ୍ପୃକ୍ତ ବିଦ୍ୟାଳୟ ପ୍ରବନ୍ଧନ, ଯାନ ମାଲିକ ଓ ଚାଳକଙ୍କ ବିରୋଧରେ ମୋଟର ଭେହିକଲ୍ ଆକ୍ଟ-୧୯୮୮ ଓ ସମ୍ପର୍କିତ ନିୟମାବଳୀ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଭାବକ, ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଯାନ ଚାଳକ/ମାଲିକମାନଙ୍କୁ ପିଲାଙ୍କ ସୁରକ୍ଷା ପାଇଁ ସହଯୋଗ କରିବା ଓ ସମସ୍ତ ଯାତାୟାତ ନିୟମ କଡାକଡି ପାଳନ କରିବାକୁ ଅନୁରୋଧ କରାଯାଇଛି।

# ୬୧ ବର୍ଷର ପୁରୁଣା କୋଠାରେ ଚାଲିଛି ଓଏସ୍ଆରଟିସି କାର୍ଯ୍ୟାଳୟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସୁଚାରୁ ରୂପେ ଏକ ସରକାରୀ ବ୍ୟବସ୍ଥା ପରିଚାଳନା ନିମନ୍ତେ ଏକ କାର୍ଯ୍ୟାଳୟର ଆବଶ୍ୟକତା ରହିଛି । ଉକ୍ତ କୋଠା ବା କାର୍ଯ୍ୟାଳୟରେ ବସି କର୍ମଚାରୀମାନେ ସରକାରଙ୍କ ବିଭିନ୍ନ ବ୍ୟବସ୍ଥା ପରିଚାଳନା କରୁଥିବା ବେଳେ ହିତାଧିକାରୀଙ୍କ ଭଲମନ୍ଦ ଚିନ୍ତା କରିଥାନ୍ତି । କିନ୍ତୁ ସହରର ଶଶି ଭୂଷଣ ରଥ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ କାର୍ଯ୍ୟାଳୟରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ବ୍ରହ୍ମପୁର ସହର ଦେଇ ରାଜ୍ୟର ବିଭିନ୍ନ ସ୍ଥାନକୁ ବସ୍ ଯାତାୟାତ କରୁଥିବା ବେଳେ ଏଥିରେ ପ୍ରତିଦିନ ଶତାଧିକ ଯାତ୍ରୀ ଯାତ୍ରା କରୁଛନ୍ତି । ଏହି ବ୍ୟବସ୍ଥା ପରିଚାଳନା କରିବା ନିମନ୍ତେ ବ୍ରହ୍ମପୁର ସ୍ଥିତ ଓଏସ୍‌ଆର୍‌ଟିସି କାର୍ଯ୍ୟାଳୟରେ ୧୫ରୁ ଉର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟ କରୁଛନ୍ତି । ଜର୍ଜରିତ ଓ ଅସୁରକ୍ଷିତ କୋଠାରେ ଦୈନିକ ଘଣ୍ଟା ଘଣ୍ଟା ବସି ଯାତ୍ରୀଙ୍କ ସୁରକ୍ଷାକୁ ଚିନ୍ତା କରୁଥିବା କର୍ମଚାରୀମାନେ ଅସୁରକ୍ଷିତ ଭାବେ କାର୍ଯ୍ୟ କରୁଛନ୍ତି । ୧୯୬୪ ମସିହାରେ ନିର୍ମିତ ଅସୁରକ୍ଷିତ ପୁରୁଣା କୋଠାରେ ଉକ୍ତ କର୍ମଚାରୀମାନେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ପ୍ରାୟ ୬୧ ବର୍ଷର ପୁରୁଣା ଏହି କୋଠାର ଛାତ ଫଲସ୍ତର ଖସିବା ସହ ଲୁହା ରଡ୍ ଖୋଲା ଅବସ୍ଥାରେ ରହିଥିବାରୁ ଯେକୌଣସି ସମୟରେ ଦୁର୍ଘଟଣା ଘଟିବା ଆଶଙ୍କା ବଢ଼ିଛି । ବର୍ଷା ହେଲେ କୋଠା ଭିତରକୁ ଝରାଉଥିବା ସହ ବିଦ୍ୟୁତ୍ ତାର ଖୋଲା ରହିବା ଯୋଗୁଁ କାମ କରୁଛନ୍ତି । ଏହା ସହ କୋଠା ନିକଟରେ ଏକ ବଡ଼ ବରଗଛ ରହିଥିବା ବେଳେ ଉକ୍ତ ଗଛଟିର ଚେର କୋଠାର ବିଭିନ୍ନ ଆଡ଼େ ମାଡ଼ିଥିବା ଦେଖିବାକୁ ମିଳିଛି । ଏଭଳି ସ୍ଥିତିରେ ବରଗଛ ଚେର ଉକ୍ତ ପୁରୁଣା କୋଠାକୁ ଦୁର୍ବଳ କରୁଛି । ଏପରି ସ୍ଥିତିରେ କେଉଁ ସମୟରେ ମଧ୍ୟ କିଛି ଅଘଟଣ ଘଟିବା ଯଥେଷ୍ଟ ସମ୍ଭାବନା ରହିଛି । ଏ ସମସ୍ୟା ବିଷୟରେ ପୂର୍ବରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ । ସୁରକ୍ଷିତ କାର୍ଯ୍ୟ ପରିବେଶ ଦାବି କରି କର୍ମଚାରୀମାନଙ୍କ ସୁରକ୍ଷାକୁ ଦୃଷ୍ଟି ଦେବା ସହ କୋଠା ମରାମତି କିମ୍ବା ବିକଳ୍ପ ବ୍ୟବସ୍ଥା କରାଯିବାକୁ ବିଭିନ୍ନ ମହଲରେ ଦାବି ହୋଇଛି । ଅନ୍ୟପକ୍ଷରେ କାର୍ଯ୍ୟାଳୟ ଚାଲିଥିବା କୋଠା ବହୁ ପୁରୁଣା ହୋଇଥିବା ବେଳେ ଉକ୍ତ କୋଠାକୁ ଭଙ୍ଗା ଯାଇ ନୂତନ କୋଠା ନିର୍ମାଣ ନିମନ୍ତେ ଯୋଜନା ଚାଲିଥିବା ଓଏସ୍‌ଆର୍‌ଟିସିର ଜିଲ୍ଲା ପରିଚାଳନା ଅରବିନ୍ଦ ମହାନ୍ତି କହିଛନ୍ତି ।

# ସ୍ୱଦେଶୀ ସଂକଳ୍ପ ଯାତ୍ରା ରଥକୁ କେନ୍ଦୁଝରରେ ଭବ୍ୟ ସ୍ୱାଗତ

**କେନ୍ଦୁଝର, ନ୍ୟୁଜ୍**

ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ସ୍ୱଦେଶୀ ସଂକଳ୍ପ ରଥ ଆସି କେନ୍ଦୁଝର ଜିଲ୍ଲାରେ ପହଞ୍ଚିଥିଲା। ସଂକଳ୍ପ ଯାତ୍ରା ଜିଲ୍ଲା ସଂଯୋଜକ ମାନସ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ରଥକୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସ୍ୱାଗତ କରାଯାଇଥିଲା। ରଥ ପହଞ୍ଚିବା ପରେ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଘୋଷ ବଜାଇ ଅଭିବାଦନ କରିଥିବା ବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀ ମହିଳାମାନେ ପୁଷ୍ପ ବୃଷ୍ଟି କରି ସ୍ୱାଗତ କରି ବିଦ୍ୟା ମନ୍ଦିର ଭିତରକୁ ରଥକୁ ନେଇଥିଲେ। ସେଠାରେ ଜିଲ୍ଲା ସଂଘଚାଳକ ଭାଗିରଥି ପୃଷ୍ଟି ଉପସ୍ଥିତ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀଙ୍କୁ ଉଦ୍‌ବୋଧନ ଦେବା ସହ ସ୍ୱଦେଶୀ ସଂକଳ୍ପ ପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ସ୍ୱଦେଶୀ ଜାଗରଣ ମଞ୍ଚ କେନ୍ଦୁଝର ଶାଖା କାର୍ଯ୍ୟକର୍ତ୍ତା ସନ୍ତୋଷ ମହାପାତ୍ର ପରିଚାଳନା କରିଥିବା ବେଳେ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅଲେଖ ମହାନ୍ତ, ସ୍ୱେଚ୍ଛାସେବୀ ବବିତା ରାମ, ପ୍ରମୋଦ ବାବୁ ସହଯୋଗ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ଭୂୟାଁ ପୁରୀ ବିଭାଗ ସଂଯୋଜକ, ରାଜେଶ ଦାସ, ପ୍ରାନ୍ତ ସଂଗଠକ, ଓଡ଼ିଶା ପୂର୍ବ, ହୃଷିକେଶ ପ୍ରଧାନ, ପୂର୍ଣ୍ଣକାଳିକ, ନୟାଗଡ଼ ଜିଲ୍ଲା ଧୀରେନ୍ଦ୍ର ସାହୁ, ମନୋଜ ଶତପଥୀ , ଭବାନୀ ଶଙ୍କରଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ। ପରେ ସ୍ୱଦେଶୀ ସଂକଳ୍ପ ରଥ ମୟୁରଭଞ୍ଜ ଜିଲ୍ଲା ଗସ୍ତରେ ବାହାରି ଯାଇଥିଲା।

# ବାଲି ମାଫିଆର ବାହାର ରାଜ୍ୟ ଲିଙ୍କ ଉପରେ ରେଡ଼୍ କଲା ଇଡ଼ି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲି ମାଫିଆର ବାହାର ରାଜ୍ୟ ଲିଙ୍କ ଉପରେ ରେଡ କଲା ଇଡି । ଗଞ୍ଜାମର ବାଲି ମାଫିଆଙ୍କ ଚେର ଲମ୍ବିଛି ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ଯାଏଁ। ଆଉ ଏଇ ଚେରକୁ ଖୋଜିବାକୁ ଏବେ ପଡ଼ୋଶୀ ରାଜ୍ୟରେ ତଦନ୍ତ ଆରମ୍ଭ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଗଞ୍ଜାମରେ ଦୀର୍ଘ ବର୍ଷ ଧରି ବେଆଇନ୍ ବାଲି କାରବାର ଚଲାଉଥିବା ମାଷ୍ଟର ମାଇଣ୍ଡ କୃପାସିନ୍ଧୁ ମୁଦୁଲିର ଚେର କେଉଁ ଯାଏଁ ଲମ୍ବିଛି ତାର ସନ୍ଧାନ ପାଇଁ ଲାଗିଛି ଇଡି। ଏନେଇ ୬ ରାଜ୍ୟକୁ ଯାଇ ତଦନ୍ତ ଆରମ୍ଭ କରିଛି।

## ଚୌଦ୍ୱାର ସର୍କଲ୍ ଜେଲ୍‌ରୁ କଏଦୀ ଫେରାର୍ ମାମଲା

# ଜେଲ୍ ସୁପରିଟେଣ୍ଡେଣ୍ଟଙ୍କ ବିରୋଧରେ ଥାନାରେ ଏତଲା

**କଟକ, ନ୍ୟୁଜ୍ ବ୍ୟୁରୋ**

ନୂଆ ମୋଡ଼ ନେଲା କଟକ ଚୌଦ୍ୱାର ସର୍କଲ ଜେଲ୍‌ରୁ କଏଦୀ ଫେରାର୍ ଘଟଣା । ଜେଲ୍ ସୁପରିଟେଣ୍ଡେଣ୍ଟଙ୍କ ବିରୁଦ୍ଧରେ ସଙ୍ଗୀନ ଅଭିଯୋଗ ଆଣିଲେ ପୂର୍ବତନ ଜେଲର । ଚୌଦ୍ୱାର ସର୍କଲ ଜେଲ୍ ସିନିୟର୍ ସୁପରିଟେଣ୍ଡ ସୁଜିତ କୁମାର ରାଉଳଙ୍କ ବିରୋଧରେ ଚୌଦ୍ୱାର ଥାନାରେ ମାମଲା । ପୂର୍ବତନ ଜେଲର ସନ୍ତୋଷିନୀ ଦାସ ସୁଜିତଙ୍କ ବିରୋଧରେ ନିଜ ପଦବୀର ଅପବ୍ୟବହାର, ଦସ୍ତଖତ ଜାଲିଆତି, ଅଫିସ୍ ରେକର୍ଡ ହେର୍‌ଫେର୍ ଭଳି ସଙ୍ଗୀନ ଅଭିଯୋଗ ଆଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଗତ ୪ ଜାନୁଆରୀ ୨୦୨୫ରେ ପାଣିକୋଇଲି ସ୍ଥିତ ପଣ୍ଡା ଅଳଙ୍କାର ଦୋକାନ୍ ଲୁଟ୍ ଉଦ୍ୟମ ସମୟରେ ବିହାରର ରାଜା ସାହାଣୀ ଏବଂ ମଧୁକାନ୍ତ କୁମାର ନାମକ ଦୁଇ ଜଣ ଅପରାଧୀ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଥିଲେ । ସେମାନଙ୍କ ଲୁଟ୍ ଉଦ୍ୟମକୁ ବିଫଳ କରିଥିଲେ ସ୍ଥାନୀୟ ଲୋକେ । ହେଲେ ଲୋକଙ୍କ ଭିଡ଼ରୁ ବର୍ତ୍ତିବା ପାଇଁ ଏହି ଦୁଇ ଅପରାଧୀ ଗୁଳି ଚଳାଇ ଦୁଇ ଜଣ ନୀରିହ ଲୋକଙ୍କୁ ହତ୍ୟା କରିଥିଲେ । ଯେଉଁଥିରେ ନୀଳମାଧବ ପଣ୍ଡା ଓ ଅନିଲ ରାୟ ନାମକ ଦୁଇ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା । ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଅପରାଧୀଙ୍କୁ ଗିରଫ କରି ଚୌଦ୍ୱାର ଜେଲ୍‌କୁ ପଠାଇଥିଲା । କିନ୍ତୁ ଘଟଣାର ୯ ମାସ ପରେ ଅର୍ଥାତ୍ ଗତ ଅକ୍ଟୋବର ୩ ତାରିଖରେ ରାଜା ଏବଂ ମଧୁକାନ୍ତ ଜେଲ୍‌ରୁ ଚମ୍ପଟ୍ ମାରିଥିଲେ । ଯାହାଙ୍କ ଏବେବି କୌଣସି ଟେର୍ ପାଉନି ପୋଲିସ । ଏହି ଘଟଣାକୁ ନେଇ ଶନିବାର ଜେଲ୍ ସିନିୟର୍ ସୁପରିଟେଣ୍ଡେଣ୍ଟ ସୁଜିତ୍ କୁମାର ରାଉଳଙ୍କ ନାମରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ଚୌଦ୍ୱାର ଜେଲ୍‌ର ପୂର୍ବତନ ଜେଲର ସନ୍ତୋଷିନୀ ଦାସ । ଦସ୍ତଖତ ଜାଲିଆତି, ଅଫିସ୍ ରେକର୍ଡ ହେର୍‌ଫେର୍ ଅଭିଯୋଗ ଆଣି ଚୌଦ୍ୱାର ଥାନାରେ ଏତଲା ଦେଇଛନ୍ତି ସନ୍ତୋଷିନୀ । ଅଭିଯୋଗ ମୁତାବକ ଅକ୍ଟୋବର ୨ ଦିନ ସୁପରିଟେଣ୍ଡେଣ୍ଟ ଜେଲ୍‌କୁ ସକାଳେ ଏକ ଘଣ୍ଟା ପାଇଁ ଆସି ପଳାଇଯାଇଥିଲେ, ଯାହାକି ସିସିଟିଭିରେ କଏଦ ହୋଇଛି । ମାତ୍ର ଅଫିସ୍ ରେକର୍ଡ଼ ଅନୁସାରେ ସେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଜେଲ୍‌ରେ ରହିଥିଲେ ବୋଲି ଦର୍ଶାଯାଇଛି । ଚମ୍ପଟ୍ ମାରିବାର ଘଟଣା ତଦନ୍ତ ହେଲା ପରେ ସୁପରିଟେଣ୍ଡେଣ୍ଟ ଜେଲରଙ୍କ ଜାଲ୍ ଦସ୍ତଖତ କରି ଜେଲରଙ୍କ ପରାମର୍ଶରେ ଛୁଟି ନେଇ ଖୋର୍ଦ୍ଧା ଯାଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ଏଥିସହ ସନ୍ତୋଷିନୀଙ୍କ କହିବା ମୁତାବକ ଯେ, ଯଦି ଜଣେ ଲୋକ ସିସିଟିଭି ଫୁଟେଜ୍ ମୁତାବକ ଜେଲ୍‌ରେ ୧ ଘଣ୍ଟା ରହିଥିଲେ । ପରେ ତଦନ୍ତ ବେଳେ ଖୋର୍ଦ୍ଧା ଯାଇଥିଲେ, ତେବେ କିପରି ଭାବରେ ଅଫିସ୍ ଗେଟ୍ ଇନ୍ ଆଉଟ୍ ରେଜିଷ୍ଟର୍‌ରେ ସନ୍ଧ୍ୟା ପର୍ଯ୍ୟନ୍ତ ଜେଲ୍‌ରେ ଥିଲେ ? ଏହାର ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚୌଦ୍ୱାର ପୋଲିସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ଉଭୟ ସୁପରିଟେଣ୍ଡେଣ୍ଟ ଓ ଅଭିଯୋଗକାରିଣୀ ପୂର୍ବତନ ଜେଲରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ୨୩ରେ କଟକ ଆସିବେ ଉପ ରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍



**କଟକ, ନ୍ୟୁଜ୍ ବ୍ୟୁରୋ**

ଜାନୁଆରୀ ୨୩ ତାରିଖରେ କଟକ ଆସିବେ ଉପ ରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ । ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ କଟକ ଓଡ଼ିଆ ବଜାର ସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟ ଆସିବେ । ଆସିବା ନେଇ ସହମତି ପ୍ରଦାନ କରିଛନ୍ତି ଉପ ରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ । ଉପ ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ଯୋଗଦେବେ । ଏନେଇ ସୂଚନା ଦେବା ସହ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟର ତଦାରଖ କରିଛନ୍ତି ସଂସ୍କୃତି ସଚିବ ବିଜୟ କେତନ ଉପାଧ୍ୟାୟ ।

# ଝୁଲନ୍ତା ମୃତଦେହ ଉଦ୍ଧାର, ପୋଲିସର ତଦନ୍ତ ଜାରି

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମ ଓଡ଼ିଶା ବଲାଙ୍ଗୀର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ଥାନା ଗନ୍ଧମାର୍ଦ୍ଧନ ପାହାଡ଼ ହରିଶଙ୍କର ମନ୍ଦିର ଠାରୁ ପ୍ରାୟ ଏକ କିମି ଦୂରରେ ଖପ୍ରାଖୋଲ ପୋଲିସ ଝୁଲନ୍ତା ଗଳିତ ମୃତଦେହ ରବିବାର ଉଦ୍ଧାର କରିଥିବା ଜଣାଯାଇଛି। ସୂଚନା ଅନୁସାରେ ପାହାଡ ଉପରେ ଏକ ଗଛରେ ଗାମୁଛାରେ ଫାଶୀ ଲଗାଇ ଝୁଲନ୍ତା ଗଳିତ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ଖପ୍ରାଖୋଲ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅତିରିକ୍ତ ତହସିଲଦାର ସତ୍ୟସୁନ୍ଦର ରାଉତରାୟଙ୍କ ଉପସ୍ଥିତିରେ ମୃତ ଦେହ ଉଦ୍ଧାର କରିବା ସହ ଖପ୍ରାଖୋଲରେ ଶବ ବ୍ୟବଚ୍ଛେଦ କରାଯାଇଥିବା ଜଣାଯାଇଛି। ସେଇ ମୃତ ବ୍ୟକ୍ତିର କିଛି ପରିଚୟ ମିଳିନଥିବା ପୋଲିସ ସୂଚନା ଦେଇଛି । ଏନେଇ ଖପ୍ରାଖୋଲ ଥାନା କେସ୍ ନମ୍ବର ୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚାଲିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

# ରାଇଘରକୁ ବାଲ୍ୟ ବିବାହ ମୁକ୍ତ ବ୍ଲକ କରାଯିବ

**ରାଇଘର, ନ୍ୟୁଜ୍ ବ୍ୟୁରୋ**



ରାଇଘର ପଞ୍ଚାୟତ ସମିତି ସାଧାରଣ ବୈଠକ

ରାଇଘର ବ୍ଲକ ସଦର ମହକୁମାର ବୈଠକ ଗୃହ ଠାରେ ପଞ୍ଚାୟତ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝଙ୍କାର ଯୋଗଦେଇଥିଲେ। ବୈଠକର ମୁଖ୍ୟ ଆଲୋଚ୍ୟ ବିଷୟ ଭାବେ ବାଲ୍ୟ ବିବାହ ନିରୋଧକୁ ଗୁରୁତ୍ୱ ଦିଆଯାଇଥିଲା। ଅବୟସ୍କ ବିବାହ ରୋକିବା ପାଇଁ ଗ୍ରାମ ସ୍ତରରେ ସଚେତନତା, ସ୍କୁଲ୍, ଆଙ୍ଗନବାଡି, ସ୍ୱୟଂସାହାୟକ ଗୋଷ୍ଠୀ ଓ ପଞ୍ଚାୟତ ପ୍ରତିନିଧିମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବାଲ୍ୟ ବିବାହ ଘଟଣା ଘଟିଲେ ତତ୍କାଳ ଜଣାଇବା ଓ କଠୋର କାନୁନିକ ପଦକ୍ଷେପ ନିଆଯିବ ବୋଲି ସ୍ପଷ୍ଟ କରାଯାଇଛି। ଅନ୍ୟ ସମ୍ମାନୀୟ ଅତିଥିମାନଙ୍କ ମଧ୍ୟରେ ବ୍ଲକ ଉପାଧକ୍ଷା, ସମସ୍ତ ସମିତି ସଭ୍ୟ/ସଭ୍ୟା, ସମସ୍ତ ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ସହ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ତହସିଲଦାର, ସ୍ୱାସ୍ଥ୍ୟ, ଶିକ୍ଷା, ପଶୁଚିକିତ୍ସା, କୃଷି, ଉଦ୍ୟାନ, ଜଳସେଚନ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ବନ ବିଭାଗ, ଆଇସିଡିଏସ୍, ଯୋଗାଣ, ମତ୍ସ୍ୟ ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିପିଓ ପ୍ରଥମେ ପୂର୍ବ ବୈଠକର ବିବରଣୀ ପଠନ କରି ସଭାକାର୍ଯ୍ୟକୁ ଆଗେଇ ନେଇଥିଲେ। ବୈଠକରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଶିକ୍ଷା ଅଧିକାର ଆଇନ୍, ଖାଦ୍ୟ ଓ ଯୋଗାଣ, କୃଷି, ଉଦ୍ୟାନ ଓ ଜଳ ବିଭାଜିକା ସହ ଉନ୍ନୟନମୂଳକ କାର୍ଯ୍ୟ ଉପରେ ପ୍ରାଞ୍ଜଳ ଆଲୋଚନା କରାଯାଇଥିଲା। ଶେଷରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ସମ୍ପୃକ୍ତ ଅଧିକାରୀ, ସରପଞ୍ଚ ଓ କାର୍ଯ୍ୟାନ୍ୱୟନକାରୀ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସମସ୍ତ ଯୋଜନା ସମୟସୀମା ମଧ୍ୟରେ ସଠିକ୍ ଭାବେ କାର୍ଯ୍ୟାନ୍ୱୟନ କରାଯାଉ ଓ ବାଲ୍ୟ ବିବାହ ରୋକିବାକୁ କୌଣସି ପ୍ରକାର ଅବହେଳା ହେବନାହିଁ। ଅବହେଳା କିମ୍ବା ବିଳମ୍ବ ପ୍ରମାଣିତ ହେଲେ ସମ୍ପୃକ୍ତଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

# ସୁନ୍ଦରପଦା ଅଞ୍ଚଳରେ ବଡ଼ଧରଣର ଡକାୟତ ଗ୍ୟାଙ୍ଗ ଗିରଫ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଆର୍ଯ୍ୟନଗର ସୁନ୍ଦରପଦା ଅଞ୍ଚଳରେ ବଡ଼ଧରଣର ଡକାୟତ ଗ୍ୟାଙ୍ଗ ଗିରଫ । ୬ ଜଣ ଡକାୟତଙ୍କୁ ଗିରଫ କଲା ଏୟାର୍‌ଫିଲଡ଼ ଥାନା ପୋଲିସ । ସେମାନଙ୍କ ନିକଟରୁ ଖଣ୍ଡା, ଚାପଡ଼, ଲଙ୍କା ଗୁଣ୍ଡ, ସ୍କ୍ରୁ ଡ୍ରାଇଭର ଜବତ କରାଯାଇଛି ବୋଲି ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି। ଗିରଫ ଡକାୟତମାନେ ହେଲେ କାଲୁ ଚରଣ ନାୟକ, ଆର ରାଜୁ, ରାହୁଲ ମାଝୀ, ପ୍ରଭାତ ନାୟକ ଏବଂ ସଞ୍ଜୀବ କୁମାର ତ୍ରିପାଠୀ, ବିମଳ ମହାନ୍ତି । ଗିରଫ ଅଭିଯୁକ୍ତ ମାନଙ୍କ ନାଁରେ କମିଶନରେଟ ପୋଲିସର ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ତଦନ୍ତ ସମୟରେ ଜଣାପଡିଛି ।

# ଧାନ ଉଠାଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ କଂଗ୍ରେସର ଦାବିପତ୍ର ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଧାନ ଉଠିବା ବିଳମ୍ବ ଓ ବିଭିନ୍ନ ସମସ୍ୟାକୁ ନେଇ ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦୀର୍ଘ ଦିନ ହେବ ଜିଲ୍ଲାର ମଣ୍ଡି ମାନଙ୍କରେ ଚାଷୀଙ୍କ ଧାନ ଉଠି ନପାରିବାରୁ ଲୋକେ ପ୍ରବଳ ଥଣ୍ଡା କାକରରେ ଦିନ ରାତି ମଣ୍ଡିରେ ଜଗି ରହି ନାନା କଷ୍ଟ ପାଉଥିବା ଦେଖିବାକୁ ମିଳୁଛି । ତେଣୁ ଧାନ ଉଠିବା ପ୍ରକ୍ରିୟାକୁ ତୁରନ୍ତ ବ୍ୟବସ୍ଥିତ ଓ ତ୍ୱରାନ୍ୱିତ କରାଗଲେ ପ୍ରଶାସନ ପାଖରେ ଚାଷୀ କୂଳ ଉପକୃତ ହେବେ ଓ କୃତଜ୍ଞ ହେବେ ବୋଲି ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର ଓ ଜିଲ୍ଲା ସଭାପତି ସଂଗ୍ରାମ କେଶରୀ ନାୟକ । ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ କିଛି ସ୍ଥାନରେ ସେହି ସମସ୍ୟା ରହିଛି କାରଣ ଚଳିତ ବର୍ଷ ସମାନ ସମୟରେ ମିଲରମାନେ ଚାଉଳ ମଧ୍ୟ ଏଫସିଆଇକୁ ଦେଉଥିବାରୁ ଆବଶ୍ୟକ ମୁତାବକ ଗାଡି ମଣ୍ଡିକୁ ପଠାଇ ପାରୁନାହାନ୍ତି । ଅଳ୍ପ କିଛି ଦିନ ଭିତରେ ସମସ୍ୟାର ସମାଧାନ ହୋଇଯିବ। କିନ୍ତୁ ଯଦି ଆମେ ଦେଖିବା ଗତ ବର୍ଷ ଜାନୁଆରୀ ୧୫ ପର୍ଯ୍ୟନ୍ତ ୨୨ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ସରିଥିବା ବେଳେ ଚଳିତ ବର୍ଷ ମଧ୍ୟ ୧୫ ଜାନୁଆରୀ ପର୍ଯ୍ୟନ୍ତ ସମପରିମାଣ ୨୨ ଲକ୍ଷ କ୍ୱିଣ୍ଟାଲ ଧାନ ବିଭିନ୍ନ ମଣ୍ଡିରୁ ଉଠିସାରିଛି । ଏହି ପ୍ରତିନିଧି ଦଳରେ ବିଧାୟକ ଶ୍ରୀ ପାତ୍ର ଓ ଶ୍ରୀ ନାୟକଙ୍କ ସମେତ କଂଗ୍ରେସ ନେତା ରାଜେନ୍ଦ୍ର ପ୍ରସାଦ ଦୀପ, ରବିନ୍ଦ୍ର ହୋତା, ପ୍ରମୋଦ ଗୁରୁ, ରାଜେଶ ମିଶ୍ର, ଲଛମନ ସୁନା ପ୍ରମୁଖ ନେତା ଆଜିର ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ମା' ବିରଜା ଦେବୀଙ୍କ ସ୍ୱନକ୍ଷତ୍ର ପୂଜା ସମ୍ପନ୍ନ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ବ୍ୟାସନଗର ପୌରପରିଷଦର ଷ୍ଟାଡିୟମ୍ ରୋଡ ବିରଜାନଗରରେ ଥିବା ମା' ବିରଜାଙ୍କ ମନ୍ଦିରରେ ପଞ୍ଚମ ବାର୍ଷିକ ସ୍ୱନକ୍ଷତ୍ର ପୂଜା ରବିବାର ତ୍ରିବେଣୀ ଅମବାସ୍ୟା ଦିନ ମହାଆଡମ୍ବରେ ଅନୁଷ୍ଠିତ ହୋଇଯାଇଛି । ମା' ବିରଜାଙ୍କର ଷୋଡ଼ଶ ପୂଜା, ବଡ଼ ସିଂହାର ବେଶ, ଚଣ୍ଡି ପାଠ, ଗୋ-ପୂଜା, ଗୁରୁପୂଜା କରାଯାଇ ସମାପନ ହୋଇଥିଲା । ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପୂଜା ପଦ୍ଧତି ଅନୁସାରେ ପୂଜା ଚଣ୍ଡି ପାଠ କାରାଯାଇଥିଲା । ବହୁ ଶ୍ରଦ୍ଧାଳୁ ମନ୍ଦିରକୁ ଅସି ମା'ଙ୍କୁ ଦର୍ଶନ କରି ପୂଜା କରିବା ସଙ୍ଗେ ମା'ଙ୍କର ଆଶିର୍ବାଦ ନେଇଥିଲେ। ଉକ୍ତ ଅଞ୍ଚଳରେ ଚଣ୍ଡି ପାଠ, ଭଜନ, ସଂକୀର୍ତ୍ତନରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ପନ୍ଦର ସହରୁ ଉର୍ଦ୍ଧ୍ୱ ଭକ୍ତ ପ୍ରସାଦ ସେବନ କରିଥିଲେ। ମାଆଙ୍କ କଳସକୁ ଏକ ବର୍ଣ୍ଣାଢ଼୍ୟ ଶୋଭା ଯାତ୍ରାର ବିଭିନ୍ନ ବାଦ୍ୟ, ଘଣ୍ଟ, ଶଙ୍ଖ, ଜୟ ମା' ବିରଜା ଧ୍ୱନିରେ କଳସ ବିସର୍ଜନ କରାଯାଇଥିଲା। ଏହି ପବିତ୍ର କାର୍ଯ୍ୟକୁ ମନ୍ଦିର ପରିଚାଳନା କମିଟିର ସଭାପତି ନିତ୍ୟାନନ୍ଦ ମହାଳିକ ସା, ସମ୍ପାଦକ ପ୍ରଫୁଲ କୁମାର ସାହୁ, ସମ୍ପାଦକ ଭାଗ୍ୟଧର ମହାରଣା, ଉପଦେଷ୍ଟା ବିଜୟ କୁମାର ବରାଳ, ଚନ୍ଦ୍ରମଣି ସାମଲ ନିରଞ୍ଜନ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ପାଢୀ, କେଷାଧକ୍ଷ ରମେଶ କାଣ୍ଡି, ନୀତି ସଂଯୋଜକ ବୀରକିଶୋର ସାହୁ, ସ୍ମୃତିରଞ୍ଜନ ପଣ୍ଡା, ଦିଲ୍ଲୀପ ମହାନ୍ତି, ଅଭିରାମ ନାୟକ, ଲମ୍ବୋଦର ମଲିକ୍, ବିଷ୍ଣୁଚରଣ ପଟ୍ଟନାୟକ, ଦିବ୍ୟାଂସୁ ମହାନ୍ତି, ରଶ୍ମି ରଞ୍ଜନ ମହାନ୍ତି, ରାଜେନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ ସେଠୀ, ନିରଞ୍ଜନ ମଲ୍ଲିକ, ପ୍ରକାଶ ସାହୁ, ବରିଷ୍ଠ ସାମ୍ବାଦିକ ଜିତେନ୍ଦ୍ର କୁମାର ରାଉତ ଓ ମନ୍ଦିର ପୂଜକ କାହ୍ନା ନନା, ସଂଗ୍ରାମ ଶତପଥୀ, ମନୁ ନନା, ମନ୍ଦିରର ମୁଖ୍ୟ କର୍ତ୍ତା ଭାବେ ବରିଷ୍ଠ ଆଇନଜୀବୀ ବିମାନ ଆଇଚ ଓ ସହଧର୍ମିଣୀ ସଫଳତାର ସହ ପରିଚାଳନା କରିଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨୦।୧।୨୦୨୬, ପୌଷ ଦି୨୨ନ, ମଙ୍ଗଳବାର**
**ସୂର୍ଯ୍ୟୋଦୟ- ଘ ୬।୨୫।୧୩ ଚନ୍ଦ୍ରୋଦୟ-ସଂଘ ୮।୩୦।୨୮**
**ତୃତୀୟା-** ଦିଘ ୮।୦୩ ପର୍ଯ୍ୟନ୍ତ । **ଅଶ୍ଳେଷା କର୍କଟ-** ଦିଘ ୨।୨୧ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । ଦିଘ୦୨।୨୧ଗତେ ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ଦିଘ ୧୨।୨୧ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ୮।୦୩ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଦିଘ ୭।୧୨ ମଧ୍ୟେ । ଦିଘ ୯।୧୧ ଗତେ ଦିଘ ୧୧।୩୫ ମଧ୍ୟେ ।

**ମେଷ:** ଦିନଟି ଆପଣଙ୍କର ଆନନ୍ଦ ଦାୟକ ହେବ । ଚାକିରି କ୍ଷେତ୍ରରେ ଉନ୍ନତି ଦେଖାଦେବ । ଧନ ଲାଭ ହେବ । ଘରେ ଖୁସିର ବାତାବରଣ ରହିବ । ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି ।

**ବୃଷ:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ କରିବେ । ଧର୍ମକାର୍ଯ୍ୟ ନିମନ୍ତେ ଆଗ୍ରହ ପ୍ରକାଶ କରିପାରନ୍ତି । ରୋଜଗାରର ମାତ୍ରା ଭଲ ହେବ । ପାରିବାରିକ ଜୀବନ ସୁଖମୟ ହେବ ।

**ମିଥୁନ:** ବ୍ୟବସାୟରେ କ୍ଷତି ସହିବାକୁ ପଡିପାରେ । ମାଲିମକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ । ଖର୍ଚ୍ଚର ପରିମାଣ ବୃଦ୍ଧି ପାଇବ । ପାରିବାରିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ ।

**କର୍କଟ:** ବ୍ୟବସାୟରୁ ଆଶାତୀତ ଲାଭ ପାଇବେ । ଆର୍ଥିକ ସ୍ଥିତି ସୁଦୃଢ ହେବ । ଉତ୍ତମ ଭୋଜନରେ ଆପାୟିତ ହେବେ । ଭ୍ରମଣ ସୁଖ ରହିଛି । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।

**ସିଂହ:** କର୍ମକ୍ଷେତ୍ରରେ ଉତ୍ସାହ ବୃଦ୍ଧି ପାଇବ । ଅନେକ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ପରୋପକାରୀ ହେବେ ।

**କନ୍ୟା:** ଶତ୍ରୁ ନାଶ ହେବେ । ବନ୍ଧୁ ମିଳନ ସହିତ ସାହାଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ଦେଖାଦେବ । ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ ।

**ତୁଳା:** ଶାରିରୀକ ଅସୁସ୍ଥତା ଅନୁଭବ କରିବେ । କୌଣସି ଏକ ଖବର ପାଇ ବିଚଳିତ ହୋଇପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଜୀବନରେ ଅସନ୍ତୋଷ ଦେଖାଦେବ ।

**ବିଛା:** ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ । ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମଧ୍ୟ ଯୋଗ ଦେବେ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖମୟ ହେବ ।

**ଧନୁ:** ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ । ଆମୋଦ ପ୍ରମୋଦର ସହ ଦିନଟି ବିତିବ । ବ୍ୟୟର ପରିମାଣ ବୃଦ୍ଧି ପାଇବ । ପରିବାରରେ ସୁଖ ଶାନ୍ତିର ବାତାବରଣ ରହିବ । ପରୋପକାରୀ ହେବେ ।

**ମକର:** ଶୁଭ ଖବର ପାଇ ଆନନ୍ଦିତ ହେବେ । ଆଶା କରୁଥିବା ଦିଗରୁ ଅର୍ଥ ପ୍ରାପ୍ତି ହୋଇପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ମନ ଭଲ ରହିବ ।

**କୁମ୍ଭ:** ଦୂରଯାତ୍ରା କରି ସଫଳତା ହାସଲ କରିବେ । ବ୍ୟୟର ମାତ୍ରା ଅଧିକ ହେବ । ସାଧନାରେ ସିଦ୍ଧି ଲାଭ କରିବେ । ଘରୋଇ ଜୀବନ ଆନନ୍ଦ ଦାୟକ ହେବ । ବନ୍ଧୁ ଦର୍ଶନର ସୁଯୋଗ ।

**ମୀନ:** ଦିନଟି ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ । ବ୍ୟବସାୟ ମଧ୍ୟମ ଧରଣର ହେବ । ଆୟରେ ଉନ୍ନତି ଦେଖାଦେବ । ଘରେ ସୁଖ ଲାଭ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଭ୍ରମଣ ଯୋଗ ମଧ୍ୟ ରହିଛି ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨୧।୧।୨୦୨୬, ମାଘ ଦି୮ନ, ବୁଧବାର**
**ସୂର୍ଯ୍ୟୋଦୟ- ଘ ୬।୨୫।୪୧ ଚନ୍ଦ୍ରୋଦୟ- ଦିଘ ୮।୦୬।୪୯**
**ଦ୍ୱିତୀୟା-** ରାଘ ୨।୪୯ ପର୍ଯ୍ୟନ୍ତ । **ଧନିଷ୍ଠା ନକ୍ଷତ୍ର-** ଦିଘ ୧।୫୯ ପର୍ଯ୍ୟନ୍ତ **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ୨।୪୯ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୮ ଗତେ ଦିଘ ୭।୫୩ ମଧ୍ୟେ । ଦିଘ ୧୦।୩୭ ଗତେ ଦିଘ ୧୧।୩୮ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

## ଟ୍ରମ୍ପଙ୍କୁ ମହଙ୍ଗା ପଡ଼ିଲା ଟାରିଫ୍ ବ୍ଲାକମେଲ୍ : ୟୁରୋପୀୟ ସଂଘ ଲଗାଇବ ୯୩ ବିଲିୟନ ୟୁରୋର ଟାରିଫ୍

ଟାରିଫ୍ ଲଗାଇ ସମୁଦାୟ ଓ୍ୱାର୍ଲ୍ଡକୁ ଧମକାଉଥିବା ଟ୍ରମ୍ପ ଏବେ ହରଡଘଣାରେ। ଟ୍ରମ୍ପଙ୍କୁ ମହଙ୍ଗା ପଡ଼ିଲା ଟାରିଫ୍ ବ୍ଲାକମେଲ୍। ଟ୍ରମ୍ପଙ୍କ ବିରୋଧରେ ଏକଜୁଟ ହେଲେ ୟୁରୋପୀୟ ସଙ୍ଘ। ସମସ୍ତେ ମିଶି ଆମେରିକା ଉପରେ ଲଗାଇବେ ୯୩ ବିଲିୟନ ୟୁରୋର ଟାରିଫ୍। ୟୁରୋପୀୟ ବଜାରରୁ ଆଉଟ୍ ହେବେ ଆମେରିକୀୟ କମ୍ପାନୀ। ୮ ୟୁରୋପୀୟ ଦେଶଙ୍କୁ ଟ୍ରମ୍ପ ଧମକ ଦେବାପରେ ବ୍ରୁସେଲ୍ସରେ ରାଷ୍ଟ୍ରଦୂତମାନେ ଏକ ଜରୁରୀକାଳୀନ ବୈଠକ କରିଛନ୍ତି। ଟ୍ରମ୍ପଙ୍କୁ ମୁହଁତୋଡ଼ ଜବାବ ଦିଆଯିବ ବୋଲି ଏହି ବୈଠକ ପରେ ଘୋଷଣା କରାଯାଇଛି। ଗ୍ରୀନଲ୍ୟାଣ୍ଡ ଉପରେ ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ହକ୍ ଜାହିର କରୁଛନ୍ତି। ଡେନମାର୍କର ଏହି ସ୍ୱୟଂଶାସିତ ଅଞ୍ଚଳରେ ଟ୍ରମ୍ପ ମାଲିକାନା ଜାହିର କରୁଛନ୍ତି। ଗ୍ରୀନଲ୍ୟାଣ୍ଡକୁ ନେଇ ଯଦି ବୁଝାମଣା ନହୁଏ ତେବେ ଫେବୃଆରୀ ୧ରୁ ଡେନମାର୍କ, ନରୱେ, ସ୍ୱିଡେନ, ଫ୍ରାନ୍ସ, ଜର୍ମାନୀ, ନେଦରଲ୍ୟାଣ୍ଡ, ଫିନଲ୍ୟାଣ୍ଡ ଏବଂ ବ୍ରିଟେନ ଉପରେ ଅତିରିକ୍ତ ୧୦% ଟାରିଫ୍ ଲଗାଇବେ ବୋଲି ଟ୍ରମ୍ପ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍‌ରେ ପୋଷ୍ଟ କରି କହିଛନ୍ତି। ଯାହାକି ଜୁନ ୧ ସୁଦ୍ଧା ୨୫% କୁ ବୃଦ୍ଧି ହେବ ବୋଲି କହିଛନ୍ତି। ଟ୍ରମ୍ପଙ୍କ ଏହି ଧମକ ପରେ ଏବେ ୟୁରୋପୀୟ ସଙ୍ଘ ଆକ୍ଟିଭ୍ ମୋଡ୍ ରେ। ୟୁରୋପୀୟ ସଙ୍ଘର ରାଷ୍ଟ୍ରଦୂତମାନେ ରବିବାର ବେଲଜିୟମର ରାଜଧାନୀ ବ୍ରୁସେଲ୍ସରେ ଏକ ଜରୁରୀକାଳୀନ ବୈଠକ କରିଛନ୍ତି। ଏହି ବୈଠକରେ ଜର୍ମାନୀ ଏବଂ ଫ୍ରାନ୍ସ ସମେତ ବହୁ ଦେଶ ଟ୍ରମ୍ପଙ୍କ ଧମକକୁ ନିନ୍ଦା କରିଛନ୍ତି। ଆମେରକା ଉପରେ ୯୩ ଅରବ ୟୁରୋ ଟାରିଫ୍ ଲଗାଇବାକୁ ଯୋଜନା କରୁଛନ୍ତି। ୟୁରୋପୀୟ ବଜାରରୁ ଆମେରିକୀୟ କମ୍ପାନୀଗୁଡ଼ିକୁ ଆଉଟ୍ କରିବାକୁ ବିଚାର କରୁଛନ୍ତି। ଜଣେ ରାଷ୍ଟ୍ରଦୂତଙ୍କ ଅନୁଯାୟୀ ଏହି ଟାରିଫ୍ ଫେବୃଆରୀ ୬ ତାରିଖରୁ ଲାଗୁ କରାଯିବ। ସେହିପରି ଅନ୍ୟ ଜଣେ ରାଷ୍ଟ୍ରଦୂତ କହିଛନ୍ତି ଯେ, ଟ୍ରମ୍ପଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ଆମ ଉଦ୍ଦେଶ୍ୟ ନୁହେଁ। ଆମେ କୂଟନୈତିକ ରାସ୍ତା ଖୋଜୁଛୁ। ଫେବୃଆରୀ ୧ରେ ଯଦି ଟ୍ରମ୍ପ ଟାରିଫ୍ ଲଗାଇବେ ତାହେଲେ ଆମେ ବି ଲଗାଇବୁ।

## ବନ୍ଦେ ମାତରମ୍-ଏକ ଆଧ୍ୟାତ୍ମିକ ମନ୍ତ୍ର



ଦାଶରଥି ଶତପଥୀ,
ଭା.ପ୍ର.ସେ.(ଅବସରପ୍ରାପ୍ତ)
ପ୍ରାକ୍ତନ ଆୟୁକ୍ତ ଓ ସଚିବ
ଓଡ଼ିଶା ବିଧାନସଭା
ମୋବାଇଲ ନଂ- ୯୩୩୭୪୪୯୩୭୩

ବନ୍ଦେ ମାତରମ୍ କେବଳ ସଙ୍ଗୀତ ନୁହେଁ । ଏହା ହେଉଛି ଭାରତୀୟ ଜାତୀୟତାବାଦର ଆତ୍ମା ଏବଂ ପ୍ରତ୍ୟେକ ଭାରତୀୟ ହୃଦୟର ସ୍ପନ୍ଦନ ଏବଂ ଜାତୀୟ ଚେତନାର ସ୍ୱର। ବନ୍ଦେ ମାତରମ୍ ଗୀତଟି ବିଶିଷ୍ଟ ସାହିତ୍ୟିକ ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଦ୍ୱାରା ୧୮୭୦ ଦଶକରେ ରଚନା କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହା ତାଙ୍କର ପ୍ରସିଦ୍ଧ ଉପନ୍ୟାସ "ଆନନ୍ଦମଠ"ରେ ସ୍ଥାନ ପାଇଥିଲା । ଏହି ସଙ୍ଗୀତଟି ସଂସ୍କୃତ ଏବଂ ବଙ୍ଗଳା ଭାଷାର ମିଶ୍ରଣରେ ରଚିତ । ଭାରତୀୟ ସ୍ୱାଧିନତା ଆନ୍ଦୋଳନ ସମୟରେ "ବନ୍ଦେ ମାତରମ୍"ଏକ ମନ୍ତ୍ର ପାଲଟିଗଲା । ୧୮୯୬ ମସିହାରେ କଲିକତା ଅଧିବେଶନରେ ରବୀନ୍ଦ୍ରନାଥ ଟାଗୋର ପ୍ରଥମକରି ଏହାକୁ ଗାନ କରିଥିଲେ । ବ୍ରିଟିଶ ଶାସନ ବିରୋଧରେ ଲଢ଼ିବା ପାଇଁ ଏହା କୋଟି କୋଟି ଭାରତୀୟଙ୍କୁ ଏକଜୁଟ କରିଥିଲା। ଏହା ସଂଗ୍ରାମୀମାନଙ୍କ ମନରେ ଅସୀମ ସାହସ ଓ ଶକ୍ତି ଭରିଥିଲା। "ବନ୍ଦେ ମାତରମ୍"ର ଅର୍ଥ ହେଉଛି ହେ ମାତୃଭୂମି, ମୁଁ ତୁମକୁ ବନ୍ଦନା କରୁଛି ଏଥିରେ ଭାରତମାତାଙ୍କୁ ଶସ୍ୟଶ୍ୟାମଳା, ଜଳମୟୀ ଏବଂ ଶକ୍ତିର ରୂପରେ ବର୍ଣ୍ଣନା କରାଯାଇଅଛି। ଏହା କେବଳ ମାଟିକୁ ନୁହେଁ ବରଂ ମାତୃଭୂମିକୁ "ମା" ରୂପରେ ସମ୍ମାନ ଦେବାର ଏକ ପରମ୍ପରା ଓ ଆମ ଦେଶ ସ୍ୱାଧୀନତା ପରେ ଭାରତ ସରକାର ଏହାକୁ ୨୪ ଜାନୁୟାରୀ ୧୯୫୦ ମସିହାରେ "ଜାତୀୟ ଗୀତ" ଭାବରେ ସ୍ୱୀକୃତି ଦେଲେ । "ବନ୍ଦେ ମାତରମ୍" ଗାନ କଲାବେଳେ ପ୍ରତ୍ୟେକ ଭାରତୀୟମାନଙ୍କ ରକ୍ତରେ ଏକ ଶିହରଣ ଖେଳିଯାଏ । ଏହା ଆମର ସାମୁହିକ ଗୌରବମୟ ଅତୀତକୁ ମନେ ପକାଇଦିଏ ଏବଂ ଦେଶପ୍ରତି ଭକ୍ତିଭାବ ଜାଗ୍ରତ କରେ । "ବନ୍ଦେ ମାତରମ୍" କେବଳ ଦୁଇଟି ଶବ୍ଦ ନୁହେଁ ବରଂ ଏହା ହେଉଛି ଭାରତର ସ୍ୱାଧୀନତା ସଂଗ୍ରାମର ମନ୍ତ୍ର ଏବଂ ଦେଶପ୍ରେମକୁ ଜାଗ୍ରତ କରିବାପାଇଁ ଦେଶପ୍ରେମର ବହ୍ନିଶିଖା। ଶ୍ରୀ ଅରବିନ୍ଦ ବନ୍ଦେ ମାତରମକୁ ରାଷ୍ଟ୍ରୀୟତାର ମନ୍ତ୍ର ବୋଲି କହିଥିଲେ। ତାଙ୍କ ମତରେ ବଙ୍କିମଚନ୍ଦ୍ର ଏହି ସଙ୍ଗୀତ ମାଧ୍ୟମରେ ଭାରତବାସୀଙ୍କୁ ଏକ ନୂତନ ଧର୍ମ ଦେଇଛନ୍ତି । ତାହାହେଉଛି ଦେଶପ୍ରେମ । ସେ ତାଙ୍କର "କର୍ମଯୋଗୀ" ପତ୍ରିକାରେ ଲେଖିଥିଲେ ଯେ ବନ୍ଦେ ମାତରମ୍ ହେଉଛି ଏକ ଶକ୍ତିଶାଳୀ ମନ୍ତ୍ର, ଯାହା ଦେଶର କୋଟି କୋଟି ଲୋକଙ୍କୁ ଏକଜୁଟ କରିବାର ସାମର୍ଥ ରଖେ । ବିଶ୍ୱକବି ରବିନ୍ଦ୍ରନାଥ ଟାଗୋର ଏହି ଗୀତକୁ ପ୍ରଥମେ ସ୍ୱର ଦେଇଥିଲେ ଏବଂ ଗାନ କରିଥିଲେ । ତାଙ୍କ ମତରେ ଏହି ସଙ୍ଗୀତର ଶବ୍ଦାବଳୀ ମଧ୍ୟରେ ଏପରି ଏକ ଚୁମ୍ବକୀୟ ଶକ୍ତି ଅଛି, ଯାହା ଶ୍ରୋତାଙ୍କ ଭିତରେ ଗଭୀର ଏବଂ ଆଧ୍ୟାତ୍ମିକ ଦେଶପ୍ରେମର ଭାବନା ଜାଗ୍ରତ କରେ। ଜାତିର ପିତା ମହାତ୍ମାଗାନ୍ଧୀ କହିଥିଲେ "ବନ୍ଦେ ମାତରମ୍" କେବଳ ଏକ ଶବ୍ଦ ନୁହେଁ, ଏହା ଏକ ପବିତ୍ର ଭାବନା ଓ ଏହି ଗୀତଟି ଆମର ଜାତୀୟ ସଂଗ୍ରାମ ସହିତ ଅତି ନିବିଡ଼ ଭାବରେ ଜଡ଼ିତ । ଭଗିନୀ ନିବେଦିତା ଏହି ସଂଗୀତକୁ ଭାରତର ସ୍ୱାଧୀନତାର ସଂକଳ୍ପ ବୋଲି ମାନୁଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପାଇଁ "ବନ୍ଦେ ମାତରମ୍" ଥିଲା ବିପ୍ଳବର ସୂତ୍ର । ଆଜାଦ ହିନ୍ଦ ଫୌଜ ମଧ୍ୟ ଏହି ସଂଗୀତରୁ ପ୍ରେରଣା ପାଉଥିଲେ, ତେଣୁ "ବନ୍ଦେ ମାତରମ୍" କେବଳ କିଛି ପଦର ସମାହାର ନଥିଲା, ଏହା ଏକ ଆଧ୍ୟାତ୍ମିକ ମନ୍ତ୍ର, ସାଂସ୍କୃତିକ ଗାନ ଏବଂ ବିପ୍ଳବୀଙ୍କ ପାଇଁ ସ୍ୱାଧୀନତାର ରଣହୁଙ୍କାର । ଆଉ କିଛି ବର୍ଷ ପରେ ଭାରତ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ । ସରକାର ସବୁ କ୍ଷେତ୍ରରେ ଦେଶକୁ ଆଗେଇ ନେବାକୁ ଶତଚେଷ୍ଟିତ । ଆର୍ଥିକ କ୍ଷେତ୍ରରେ ଆମେ ଅଗ୍ରଗତି କରିଛୁ । ପ୍ରତିରକ୍ଷା କ୍ଷେତ୍ରରେ ବହୁ ପରିମାଣରେ ସଜାଗ ଓ ସୁରକ୍ଷିତ ହୋଇ ପାରିଛୁ । ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ଆମ ଦେଶ ଭାରତବର୍ଷ ବହୁ ଆଗରେ ରହି ଅନ୍ୟାନ୍ୟ ଅଗ୍ରଣୀ ଦେଶ ମାନଙ୍କ ସହ ତାଳ ଦେଇ ଚାଲିଛି । ଅତୀତରେ ଭାରତବର୍ଷ ନିଜର ନୈତିକତା ନେଇ ଶିକ୍ଷା, ସଂସ୍କୃତି ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ଜରିଆରେ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିଲା । ସେହିଭଳି ଭାବରେ ସାମ୍ପ୍ରତିକ ପରିସ୍ଥିତିରେ ତାର ସ୍ୱ ଚିନ୍ତାଧାରାରେ ଆଧ୍ୟାତ୍ମିକ ଚେତନାର ପୁନଃ ଅନ୍ତରାୟ ଘଟାଇ ସମଗ୍ର ବିଶ୍ୱକୁ ଭାବମୟ ବନ୍ଧନରେ ବାନ୍ଧି ରଖିବା ସହିତ ବିଭିନ୍ନ କ୍ଷେତ୍ରରେ ବିଶ୍ୱର ନେତୃତ୍ୱ ନେବା ପାଇଁ ସକ୍ଷମ ହେଇପାରିଛି । ତେଣୁ "ବନ୍ଦେ ମାତରମ୍" ର ସେହି ଅବଧିକୁ ପାଥେୟକରି ଆମେ ଦେଶର ଉନ୍ନତିପାଇଁ କାର୍ଯ୍ୟ କରିବା ଏବଂ ମାତୃଭୂମିର ଗୌରବକୁ ସବୁବେଳେ ବଜାୟ ରଖିବା । ଭାରତମାତାର ଜଣେ ଜଣେ ସୁଯୋଗ୍ୟ ସନ୍ତାନ ହିସାବରେ ଆମ ଦେଶକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ଆମେ ସଂକଳ୍ପ ନେବା ଏବଂ ଏକନିଷ୍ଠ, ଏକପ୍ରାଣ ଓ ଏକବ୍ରତ ଆମର ହେବ । ସାମୁହିକ ଭାରତବର୍ଷ, ଉତ୍କର୍ଷର ଭାରତବର୍ଷ ଓ ଶାନ୍ତି ମୈତ୍ରି ସ୍ନେହ ସଦଭାବର ଭାରତବର୍ଷ ।

# ମହାଭାରତୀୟ ଚେତନା ଓ ଭାରତର ସ୍ୱାଧୀନତା



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଶହଶହ ବର୍ଷର ପରାଧୀନତା ଶେଷରେ ଭାରତବର୍ଷ ତା'ର ମହାର୍ଘ ସ୍ୱାଧୀନତା ଅର୍ଜନ କଲା ୧୯୪୭ ଅଗଷ୍ଟ ମାସରେ । ବହୁ ଲୋକଙ୍କ ଶ୍ରମ, ସମୟ, ଶକ୍ତି, ସ୍ୱେଦ, ଶୋଣିତ ଉପଯୋଗରେ ଆମେ ଆମର 'ଜନ୍ମଗତ ଅଧିକାର' ସ୍ୱାଧୀନତାକୁ ହାସଲ କଲେ। ଏବେ ନିଜକୁ ଗୋଟେ ସ୍ୱାଧୀନ ରାଷ୍ଟ୍ରର ସ୍ୱାଧୀନ ନାଗରିକ ବୋଲି କହି ଆମେ ଉଲ୍ଲସିତ ହୁଅନ୍ତି । ସ୍ୱାଧୀନତାକୁ ଆମ ମହାଭାରତୀୟ ଚେତନାର ପ୍ରକୃଷ୍ଟ ପ୍ରକଟନ ବୋଲି କହି ଚେତନାର ଉର୍ଦ୍ଧ୍ୱ ସ୍ତରକୁ ଉତ୍ତରିତ ହୋଇଯାଆନ୍ତି।

ଗ୍ରୀସ୍ ପରିବ୍ରାଜକ ମେଘାସ୍ଥିନିସ୍‌ଙ୍କ 'ଇଣ୍ଡିକା', ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ 'ସି-ୟୁ-କି'ରୁ ଆରମ୍ଭ କରି ଜବାହରଲାଲ୍ ନେହରୁଙ୍କ 'ଡିସ୍କଭରି ଅଫ୍ ଇଣ୍ଡିଆ', ଆବୁଲ୍ କଲାମ୍ ଆଜାଦ୍‌ଙ୍କ 'ଇଣ୍ଡିଆ ଉଇନ୍ସ ଫ୍ରିଡମ୍' ସମେତ ଆମ ସମୟର ଖୁସ୍‌ୱନ୍ତ ସିଂଙ୍କ 'ଇଣ୍ଡିଆ : ଆନ୍ ଇଣ୍ଟ୍ରୋଡକ୍ସନ୍', ଡୋମିନିକ୍ ଲାପେରି ଓ ଲ୍ୟାରି କଲିନ୍ସଙ୍କ 'ଫ୍ରିଡମ୍ ଆଟ୍ ମିଡ୍‌ନାଇଟ୍' ଗ୍ରନ୍ଥଗୁଡ଼ିକୁ ଅଧ୍ୟୟନ, ଅନୁଶୀଳନ କରି ଆମେ ଆମ ବିପୁଳ ଭୂଖଣ୍ଡର ସଭ୍ୟତା, ସଂସ୍କୃତି, ଇତିହାସ, ଭୂଗୋଳ, କଳା, ସାହିତ୍ୟ, ଦର୍ଶନ, ଧର୍ମ-ଧାରଣା, ଆଧ୍ୟାତ୍ମିକତା, ସ୍ୱରାଜ୍ୟ ଆନ୍ଦୋଳନ, ଜନଜୀବନର ସମାଜନୀତି, ରାଜନୀତି, ଅର୍ଥନୀତି, ଶୈକ୍ଷିକ ବୋଧଶକ୍ତି ଓ ଆହୁରି ଅନ୍ୟାନ୍ୟ ଅନେକ ଦିଗ ଦିଗନ୍ତ ସମ୍ବନ୍ଧୀୟ ସୂଚନା ସଂଗ୍ରହ କରିବା ସହିତ ସଚେତ ହେଉ।

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି, ଯାହା ଆମ ଅନୁଭବର ପରିଧି ଭିତରକୁ ଆସେ, ତାହା ହେଉଛି, ଆମେ ପ୍ରାୟ ଆଠ ଦଶନ୍ଧି ହେଲା ସ୍ୱାଧୀନତା ଅର୍ଜନ କଲେ, ନିଜକୁ ସ୍ୱାଧୀନ ଭାରତୀୟ କହି ଗୌରବରେ ଉଜ୍ଜ୍ୱଳ ଦିଶିଲେ, କିନ୍ତୁ ଗୋଟେ ମହାଭାରତୀୟ ଚେତନା ଆମ ଭୂଖଣ୍ଡର ସମସ୍ତ ଅଧିବାସୀଙ୍କ ମନୋମଣ୍ଡଳ ସମେତ ସମଗ୍ର ବିଶ୍ୱବାସୀଙ୍କ ମନୋମଣ୍ଡଳକୁ ଆଚ୍ଛନ୍ନ କରି ରହିଛି ସୁଦୀର୍ଘ କାଳ ଓ ରହିଥିବ ଅନନ୍ତ କାଳ ପର୍ଯ୍ୟନ୍ତ। ସେହି ଚେତନାଟି ହେଉଛି 'ବେଦ'ର ଭିତ୍ତି, 'ବେଦାନ୍ତ'ର ବିଭୂତି, 'ଗୀତା'ର କୀର୍ତ୍ତି, 'ଭାଗବତ'ର କୃତି, 'ରାମାୟଣ'ର ସ୍ତୁତି, 'ମହାଭାରତ'ର ସମ୍ପତ୍ତି ଓ ଆମ ସକଳ ଶାସ୍ତ୍ର ପୁରାଣର ଅସଲ ଅବସ୍ଥିତି ଜୀବନର ଉପଲବ୍ଧିରେ, ଆତ୍ମ-ସାକ୍ଷାତ୍କାରର ସିଦ୍ଧିରେ, ଚିନ୍ତନର ସ୍ୱାଧୀନତାରେ ଓ ଚରିତ୍ରର ଶୁଦ୍ଧିରେ ହିଁ ମହାଭାରତୀୟ ଚେତନାର ପ୍ରତିଭାସ। ବିଶ୍ୱ ଇତିହାସରେ ଭାରତର ସ୍ୱାଧୀନତା ଆଠ ଦଶନ୍ଧିର ସତ୍ୟ, କିନ୍ତୁ ମହାଭାରତୀୟ ଚେତନାଟି ସହସ୍ର ସହସ୍ର ବର୍ଷର । ଯେଉଁ ଚେତନାରୁ ଝରିଆସିଛି 'ବସୁଧୈବ କୁଟୁମ୍ବକମ୍', 'କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍', 'ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ' ଭଳି ଉଦାତ୍ତ ଉଚ୍ଚାରଣ। ସେହି ମହାଭାରତୀୟ ଚେତନା ସମଗ୍ର ବିଶ୍ୱର ଜନମାନସକୁ ଗୋଟେ ସାର୍ବଜନିକ, ବୈଶ୍ୱିକ ବିଚାରରେ ବିମୁଗ୍ଧ, ବିଭୋର କରିଛି।

କାଳୋର୍ତ୍ତୀର୍ଣ୍ଣ ସେହି ଚେତନାର ପ୍ରଭାବରେ ଆମେରିକାରେ ରାଲଫ୍ ଓ୍ୱାଲଡୋ ଇମର୍ସନ୍ 'ଗୀତା' ପଢ଼ିଲେ, 'ବ୍ରହ୍ମ' ଶୀର୍ଷକ କବିତା ଲେଖିଲେ। ତାଙ୍କ ଶିଷ୍ୟ ହେନରୀ ଡାଭିଡ୍ ଥରୋ ବି 'ଗୀତା' ପଢ଼ିଲେ, 'ଓ୍ୱାଲଡେନ୍' ପ୍ରବନ୍ଧ ଲେଖିଲେ। ବେଦ, ଉପନିଷଦ, ଗୀତାର ସାର ଓ ସିଦ୍ଧାନ୍ତ ଆଧାରରେ ଓ୍ୱାଲ୍ଟ ହ୍ୱିଟ୍‌ମ୍ୟାନ୍ ଲେଖିଲେ 'ଲିଭ୍‌ସ୍ ଅଫ୍ ଗ୍ରାସ୍' କବିତା । ରୁଷିଆରେ ଅଟୋଭନ୍ ବୋଟ୍‌ଲିଂ ସାତଟି ଭଲ୍ୟୁମ୍‌ରେ ସଂସ୍କୃତ-ଜର୍ମାନ୍ ଶବ୍ଦକୋଷ ପ୍ରଣୟନ କଲେ। ଇଂଲଣ୍ଡରେ ହୋରେସ୍ ହେମ୍ୟାନ୍ ଉଇଲସନ୍ କାଳିଦାସଙ୍କ 'ମେଘଦୂତମ୍'କୁ ଇଂରାଜୀରେ ଅନୁବାଦ କଲେ, ଶୀର୍ଷକ ରଖିଲେ 'ଦି କ୍ଲାଉଡ୍ ମେସେଞ୍ଜର୍' । ଏ.ଏଲ୍.ବାସମ୍ ଲେଖିଲେ ବହିଟିଏ 'ଦି ଓ୍ୱଣ୍ଡର ଦାଟ୍ ଓ୍ୱାଜ୍ ଇଣ୍ଡିଆ' । ଜିମ୍ କର୍‌ବେଟ୍ ଭାରତରେ ବାଇଶି ବର୍ଷ ଅବସ୍ଥାନ କରି ଲେଖିଲେ 'ମାଇଁ ଇଣ୍ଡିଆ' ବହିଟିକୁ । ଫ୍ରାନ୍ସରେ ରୋମାଁରୋଲାଁ ଲେଖିଲେ 'ଦି ଏନ୍‌ଚ୍ୟାଣ୍ଟେଡ୍ ସୋଲ୍', 'ପ୍ରଫେଟ୍ସ ଅଫ୍ ଦି ନିଉ ଇଣ୍ଡିଆ', 'ଲାଇଫ୍ ଅଫ୍ ବିବେକାନନ୍ଦ' ଶୀର୍ଷକରେ ବହିଗୁଡ଼ିଏ । ଜର୍ମାନୀରେ ମ୍ୟାକ୍ସ ମୁଲର୍ ବେଦ ପଢ଼ିଲେ, 'ପ୍ରିଫେସ୍ ଟୁ ଋଗ୍‌ବେଦ' ଲେଖିଲେ, ସେଥିସହିତ ଲେଖିଲେ ବହିଟିଏ 'ଇଣ୍ଡିଆ : ହ୍ୱାଟ୍ କ୍ୟାନ୍ ଇଟ୍ ଟିଚ୍ ଅସ୍'। ହର୍‌ମାନ୍ କୁଲକେ ଲେଖିଲେ, 'ଏ ହିଷ୍ଟ୍ରି ଅଫ୍ ଇଣ୍ଡିଆ' । ଆଲ୍‌ବର୍ଟ୍ ଆଇନ୍‌ଷ୍ଟାଇନ୍ 'ଗୀତା' ପଢ଼ିଲେ, ବିଶ୍ୱବାସୀଙ୍କୁ କହିଲେ, 'ପରମାଣୁ ଶକ୍ତିକୁ ଶାନ୍ତିପୂର୍ଣ୍ଣ ଉପାୟରେ ଉପଯୋଗ କର, ଯାକୁ ପ୍ରୟୋଗ କରି ମରୁଭୂମିକୁ ଶସ୍ୟଶ୍ୟାମଳ କର, ବ୍ୟାଧି ଉପଶମ ପାଇଁ ଔଷଧ ପ୍ରସ୍ତୁତ କର।' ଚୀନର ବିଦ୍ୱାନ୍ ଜୁ ଫାନ୍‌ଚେଙ୍ଗ୍ ପଣ୍ଡିଚେରୀରେ ସତେଇଶି ବର୍ଷ କାଳ ଅବସ୍ଥାନ କରି ଶ୍ରୀ ଅରବିନ୍ଦଙ୍କ 'ଦି ଲାଇଫ୍ ଡିଭାଇନ୍', 'ଦି ସିନ୍ଥେସିସ୍ ଅଫ୍ ଯୋଗ', 'ଦି ହ୍ୟୁମାନ୍-ସାଇକିଲ୍' ବହିଗୁଡ଼ିକୁ ଚୀନା ଭାଷାରେ ଅନୁବାଦ କଲେ। ଭାରତୀୟ ଧର୍ମ, ଦର୍ଶନ ଦ୍ୱାରା ପ୍ରଭାବିତ ହୋଇ ଜାପାନର ହାଜିମେ ନାକାମୁରା ଲେଖିଲେ, 'ଓ୍ୱେଜ୍ ଅଫ୍ ଥିଙ୍କିଙ୍ଗ୍ ଅଫ୍ ଇଷ୍ଟର୍ଣ୍ଣ ପିପୁଲ୍ସ', ସେଙ୍ଗାକୁ ମାୟେଡ଼ା ଲେଖିଲେ 'ଇଣ୍ଡିଆନ୍ ଫିଲୋସୋଫି ଆଣ୍ଡ ଆଦି ଶଙ୍କର', ଡାଇସାକୁ ଇକେଡ଼ା ଲେଖିଲେ, 'ଉଇସ୍‌ଡମ୍ ଫର୍ କ୍ରିଏଟିଂ ହାପିନେସ୍ ଆଣ୍ଡ ପିସ୍' । ସ୍ୱେନ୍‌ର ହେନରୀ ହେରାସ୍ ଲେଖିଲେ, 'ଇଣ୍ଡୋଲୋଜିକାଲ୍ ଷ୍ଟଡିଜ୍'। ଇଣ୍ଡୋନେସିଆର ଡ.ଏ.ଡି. ସେଦ୍ୟାବତୀ ଇଣ୍ଡୋନେସିଆ ସଂସ୍କୃତି ଉପରେ ଭାରତୀୟ ସଂସ୍କୃତିର ପ୍ରଭାବ ସମ୍ବନ୍ଧୀୟ ବକ୍ତବ୍ୟ ଉପସ୍ଥାପନ କଲେ ବିଶ୍ୱବାସୀଙ୍କ ଆଗରେ । ମରିସସ୍-ସଂସ୍କୃତି ଉପରେ ଭାରତୀୟ ସଂସ୍କୃତିର ପ୍ରଭାବ ଏତେ ଅଧିକ ଯେ ମରିସସ୍‌କୁ ବିଶ୍ୱବାସୀ ଖୁବ୍ ଆଗ୍ରହରେ 'ଛୋଟ ଭାରତ' ବୋଲି କହିଲେ। ଏଭଳି ଦୃଷ୍ଟାନ୍ତ ଦେଲେ ସହସ୍ର ସହସ୍ର ହେବ। ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଏବେ ପାଶ୍ଚାତ୍ୟରେ କୁହାଯାଉଥିବା ଲେଖାଯାଉଥିବା ଅନେକ କଥା ସହସ୍ର ସହସ୍ର ବର୍ଷ ପୂର୍ବରୁ ଭାରତରେ କୁହାଯାଇଥିଲା, ଲେଖାଯାଇଥିଲା । ଟି.ଏସ୍.ଇଲିଅଟ୍ 'ଫୋର୍ କ୍ୱାର୍ଟେଟ୍ସ' କବିତାରେ କହନ୍ତି, 'ନଦୀ ଆତ୍ମାର, ସମୁଦ୍ର ପରମାତ୍ମାର ପ୍ରତୀକ । ନଦୀ ସମୁଦ୍ର ଅଭିମୁଖେ ଗତି କରୁଥିଲା ଭଳି ଆତ୍ମା ପରମାତ୍ମା ଅଭିମୁଖେ ଗତିଶୀଳ ।' ହଜାର ହଜାର ବର୍ଷ ପୂର୍ବରୁ ବ୍ୟାସଦେବ 'ମହାଭାରତ'ରେ ଲେଖିଥିଲେ, 'ଆତ୍ମା ନଦୀ ସଂଯମ ପୁଣ୍ୟତୀର୍ଥା ସତ୍ୟୋଦକା ଶୀଳତଟା ଦୟୋର୍ମିଃ / ତତ୍ରାଭିଷେକଂ କୁରୁ ପାଣ୍ଡୁ ପୁତ୍ର ନ ବାରିଣା ଶୁଦ୍ଧ୍ୟତି ଚାନ୍ତରାତ୍ମା। ଟି.ଏସ୍.ଇଲିଅଟ୍ 'ଦି ୱେଷ୍ଟ୍ ଲ୍ୟାଣ୍ଡ' କବିତାରେ ବି ଉଲ୍ଲେଖ କଲେ ଉପନିଷଦର କେତୋଟି ସଂସ୍କୃତ ଶବ୍ଦକୁ ଇଂରାଜୀ ଅକ୍ଷରରେ : 'ଦ, ଦୟାଧ୍ୱମ୍, ଦମ୍ୟତା' (ଦାନ କର, ଦୟା କର, ସଂଯମ ଆଚରଣ କର), 'ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ' । କେବଳ ସେତିକି ନୁହେଁ, ଭାରତୀୟ କଳାର ଅନ୍ତଃରାଷ୍ଟ୍ରୀୟ ପ୍ରଭାବ କିଭଳି ରହିଛି, ତାହା ଓଁକାରନାଥ ଠାକୁର ଓ ବିସ୍ମିଲ୍ଲା ଖାନ୍‌ଙ୍କୁ ଦୃଷ୍ଟାନ୍ତ ସ୍ୱରୂପ ନେଇ ବିଚାର କରାଯାଇପାରେ। ଏକଦା ଓଁକାରନାଥ ଠାକୁର ଇଟାଲୀରେ ସଙ୍ଗୀତ ପରିବେଷଣ କରୁଥିବା ସମୟରେ ଇଟାଲୀର ତତ୍କାଳୀନ ଶାସକ ମୁସୋଲିନି ତାଙ୍କୁ କହିଲେ, 'ଅତିଶୟ କର୍ମଚାପ ହେତୁ ମତେ ଭଲ ନିଦ ହେଉନାହିଁ । ଏଭଳି ଭାରତୀୟ ସଙ୍ଗୀତ ଅଛି କି ଯାହାକୁ ଆପଣ ଗାଇବେ ଓ ମୁଁ ତାକୁ ଶୁଣି ଶାନ୍ତିରେ ଶୋଇପାରିବି ?' ଓଁକାରନାଥ ଶାସ୍ତ୍ରୀୟ ସଙ୍ଗୀତ ଗାଇଲେ ଓ ମୁସୋଲିନି ତାକୁ ଶୁଣିଲା ପରେ ଦୀର୍ଘ ସମୟ ଶୋଇପାରିଲେ । ଥରେ ବିସ୍ମିଲ୍ଲା ଖାନ୍ ଆମେରିକାରେ ସାହାନାଇ ବାଦନ କରୁଥିବା ସମୟରେ ଆମେରିକୀୟ ପ୍ରଶାସନ ତରଫରୁ ତାଙ୍କୁ ଅନୁରୋଧ କରାଗଲା, 'ଆପଣ ଆମ ଦେଶରେ ରହି ସାହାନାଇ ବାଦନ ଶିକ୍ଷା ଦିଅନ୍ତୁ' ବିସ୍ମିଲ୍ଲାଜୀ ଉତ୍ତରଦେଲେ, 'ମୁଁ କେବଳ ଭାରତରେ ଗଙ୍ଗାନଦୀ କୂଳରେ ହିଁ ରହିବି, ଯେହେତୁ ଗଙ୍ଗାନଦୀ ଜଳଧାରାର କଳକଳ ଧ୍ୱନିରୁ ମୁଁ ସଙ୍ଗୀତ ସାଧନା ପାଇଁ ପ୍ରେରଣା ଲାଭ କରିଛି ।' ଶାସ୍ତ୍ରୀୟ ସଙ୍ଗୀତ, ସାହାନାଇ ସ୍ୱରରେ ଯେଉଁ ମହାଭାରତୀୟ ଚେତନାଟି ରହିଛି ତାହାହିଁ ବିଦେଶୀମାନଙ୍କ ମନୋଭୂମିକୁ ଗୋଟେ ସାତ୍ତ୍ୱିକ ଭାବ ଭାବନାରେ ସିକ୍ତ କରୁଛି । ସଙ୍ଗୀତଜ୍ଞ ଓ ବାଦ୍ୟଯନ୍ତ୍ରର ସ୍ୱର ଭଳି ଜଣେ ସନ୍ଥଙ୍କ ସ୍ୱରରେ ମଧ୍ୟ ଚୁମ୍ବକତ୍ୱ ଥିଲା । ସେ ହେଲେ ସ୍ୱାମୀ ବିବେକାନନ୍ଦ । ଚିକାଗୋର ବିଶ୍ୱ ଧର୍ମ ମହାସଭାରେ ତାଙ୍କ ସ୍ୱରର ଗମ୍ଭୀରତା, ସ୍ମୃତିର ପ୍ରଖରତା, ବକ୍ତବ୍ୟର ଗଭୀରତା ଭିତରେ ବିଶ୍ୱବାସୀ ଅନୁଭବ କରିଥିଲେ, ଆକଳନ କରିଥିଲେ ଗୋଟେ ସ୍ୱୟଂସଂପୂର୍ଣ୍ଣ ମହାଭାରତୀୟତା, ଅନ୍ତର୍ଭେଦୀ ସାତ୍ତ୍ୱିକତା, ଯାହାର ଆଧାର ଥିଲା ବୈଦାନ୍ତିକ ଦର୍ଶନ । ଦକ୍ଷିଣ ଆଫ୍ରିକାରେ ଓ ପରବର୍ତ୍ତୀ ସମୟରେ ଭାରତବର୍ଷରେ ମହାତ୍ମା ଗାନ୍ଧିଙ୍କ କାର୍ଯ୍ୟଧାରାରେ ଅହିଂସା ଓ ସତ୍ୟାଗ୍ରହର ଅବଲମ୍ବନ ଥିଲା ସେହି ମହାଭାରତୀୟତା ଓ ସାତ୍ତ୍ୱିକତାର ଶୁଦ୍ଧ ପ୍ରକଟନ । ଉଭୟ ବିବେକାନନ୍ଦ ଓ ମହାତ୍ମା ଗାନ୍ଧିଙ୍କ ଉଚ୍ଚାରଣ ଥିଲା ମହାର୍ଘ ମହାଭାରତୀୟ ଚେତନାର ଚିନ୍ମୟ ମନ୍ତ୍ର। ସେହି ଚେତନାର ପ୍ରଭାବ ସ୍ପଷ୍ଟ ଅଭିବ୍ୟକ୍ତ ହୋଇଥିଲା ଭାରତରେ ସ୍ୱାଧୀନତା ଆନ୍ଦୋଳନ କାଳରେ । ଆମେରିକାରୁ ଲୁଇ ଫିସର୍ ଧାଇଁ ଆସିଥିଲେ ଭାରତକୁ ଗାନ୍ଧିଙ୍କ ଜୀବନ-ଚରିତ ଲିପିବଦ୍ଧ କରିବା ଉଦ୍ଦେଶ୍ୟରେ ଓ ଲେଖିଲେ ଖଣ୍ଡେ ବହି 'ଗାନ୍ଧି : ହିଜ୍ ଲାଇଫ୍ ଆଣ୍ଡ ମେସେଜ୍ ଫର୍ ଦି ଓ୍ୱାରଲ୍ଡ' । ଇଂଲଣ୍ଡର ଫେନର୍ ବ୍ରୋକ୍‌ୱେ ଗାନ୍ଧିଙ୍କ ନେତୃତ୍ୱକୁ ଭୂୟସୀ ପ୍ରଶଂସା କଲେ ଓ ତାଙ୍କ ଅହିଂସା ନୀତିରେ ଅନୁପ୍ରାଣିତ ହୋଇ ଉପନିବେଶବାଦ, ସାମ୍ରାଜ୍ୟବାଦ, ଆଣବିକ ଅସ୍ତ୍ର ଓ ଆମିଷ ଭକ୍ଷଣ ବିରୋଧରେ ଜନ-ସଚେତନତା ସୃଷ୍ଟି କଲେ। ଜର୍ମାନୀର ଆଲ୍‌ବର୍ଟ୍ ଆଇନ୍‌ଷ୍ଟାଇନ୍ ଗାନ୍ଧି-ଦର୍ଶନରେ ପ୍ରଭାବିତ ହୋଇ ତାଙ୍କୁ ଜଣେ 'ସନ୍ଥ' ରୂପରେ ଗ୍ରହଣ କଲେ । ଫ୍ରାନ୍ସର ରୋମାଁରୋଲାଁ ଗାନ୍ଧି କିଭଳି ମହାତ୍ମା ହେଲେ ବୋଲି ବିଶ୍ଳେଷଣ କରି 'ମହାତ୍ମା ଗାନ୍ଧି' ଶୀର୍ଷକ ବହିଟିଏ ଲେଖିଲେ । ଗାନ୍ଧିଙ୍କର ମହାନୁଭବତା ଥିଲା ତାଙ୍କ ଗ୍ରହଣଶୀଳତାରେ। ସେ ଗ୍ରହଣ କରିଥିଲେ ଆମେରିକାର ହେନରୀ ଡାଭିଡ୍ ଥରୋଙ୍କ 'ସିଭିଲ୍ ଡିସ୍‌ଓବିଡିଏନ୍ସ' ପ୍ରବନ୍ଧରୁ ରାଜନୀତିର ସାର, ଇଂଲଣ୍ଡର ଜନ୍ ରସ୍କିନ୍‌ଙ୍କ 'ଅଣ୍ଟୋ ଦିସ୍ ଲାଷ୍ଟ' ପୁସ୍ତକରୁ ଅର୍ଥନୀତିର ସାର, ରୁଷିଆର କାଉଣ୍ଟ ଲିଓ ଟଲଷ୍ଟୟଙ୍କ 'ଦି କିଙ୍ଗଡମ୍ ଅଫ୍ ଗଡ୍ ଇଜ୍ ଉଇଦିନ୍ ଇଉ' ପୁସ୍ତକରୁ ଆଧ୍ୟାତ୍ମିକତାର ସାରା ମହାଭାରତୀୟ ଚେତନା ସତ୍ୟ ଓ ଅହିଂସାକୁ ଗ୍ରହଣ କରିବାର ମାର୍ଗ ଦର୍ଶନ କରେ, ସମଗ୍ର ବସୁଧାକୁ ଗୋଟିଏ କୁଟୁମ୍ବ ବୋଲି ବିଚାର କରେ, ଯେକୌଣସି ରାଷ୍ଟ୍ରର ମହତ ବ୍ୟକ୍ତିଙ୍କ ମହତ ଚିନ୍ତନକୁ ଗ୍ରହଣ କରେ, ଯାହା ପ୍ରତିଫଳିତ ହୋଇଥିଲା ଭାରତର ସ୍ୱାଧୀନତା ଆନ୍ଦୋଳନରେ । ବୈଦିକ ଋଷିଙ୍କ କଣ୍ଠରୁ ଝରିଆସିଥିଲା ଅମୃତ ବଚନ, 'ବିଶ୍ୱକୁ ଆର୍ଯ୍ୟ ବା ଶ୍ରେଷ୍ଠ କର । ବ୍ୟକ୍ତି-ସମୁଦାୟ ଶ୍ରେଷ୍ଠ ହେଲେ ବିଶ୍ୱ ଶ୍ରେଷ୍ଠ ହେବ । ସତ୍ ମନୁଷ୍ୟ ହୁଅ, ସତ୍ ମନୁଷ୍ୟ ସୃଷ୍ଟି କର । ମନୁଷ୍ୟତ୍ୱ ଅର୍ଜନ କର । ମନୁଷ୍ୟତ୍ୱର ବୈଜୟନ୍ତୀ ଉର୍ଦ୍ଧ୍ୱରେ ଉତ୍ତୋଳନ କର ।' (ମନୁର୍ଭବ ଜନୟା ଦୈବ୍ୟଂ ଜନମ୍ / ଉର୍ଦ୍ଧ୍ୱଂ କୃଣ୍ୱନ୍ତ୍ୱ ଧ୍ୱରସ୍ୟ କେତୁମ୍) । ସ୍ୱାଧୀନତା ଆନ୍ଦୋଳନକୁ ଫଳପ୍ରଦ କରିଥିବା ଓ ସ୍ୱାଧୀନତା ପ୍ରାପ୍ତି ପରେ ରାଷ୍ଟ୍ର ଗଠନରେ ରଚନାତ୍ମକ ଭୂମିକା ଗ୍ରହଣ କରିଥିବା ପ୍ରମୁଖ ବ୍ୟକ୍ତିମାନଙ୍କ ଜୀବନ-ଚରିତ ପଢ଼ିଲେ ଆମେ ଜାଣିପାରିବା ସେମାନେ କିଭଳି ଉପରୋକ୍ତ ମହାଭାରତୀୟ ଆଦର୍ଶରେ ନିଜ ନିଜର ଜୀବନକୁ ଗଢ଼ିଥିଲେ ଓ ସେପରି ଜୀବନ ଗଢ଼ିବାକୁ ଅନ୍ୟମାନଙ୍କୁ ପ୍ରେରଣା ଦେଇଥିଲେ । ସେହି ସମସ୍ତଙ୍କ ଜୀବନ ଶ୍ରେଷ୍ଠତ୍ୱରେ ଅଧିରୂଢ଼ ହୋଇଥିଲା । 'ଶ୍ରୀମଦ୍‌ଭଗବତ୍ ଗୀତା'ରେ ବର୍ଣ୍ଣିତ 'କର୍ମଯୋଗ' ପରିସ୍ଫୁଟ ହୋଇଥିଲା ଗାନ୍ଧିଙ୍କ ଜୀବନରେ, ଯିଏ ଆଜୀବନ କର୍ମବାଦ ବା ସକ୍ରିୟତାବାଦ ଉପରେ ପ୍ରାଧାନ୍ୟ ଆରୋପ କରୁଥିଲେ । ଯେଉଁ କର୍ମବାଦ ପ୍ରତିଫଳିତ ହୋଇଥିଲା ବାଳଗଙ୍ଗାଧର ତିଳକଙ୍କ 'କେଶରୀ' ପତ୍ରିକା ସଂପାଦନାରେ, ବିନୋବାଙ୍କ 'ଭୂଦାନ ଯଜ୍ଞ'ରେ, ଜୟପ୍ରକାଶଙ୍କ 'ସର୍ବୋଦୟ ଆନ୍ଦୋଳନ'ରେ, ମଦନମୋହନ ମାଳବ୍ୟ, ସୟଦ୍ ଅହମ୍ମଦ ଖାନ, ଆବୁଲ୍ କଲାମ୍ ଆଜାଦ୍‌ଙ୍କ 'ଶୈକ୍ଷିକ ଉତ୍କର୍ଷ ସାଧନ'ରେ ଓ ସ୍ୱାଧୀନତାର ଉତ୍ତରକାଳରେ ଗଣେଶ ବାସୁଦେବ ମାଭଲଙ୍କର୍ ଓ ଅନନ୍ତଶୟନମ୍ ଆୟେଙ୍ଗର୍ ପ୍ରମୁଖଙ୍କ 'ପାର୍ଲାମେଣ୍ଟ ପରିଚାଳନା'ରେ । ଏମିତି ଶତ ଶତ ଦୃଷ୍ଟାନ୍ତ ରହିଛି ।ରବୀନ୍ଦ୍ରନାଥ ଠାକୁରଙ୍କ 'ଗୀତାଞ୍ଜଳି' (ସଙ୍ଗ୍ ଅଫରିଙ୍ଗ୍) କବିତା-ପୁସ୍ତକରେ ଭୂମଣ୍ଡଳରୁ ନଭୋମଣ୍ଡଳ ପର୍ଯ୍ୟନ୍ତ, ଦେହ-ଦେବାଳୟରୁ ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ ସବୁଠି ଦିବ୍ୟତାର ସ୍ପର୍ଶ ରହିଛି । ସେଥି ସହିତ ରହିଛି ଭାରତର ପ୍ରଶସ୍ତି ଗାନ, ମହାଭାରତୀୟ ଚିନ୍ତନ ଓ ସ୍ୱାଧୀନତା ପ୍ରାପ୍ତି ନିମିତ୍ତ ପ୍ରତ୍ୟୟ, ପ୍ରେରଣା, ପ୍ରାର୍ଥନା । ରବୀନ୍ଦ୍ରନାଥ ମହାଭାରତୀୟ ଚେତନା ସହିତ ସ୍ୱାଧୀନତାକୁ ଯୋଡ଼ିଦେଇ 'ଗୀତାଞ୍ଜଳି' ପୁସ୍ତକଟିକୁ ଗୋଟେ ବୈଶ୍ୱିକ ବିଭୂତିରେ ରୂପାନ୍ତରିତ କରି ଦେଇଛନ୍ତି । ବିଶେଷତଃ 'ହୋୟାର୍ ଦି ମାଇଣ୍ଡ ଇଜ୍ ଉଇଦାଉଟ୍ ଫିଅର୍' କବିତାରେ ସେ ଦେଖିବାକୁ ଚାହିଁଛନ୍ତି ଗୋଟେ ସ୍ୱାଧୀନ ରାଷ୍ଟ୍ର ଯେଉଁଠି ମଣିଷର ମନ ଭୟରୁ ମୁକ୍ତ ହୋଇଥିବ, ମଣିଷ ତା'ର ମଥା ଉନ୍ନତ କରି ବାଟ ଚାଲୁଥିବ ଓ ସତ୍ୟବାକ୍, ବିବେକୀ ହୋଇଥିବ, ଜ୍ଞାନର ଦ୍ୱାର ସଦା ଉନ୍ମୁକ୍ତ ରହିଥିବ, ସମାଜକୁ ବିଭାଜିତ କରୁଥିବା ସଂକୀର୍ଣ୍ଣତା ନଥିବ, ଅନ୍ଧବିଶ୍ୱାସ, କୁସଂସ୍କାର ନଥିବ ଇତ୍ୟାଦି । ଏସବୁ ତ ପ୍ରଶସ୍ତ ମହାଭାରତୀୟତା ଓ ତନ୍ମଧ୍ୟସ୍ଥ ଉଦାର ମାନବୀୟ ଆବେଦନ, ଯାହାକୁ ପଢ଼ି ଆୟାର୍ଲ୍ୟାଣ୍ଡର କବି ଉଇଲିୟମ୍ ବଟ୍‌ଲର୍ ୟେଟ୍ସ ମଧ୍ୟ ଭାବବିହ୍ୱଳ ହେଇଗଲେ । ମହାଭାରତୀୟ ଚେତନାର ଧ୍ୱନି ସମଗ୍ର ବିଶ୍ୱରେ ଯେଭଳି ଆମ ସ୍ୱାଧୀନତା ଆନ୍ଦୋଳନରେ ସେହିଭଳି ପ୍ରତିଧ୍ୱନିତ ହୋଇଛି। ସେହି ଚେତନା ଆମକୁ ଉଦ୍‌ବୁଦ୍ଧ କରିଛି ସତ୍ୟ ଓ ଅହିଂସା ବଳରେ ବିଦେଶୀ ଶାସନରୁ ନିଜକୁ ମୁକ୍ତ କରିବାକୁ, ବିଶ୍ୱ-ଚିନ୍ତକମାନଙ୍କର ମହତ୍ ଚିନ୍ତାକୁ ଗ୍ରହଣ କରିବାକୁ, କର୍ମଯୋଗୀ ହୋଇ ମୂଲ୍ୟବୋଧଯୁକ୍ତ ଜୀବନ ବଞ୍ଚିବାକୁ, ସାର୍ବଜନିକ ମଙ୍ଗଳ ନିମିତ୍ତ ସାତ୍ତ୍ୱିକତାର ପ୍ରୟୋଗ କରିବାକୁ। କେବଳ ମୂଲ୍ୟବୋଧ ହିଁ ସ୍ୱାଧୀନତାର ରକ୍ଷାକବଚ, ଏ ହେଉଛି ମହାଭାରତୀୟ ଚେତନାର ଉଦ୍‌ଘୋଷଣା ।

# ନୀରବ ଘାତକ



ଡକ୍ଟର ମିହିର ପଟ୍ଟନାୟକ
ମୋ : ୯୪୩୮୩୦୧୫୭୯

ଏହି କାହାଣୀଟି ପ୍ରାରମ୍ଭ ହୁଏ ଜାପାନର ଏକ ଛୋଟ ଉପକୂଳବର୍ତ୍ତୀ ସହର 'ମୀନାମାତା' ରୁ; ଯାହା ୧୯୫୦ ଦଶକରେ ଥିଲା ସମଗ୍ର ବିଶ୍ୱପାଇଁ ଏକ ଭୟଙ୍କର ଚେତାବନୀ। ସବୁକିଛି ଠିକ୍‌ଠାକ୍ ଚାଲିଥିବାବେଳେ ହଠାତ୍ ସେଠାକାର ଲୋକମାନେ ଅଜବ ରୋଗରେ ପୀଡ଼ିତ ହେବାକୁ ଲାଗିଲେ। ସେମାନଙ୍କର ସ୍ୱରତନ୍ତ୍ରୀ ଥରିବା ସହିତ କ୍ରମଶଃ ଦୃଷ୍ଟିଶକ୍ତି ହ୍ରାସ ପାଇଲା ଓ କିଛିଲୋକ ପାଗଳଙ୍କ ଭଳି ବ୍ୟବହାର କରି ଶେଷରେ ମୃତ୍ୟୁମୁଖରେ ପଡ଼ିଲେ। ଗର୍ଭବତୀ ମହିଳାମାନେ ବିକଳାଙ୍ଗ ଶିଶୁମାନଙ୍କୁ ଜନ୍ମ ଦେଲେ। ସାଧାରଣ ଲୋକମାନେ ଏହାକୁ କୌଣସି ଏକ ଦୈବ ଅଭିଶାପ ବୋଲି ଭାବିନେଲେ। ପରନ୍ତୁ ଅନୁସନ୍ଧାନରୁ ଜଣାପଡ଼ିଲା ଯେ ସହରର ଏକ ରାସାୟନିକ କାରଖାନାରୁ ନିର୍ଗତ ପାରଦ (Mercury) ସେଠାକାର ଜଳରେ ମିଶୁଥିଲା, ଯାହା ଏକାସାଙ୍ଗରେ ଶହଶହ ଲୋକଙ୍କର ମୃତ୍ୟୁର କାରଣ ହେଲା। କିନ୍ତୁ କିପରି ? ଏହାର ଏକମାତ୍ର ଉତ୍ତର ହେଉଛି 'ଜୈବ ଅଭିବର୍ଦ୍ଧନ' (Biomagnification) ପ୍ରକ୍ରିୟା, ଯେଉଁଥିରେ ଅବିଘଟନୀୟ (Non-biodegradable) ବିଷାକ୍ତ ରାସାୟନିକ ପଦାର୍ଥଗୁଡ଼ିକ ଖାଦ୍ୟ ଶୃଙ୍ଖଳର (Food chain) ନିମ୍ନ ସ୍ତରରୁ ଉଚ୍ଚ ସ୍ତରକୁ ଗତି କରିବା ସମୟରେ ସେମାନଙ୍କର ସାନ୍ଦ୍ରତା (Concentration) ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇ ଶେଷରେ ମଣିଷମାନଙ୍କ ପାଖରେ ପହଞ୍ଚେ। ଆଧୁନିକ ଶିଳ୍ପାୟନ ଏବଂ କୃଷି କ୍ଷେତ୍ରରେ ରାସାୟନିକ ପଦାର୍ଥର ବ୍ୟବହାର ମାନବ ସମାଜର ଉନ୍ନତିରେ ସହାୟକ ହୋଇଥିଲେ ମଧ୍ୟ, ଏହା ପରିବେଶ ପାଇଁ ନୂତନ ଆହ୍ୱାନ ସୃଷ୍ଟି କରିଛି। ଅନେକ ରାସାୟନିକ ଯୌଗିକ, ଯେପରିକି କ୍ଲୋରିନ୍ ଯୁକ୍ତ ହାଇଡ୍ରୋକାର୍ବନ (Chlorinated hydrocarbons), ଭାରୀ ଧାତୁ (Heavy metals) ଏବଂ ତେଜସ୍କ୍ରିୟ ପଦାର୍ଥ (Radioactive materials), ସହଜରେ ପ୍ରାକୃତିକ ପ୍ରକ୍ରିୟାରେ ବିଘଟିତ ହୁଅନ୍ତି ନାହିଁ। ଏହି 'ସ୍ଥାୟୀ ଜୈବ ପ୍ରଦୂଷକ' (Persistent Organic Pollutants-POPs) ଗୁଡ଼ିକ ପରିବେଶରେ ଦୀର୍ଘସମୟ ପର୍ଯ୍ୟନ୍ତ ରହିଥାଆନ୍ତି ଓ 'ଜୈବ ଅଭିବର୍ଦ୍ଧନ' ପ୍ରକ୍ରିୟାରେ ଉକ୍ତ ବିଷାକ୍ତ ପଦାର୍ଥଗୁଡ଼ିକ ଖାଦ୍ୟ ଜାଲକ ମାଧ୍ୟମରେ କ୍ରମଶଃ ଉଚ୍ଚ ସ୍ତରକୁ ବାହିତ ହୋଇ ଶୀର୍ଷ ମାଂସାଶୀ ପ୍ରାଣୀ ତଥା ମାନବ ପାଇଁ ଘାତକ ସାବ୍ୟସ୍ତ ହୁଅନ୍ତି। ପ୍ରଥମ ପର୍ଯ୍ୟାୟରେ କୀଟନାଶକ ଔଷଧ, ପାରଦ କିମ୍ବା ଆର୍ସେନିକ ଭଳି ଅବିଘଟନୀୟ ପ୍ରଦୂଷକଗୁଡ଼ିକ ଶିଳ୍ପ କାରଖାନା ବା କୃଷି କ୍ଷେତ୍ରରୁ ଜଳାଶୟ ଓ ମୃତ୍ତିକାରେ ମିଶିଥାନ୍ତି। ଛୋଟ ଛୋଟ ଉଦ୍ଭିଦ ବା ଶିଉଳି ଭଳି ପ୍ରାଥମିକ ଉତ୍ପାଦକଗୁଡ଼ିକ ଏହି ପ୍ରଦୂଷକଗୁଡ଼ିକୁ ସେମାନଙ୍କର ପରିବେଶରୁ ଗ୍ରହଣ କରିଥାନ୍ତି। ଏହି ପଦାର୍ଥଗୁଡ଼ିକ ହଜମ ହୋଇପାରନ୍ତି ନାହିଁ ବା ଜୀବମାନଙ୍କର ଶରୀରରୁ ନିଷ୍କ୍ରାନ୍ତ ହୋଇ ପାରନ୍ତି ନାହିଁ। ତେଣୁ କ୍ରମାଗତ ଭାବରେ ସେମାନଙ୍କ ଶରୀରରେ ଜମାହୋଇ ରହନ୍ତି। ଖାଦ୍ୟ ଶୃଙ୍ଖଳରେ ବଡ଼ ଜୀବମାନେ ଅନେକ ଛୋଟ ଛୋଟ ଜୀବମାନଙ୍କୁ ଭକ୍ଷଣ କରିଥାନ୍ତି। ଫଳରେ ସେମାନଙ୍କ ଶରୀରରେ ବିଷାକ୍ତ ପଦାର୍ଥର ପରିମାଣ ଧିରେ ଧିରେ ଅଧିକ ହୋଇଯାଏ। ଏହିପରି ଭାବରେ ଖାଦ୍ୟ ଶୃଙ୍ଖଳର ପ୍ରତ୍ୟେକ ପରବର୍ତ୍ତୀ ସ୍ତରରେ ବିଷାକ୍ତ ପଦାର୍ଥର ଘନତା ବହୁଗୁଣିତ ହୁଏ। ଏହି ପ୍ରକ୍ରିୟା ଶୀର୍ଷ ମାଂସାଶୀ ପ୍ରାଣୀ, ପକ୍ଷୀ ଓ ମନୁଷ୍ୟମାନଙ୍କ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇଯାଏ, କାରଣ ସେମାନଙ୍କ ଶରୀରରେ ବିଷାକ୍ତ ପଦାର୍ଥ ସର୍ବାଧିକ ମାତ୍ରାରେ ଜମା ହୋଇଥାଏ। ଆଜିକାଲି ବଜାରରେ ମିଳୁଥିବା ପନିପରିବା ଓ ଚିକେନ୍, ଆମ ଶରୀର ପାଇଁ ଯେ କେତେ ସୁରକ୍ଷିତ, ତାହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। କୃଷି ଓ ପଶୁପାଳନରେ ବ୍ୟବହୃତ କୀଟନାଶକ, ସାର ଏବଂ ଆଣ୍ଟିବାୟୋଟିକ୍ ଭଳି ରାସାୟନିକ ପଦାର୍ଥ 'ଜୈବ ଅଭିବର୍ଦ୍ଧନ' ପ୍ରକ୍ରିୟା ଦ୍ୱାରା ଖାଦ୍ୟ ଶୃଙ୍ଖଳର ବିଭିନ୍ନ ପ୍ରାଣୀଙ୍କ ଶରୀରରେ ଜମା ହୋଇଥାନ୍ତି। ଆମେ ଯେତେବେଳେ ସେହି ବିଷାକ୍ତ ପନିପରିବାକୁ ଲଗାତର ଖାଇଥାଉ, ସେଥିରେ ଥିବା ରାସାୟନିକ ପଦାର୍ଥଗୁଡ଼ିକ ଆମ ଶରୀରର ଫ୍ୟାଟି ଟିସୁ (Fatty tissues) ରେ ଜମା ହେବାକୁ ଲାଗେ। ସେହିପରି, ପଶୁପାଳନ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପାଇଁ କିମ୍ବା ରୋଗ ନିୟନ୍ତ୍ରଣ ପାଇଁ କୁକୁଡ଼ାମାନଙ୍କୁ ବହୁ ପରିମାଣରେ ଆଣ୍ଟିବାୟୋଟିକ୍ ଓ ଅନ୍ୟାନ୍ୟ ଅଭିବୃଦ୍ଧି ହରମୋନ ଦିଆଯାଏ, ଯାହା ସେମାନଙ୍କ ଶରୀରରେ ସଂଚୟ ହୋଇ ରହେ। ଯେତେବେଳେ ଆମେ ସେହି କୁକୁଡ଼ା ମାଂସ ଖାଉ ସେହି ସମସ୍ତ ବିଷାକ୍ତ ପାଦାର୍ଥ ଆମ ଶରୀରକୁ ସ୍ଥାନାନ୍ତରିତ ହୁଏ ଓ ଖାଦ୍ୟ ଶୃଙ୍ଖଳର ଶୀର୍ଷରେ ଥିବାରୁ, ଆମ ଶରୀରରେ ଏହି ବିଷାକ୍ତ ରାସାୟନିକର ସାନ୍ଦ୍ରତା ଅଧିକ ହୋଇଥାଏ।

ମଣିଷ ପାଇଁ ଏହି 'ଜୈବ ଅଭିବର୍ଦ୍ଧନ' ସବୁଠାରୁ ବିପଜ୍ଜନକ। ଜମା ହୋଇଥିବା ବିଷାକ୍ତ ପଦାର୍ଥଗୁଡ଼ିକ ମାନବ ଶରୀରରେ ତୁରନ୍ତ ସେପରି କୌଣସି ବଡ଼ ରୋଗ ସୃଷ୍ଟି କରିନଥାଏ। କିନ୍ତୁ ଦୀର୍ଘଦିନ ପରେ ଏହାର ଭୟଙ୍କର କୁପ୍ରଭାବ ଦେଖାଯାଏ। ଖାଦ୍ୟ ମାଧ୍ୟମରେ ଶରୀରରେ ପହଞ୍ଚୁଥିବା ଆଣ୍ଟିବାୟୋଟିକ୍ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ କମାଇ ଦିଏ। ଫଳରେ ଯେତେବେଳେ ଆମେ ପ୍ରକୃତରେ ଅସୁସ୍ଥ ହୋଇ ଡାକ୍ତରୀ ଔଷଧ ଖାଉ, ତାହା ଆଉ କାମ କରେନାହିଁ। ପନିପରିବାରେ ଥିବା କୀଟନାଶକ ଏବଂ ଚିକେନ୍‌ରେ ଥିବା ହରମୋନ କର୍କଟ ରୋଗର ଆଶଙ୍କା ବଢ଼ାଇବା ସହିତ ଶରୀରର ହରମୋନ ସନ୍ତୁଳନକୁ ନଷ୍ଟକରିଦିଏ, ଯାହା ପ୍ରଜନନ ସମସ୍ୟା ସୃଷ୍ଟି କରିଥାଏ। ଫଳରେ ପୁରୁଷ ଓ ନାରୀ ଉଭୟଙ୍କ ଠାରେ ବନ୍ଧ୍ୟା ଦୋଷ ଦେଖାଦିଏ। ରାଚେଲ କାରସନ (Rachel Carson)ଙ୍କ ପୁସ୍ତକ 'ଦି ସାଇଲେଣ୍ଟ ସ୍ପ୍ରିଂ' (The Silent Spring) ଅନୁଯାୟୀ, ଜୈବ ଅଭିବର୍ଦ୍ଧନର ଏକ ମୁଖ୍ୟ ଉଦାହରଣ ହେଉଛି ବାଜପକ୍ଷୀ (Bald Eagles) ଏବଂ ପେରେଗ୍ରାଇନ୍ ଫାଲ୍‌କନ (Peregrine Falcons) ଭଳି ଶିକାରୀ ପକ୍ଷୀଙ୍କ ଉପରେ ଡି.ଡ଼ି.ଟି (DDT) ର କୁପ୍ରଭାବ। ଏହି ରାସାୟନିକ ମାଟି ଓ ଜଳରେ ମିଶି ଖାଦ୍ୟ ଶୃଙ୍ଖଳ ଦେଇ ମାଂସାଶୀ ପକ୍ଷୀମାନଙ୍କ ଶରୀରରେ ପ୍ରବେଶ କଲା। ଡିଡିଟି (DDT) ସେମାନଙ୍କ ଶରୀରରେ ଜମାହୋଇ ସେମାନଙ୍କର ପ୍ରଜନନ କ୍ଷମତା ନଷ୍ଟ କରିଦେଲା। ଫଳରେ ସେମାନଙ୍କର ଅଣ୍ଡାର ଖୋଳପା ପତଳା ହୋଇ ଭାଙ୍ଗିଗଲା ଏବଂ ପକ୍ଷୀମାନଙ୍କର ସଂଖ୍ୟା ହ୍ରାସ ପାଇଲା। ଏହି କାରଣରୁ ପକ୍ଷୀମାନଙ୍କର କିଚିରି ମିଚିରି ଶବ୍ଦ ଆଉ ଶୁଭିଲା ନାହିଁ, ଯାହାକୁ ସେ 'ନିରବ ବସନ୍ତ'ର ଆଖ୍ୟା ଦେଲେ। 'ଜୈବ ଅଭିବର୍ଦ୍ଧନ' ଏକ ନୀରବ ଘାତକ, ଯାହା ସମଗ୍ର ପରିବେଶ ତନ୍ତ୍ରର ସନ୍ତୁଳନକୁ ବିଗାଡ଼ିଦିଏ। ପରିବେଶକୁ ନିର୍ଗତ ହେଉଥିବା ପ୍ରତ୍ୟେକ ବିଷାକ୍ତ ପଦାର୍ଥ ଶେଷରେ ଖାଦ୍ୟ ଶୃଙ୍ଖଳ ଦେଇ ମଣିଷ ନିକଟରେ ପହଞ୍ଚେ। ସୁସ୍ଥ ପରିବେଶ ଏବଂ ମାନବ ସ୍ୱାସ୍ଥ୍ୟ ପାଇଁ ସ୍ଥାୟୀ ପ୍ରଦୂଷକଗୁଡ଼ିକର ବ୍ୟବହାରକୁ ସଂପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ଏକାନ୍ତ ଆବଶ୍ୟକ। କାରଣ ଆମେ ପରିବେଶ ପ୍ରତି କରୁଥିବା ଅତ୍ୟାଚାର ଶେଷରେ ବୁମେରାଂ ଭଳି ଆମ ପାଖକୁ ଫେରିଆସେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





## ବୀରମହାରାଜପୁର ଆତ୍ମା ଅଧକ୍ଷ ହେଲେ ଏକଲବ୍ୟ ବେହେରା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କୃଷକ ଉପଦେଷ୍ଟା କମିଟି ଅଧକ୍ଷ ଭାବେ ଏକଲବ୍ୟ ବେହେରାଙ୍କୁ ସର୍ବସମ୍ମତିରେ ଚୟନ କରାଯାଇଛି । ବୀରମହାରାଜପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଟିଟି କନଭେନରଙ୍କ ଅଧ୍ୟକ୍ଷତାରେ ଚାଷୀ ଓ କମିଟିର ଅନୁରୋଧ କ୍ରମେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ବ୍ଲକ ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା ଜୋନ୍ ୧ ଜିଲ୍ଲାପରିଷଦ ସଭ୍ୟ ଲବକୁମାର ସାହୁ, ଜୋନ୍ ୨ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଅତିରିକ୍ତ କୃଷି ଅଧିକାରୀ, ବିଟିଏମ୍, ଏଟିଏମ୍ଙ୍କ ଉପସ୍ଥିତିରେ ବରିଷ୍ଠ ଚାଷୀ ରାମ ପ୍ରସାଦ କର୍ଣ୍ଣ ଯୁବ ଚାଷୀ ଏକଲବ୍ୟ ବେହେରାଙ୍କ ନାମ କୃଷକ ଉପଦେଷ୍ଟା କମିଟି ଅଧକ୍ଷ ପାଇଁ ପ୍ରସ୍ତାବ ଦେଇଥିଲେ । ଉକ୍ତ ପ୍ରସ୍ତାବକୁ ଯୁବ ଚାଷୀ ବିଦ୍ୟାଧର ଖୁର୍ଡିଆ ସମର୍ଥନ କରିଥିବା ବେଳେ ସମସ୍ତ ଉପସ୍ଥିତି ଚାଷୀ ନେତା (ସଭ୍ୟ)ମାନେ ଦସ୍ତଖତ କରି ଏକଲବ୍ୟ ବେହେରାଙ୍କୁ ଅଧକ୍ଷ ଭାବେ ସମର୍ଥନ କରିଥିଲେ । ଉକ୍ତ ନାମକୁ ଅନୁମୋଦନ ପାଇଁ ଜିଲ୍ଲାପାଳଙ୍କ ସ୍ୱୀକୃତି ପରେ ଆନୁଷ୍ଠାନିକ ଘୋଷଣା କରାଯିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବୁଦ୍ଧଦେବ ରାଉତ ସୂଚନା ଦେଇଥିଲେ । ଏହି ବ୍ଲକ କୃଷକ ଉପଦେଷ୍ଟା କମିଟିରେ ୩୦ ଜଣ ଉଭୟ ମହିଳା ପୁରୁଷ ଚାଷୀ ସଭ୍ୟ ରହିଥିବା ବେଳେ ପ୍ରାୟ ୨୪ ଜଣ ଚାଷୀ ଉପସ୍ଥିତ ଥିଲେ ।

# ୧୦୦ କୋଟିର ଅଢ଼େଇ ଏକର ମୂଲ୍ୟବାନ ଜମିକୁ ୩ କୋଟିରେ ହସ୍ତାନ୍ତର ଅଭିଯୋଗ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକର ସିଡିଏ ସେକ୍ଟର-୬ ଅଞ୍ଚଳରେ ମୂଲ୍ୟବାନ ସରକାରୀ ଜମିକୁ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଟେକି ଦେବାର ମସୁଧା ହୋଇଛି । ଅଢେଇ ଏକର ପରିମିତ (୧ ଲକ୍ଷ ବର୍ଗଫୁଟ)ର ଏହି ଜମିର ମୂଲ୍ୟ ୧୦୦ କୋଟି ଟଙ୍କାରୁ ଅଧିକ ହେବ । ହେଲେ ଏହାକୁ ମାତ୍ର ୩ କୋଟି ଟଙ୍କାରେ ସଂପୃକ୍ତ ସଂସ୍ଥା ହାତକୁ ଟେକି ଦେବା ଲାଗି ଯୋଜନାବଦ୍ଧ ପ୍ରୟାସ ହୋଇଛି । ସଂପୃକ୍ତ ସଂସ୍ଥା ପୂର୍ବରୁ ମଧ ସିଡିଏରୁ ବହୁ ଜମି ହାତେଇ ନିଜର କାରବାର ଚଳାଇଛନ୍ତି । ଏଥର ମଧ ଏହି ପ୍ରକ୍ରିୟାରେ ବରିଷ୍ଠ ପ୍ରାଶାସନିକ ଅଧିକାରୀ ଓ ଶାସକ ଦଳର ନେତାଙ୍କ ସଂପୃକ୍ତି ସନ୍ଦେହ କରାଯାଉଛି । ଅଭିଯୋଗ ଅନୁଯାୟୀ, କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ୨୦୨୫,




ନଭେମ୍ବର ୨୧ରେ ସିଡିଏ ସେକ୍ଟର-୬ରେ ଥିବା ୨.୫ ଏକର ଜମି ଇ-ନିଲାମ୍‌ରେ ଆବଣ୍ଟନ କରିବାକୁ ଟେଣ୍ଡର (ନମ୍ବର ୧୩୪୪୭) ପ୍ରକାଶ ପାଇଥିଲା । ଆବେଦନର ଶେଷ ତାରିଖ ଥିଲା ଡିସେମ୍ବର ୧୨ । ଏଥିପାଇଁ ବିଭିନ୍ନ ସର୍ତ୍ତ ସହିତ ୨ କୋଟି ଟଙ୍କା ଜମାନତ ରାଶି ଦାଖଲର ନିର୍ଦ୍ଦେଶ ଥିଲା । ଟେଣ୍ଡର ପ୍ରକ୍ରିୟାରେ ମାତ୍ର ଜଣେ ବିଡ଼ର ଅଂଶଗ୍ରହଣ କରିଥିଲେ । ସିଙ୍ଗିଲ୍ ଟେଣ୍ଡର ଯୋଗୁଁ ଏହା ବାତିଲ୍ ହୋଇ ସାନି ଟେଣ୍ଡର ଜାରି କରାଯିବା କଥା । ମାତ୍ର ସିଡିଏ କର୍ତ୍ତୃପକ୍ଷ ଏହାକୁ ବାତିଲ୍ କରିବା ପରିବର୍ତ୍ତେ କୌଣସି ଯଥାର୍ଥ କାରଣ ନ ଦର୍ଶାଇ ସଂଶୋଧିତ ବିଜ୍ଞପ୍ତି ଜରିଆରେ ଟେଣ୍ଡର ଆବେଦନର ଶେଷ ତାରିଖକୁ ୨୦୨୫, ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଦେଲେ । ଏହି ପ୍ରକ୍ରିୟାରେ ଛତିଶଗଡ଼ର ଏକ ସଂସ୍ଥା ଯୋଡ଼ି ହେଲା ଏବଂ ଏହି ଦୁଇ ସଂସ୍ଥା ମଧ୍ୟରୁ ଗୋଟିଏକୁ ବାଛିବାର ବାଟ ପ୍ରସ୍ତୁତ କରାଗଲା । ୩ କୋଟି ଟଙ୍କାରେ ଅଢେଇ ଏକର ମୂଲ୍ୟବାନ ଜମିକୁ ସଂପୃକ୍ତ ସଂସ୍ଥା ହାତେଇ ନେବାର କ୍ଷେତ୍ର ପ୍ରସ୍ତୁତ ହେଇଗଲା । ଏଭଳି ପ୍ରକ୍ରିୟା ବିରୋଧରେ ଏକ ପ୍ରତିଷ୍ଠିତ ଡେଭ୍‌ଲପ୍‌ର ସଂଘ ପକ୍ଷରୁ ସିଡିଏ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିଲା । ମାତ୍ର ସିଡିଏ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରିଥିବା ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଭିଜିଲାନ୍ସ ଡିଜି, ଜିଲ୍ଲାପାଳ, ସିଡିଏ ଉପାଧକ୍ଷଙ୍କ ପର୍ଯ୍ୟନ୍ତ ଅଭିଯୋଗ ହୋଇଛି । ଏହି ନିଲାମ୍ ବାତିଲ୍ ସହ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଦାବି କରାଯାଇଛି । ଅନ୍ୟପଟେ ଏ ସମ୍ପର୍କରେ ସିଡିଏ ସଚିବ ଡକ୍ଟର ଶ୍ୱେତ କୁମାର ଦାଶ କହିଛନ୍ତି ଯେ ସିଡିଏ ସେକ୍ଟର-୬ରେ ଥିବା ୨.୫ ଏକର ଜମିର ଇ-ନିଲାମ୍ ପାଇଁ ଗ୍ଲୋବାଲ୍ ଟେଣ୍ଡର କରାଯାଇଥିଲା । ଏଥିରେ କେହି ଅଂଶଗ୍ରହଣ କଲେନାହିଁ । ଏଣୁ ଏହାର ଅବଧିକୁ ୨ଥର ବୃଦ୍ଧି କରାଯାଇଥଲା । ଶେଷରେ ୨ଟି ସଂସ୍ଥା ଏଥିରେ ଅଂଶଗ୍ରହଣ କରିଥିଲେ । ଉକ୍ତ ଜମିର ଅଧା ଅଞ୍ଚଳରେ ଥିବା ପୁରୁଣା କୋଠାକୁ ଭାଙ୍ଗି ଟେଣ୍ଡର ପାଇଥିବା ସଂସ୍ଥା ସିଡିଏ ଅଫିସର ନୂଆ କୋଠା ନିର୍ମାଣ କରିବ । ସେଥିପାଇଁ ସଂପୃକ୍ତ ସଂସ୍ଥା ୬୦ କୋଟି ଟଙ୍କା ବ୍ୟୟ କରିବ । ବଳକା ଅଧା ଜମିରେ ସଂପୃକ୍ତ ସଂସ୍ଥା ବ୍ୟବସାୟ ପ୍ରତିଷ୍ଠାନ କରିପାରିବ ବୋଲି ଶ୍ରୀ ଦାଶ ସୂଚନା ଦେଇଛନ୍ତି ।

## ଭୋଜି ଆସର ପରେ ଟିଖାଲି ଡ୍ୟାମ୍ ଆବର୍ଜନାମୟ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡା ଜିଲ୍ଲା ଖଡ଼ିଆଳ ସହର ନିକଟସ୍ଥ ଟିଖାଲି ଡ୍ୟାମ୍ ଅଞ୍ଚଳ । ବର୍ତ୍ତମାନ ତାହା ଆବର୍ଜନା କୁଣ୍ଡରେ ପରିଣତ ହୋଇଛି । ବଣଭୋଜି କରି ଖୁବ୍ ଉପଭୋଗ କଲେ ପର୍ଯ୍ୟଟକ, ହେଲେ ଯିବା ବେଳକୁ ସଫେଇ କରିବାକୁ ଆଦୌ ଧାନ ଦେଲେନାହିଁ । ଯାହାଫଳରେ ପ୍ରଦୂଷିତ ହୋଇଛି ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ସହର ନିକଟସ୍ଥ ଟିଖାଲି ଡ୍ୟାମ୍ ଅଞ୍ଚଳ । ବର୍ତ୍ତମାନ ତାହା ଆବର୍ଜନା କୁଣ୍ଡରେ ପରିଣତ ହୋଇଛି । ଟିଖାଲି ଡ୍ୟାମ୍ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣର କେନ୍ଦ୍ର ପାଲଟିଛି । ବର୍ଷ ତମାମ୍ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି । ଏହି କାରଣରୁ ରାଜ୍ୟ ସରକାର ବଗିଚା, ଜଳେଶ୍ୱର ଶିବ ମନ୍ଦିର, ସୁନ୍ଦର ରାସ୍ତା, ନୌକା ଚାଳନା, ଜଙ୍ଗଲରେ ଗଛ ଲଗାଇ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ବଗିଚା ସହ ଭୋଜିଭାତ ପାଇଁ ସୁବିଧା କରିଛନ୍ତି । ପର୍ଯ୍ୟଟକମାନେ ଡ୍ୟାମ୍ ବୁଲିବା ସହ ବଣଭୋଜି କରୁଛନ୍ତି । ହେଲେ ସେହି ପର୍ଯ୍ୟଟକ ମାନେ ପ୍ଲାଷ୍ଟିକ୍ ବ୍ୟବହାର କରି ପ୍ରକୃତିକୁ ଖରାପ କରିବାକୁ ପଛାଇ ନାହାନ୍ତି । ଅଇଁଠା ଖଲିଦନା, ପଲିଥିନ୍, ମଦ ବୋତଲ ଇତ୍ୟାଦି ଫିଙ୍ଗି ଦେଇଛନ୍ତି । ଫଳରେ ଟିଖାଲି ଡ୍ୟାମ୍ ପାର୍ଶ୍ୱରେ ଥିବା ପଡିଆର ସବୁ ସ୍ଥାନରେ କୁଢ଼କୁଢ଼ ପ୍ଲାଷ୍ଟିକ୍ ପଡ଼ିରହିଛି । ଟିଖାଲି ଡ୍ୟାମ୍ ଅଞ୍ଚଳ ଖଡ଼ିଆଳ ବ୍ଲକ୍ ସାନ ମହେଶ୍ୱର ପଞ୍ଚାୟତ ଅଧୀନରେ ରହିଛି । ତେଣୁ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ନାରାରେ ସବୁଜ ପରିବେଶ:ଅଳିଆ ଆବର୍ଜନାରେ ନର୍କ ପାଲଟିଛି ଏମ୍‌ଭି-୭୯ର ପ୍ରବେଶ ପଥ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ସ୍ୱଚ୍ଛ ଭାରତ, ସବୁଜ ପରିବେଶ-ନାରା ଉଚ୍ଚାରଣରେ ସରକାର ଓ ପ୍ରଶାସନ ଯେତେ ଆଗୁଆ, ବାସ୍ତବ ଚିତ୍ର ତାହାର ସମ୍ପୂର୍ଣ୍ଣ ବିପରୀତ । କାଲିମେଲା ବ୍ଲକ୍ ଅନ୍ତର୍ଗତ ଏମ୍‌ଭି-୭୯ ଗ୍ରାମକୁ ପ୍ରବେଶ କରିବା ପ୍ରମୁଖ ରାସ୍ତା ଏବେ ଅଳିଆ ଆବର୍ଜନାର ଢେରରେ ପରିଣତ ହୋଇଛି । ଏମ୍‌ଭି-୧୨୭ ଗ୍ରାମରୁ ଏମ୍‌ଭି-୭୯କୁ ଯୋଗାଯୋଗ କରୁଥିବା ଏହି ରାସ୍ତାର ଉଭୟ ପାର୍ଶ୍ୱରେ ପ୍ଲାଷ୍ଟିକ୍, ଘରୋଇ ଆବର୍ଜନା ଓ ବସ୍ତା ବସ୍ତା ଅଳିଆ ପଡ଼ିରହିଛି । ସ୍ଥାନୀୟ ଲୋକଙ୍କ କହିବାନୁସାରେ, ସକାଳବେଳେ ପ୍ରାତଃଭ୍ରମଣ କିମ୍ବା ଦୈନନ୍ଦିନ ଯାତାୟାତ ସମୟରେ ଏହି ରାସ୍ତାଦେଇ ଯିବା ଅସହ୍ୟ ହୋଇପଡୁଛି । ତୀବ୍ର ଦୁର୍ଗନ୍ଧରୁ ନାକରେ ରୁମାଲ୍ ଦେଇ ଚାଲିବାକୁ ପଡୁଛି । ଅବ୍ୟବସ୍ଥା ଯୋଗୁ ଏହି ପ୍ରବେଶ ପଥ ଏକ ପ୍ରକାର 'ଡମ୍ପିଂ ଜୋନ୍'ର ଆକାର ନେଇଛି । ଖାଲି ଜାଗା ଦେଖି ନିର୍ବିଘ୍ନରେ ଅଳିଆ ପକେଇ ଯାଉଥିବା ପ୍ରବୃତି ଯୋଗୁ ଦିନକୁ ଦିନ ପରିସ୍ଥିତି ଆହୁରି ଭୟାବହ ହେଉଛି । ଶୀତ ଋତୁରେ ଯଦି ଏହି ଅବସ୍ଥା, ତେବେ ଆସନ୍ତା ବର୍ଷା ଦିନରେ ଡ୍ରେନ୍ ବନ୍ଦ ହୋଇ ଜଳାବଦ୍ଧତା ସୃଷ୍ଟି ହେବାର ଆଶଙ୍କାକୁ ନେଇ ଗ୍ରାମବାସୀ ଆତଙ୍କିତ । ସ୍ଥାନୀୟ ସୂତ୍ର ଅନୁଯାୟୀ, ଘରୋଇ ଆବର୍ଜନା ସହ ସନ୍ଧ୍ୟା ପରେ ନିକଟସ୍ଥ ହୋଟେଲ୍, ମାଛ ଦୋକାନ, ମାଂସ ଦୋକାନ ଓ କିଛି ବ୍ୟବସାୟିକ ପ୍ରତିଷ୍ଠାନର ଅଳିଆ ମଧ ଏହି ସ୍ଥାନରେ ଫିଙ୍ଗାଯାଉଛି । ଏପରିକି ନିକଟରେ ଥିବା ମଶାଣି ପାଖକୁ ମଧ ଅଳିଆ ଫିଙ୍ଗାଯାଉଥିବା ଅଭିଯୋଗ ମିଳିଛି । ଅନ୍ୟପଟେ, ସନ୍ଧ୍ୟା ହେଲେ ଏହି ଅଞ୍ଚଳ ଅସାମାଜିକ ତତ୍ୱଙ୍କ ଆଡାସ୍ଥଳୀରେ ପରିଣତ ହେଉଛି । ଅନ୍ଧାରିଆ ଓ ଅବ୍ୟବସ୍ଥିତ ପରିବେଶର ସୁଯୋଗ ନେଇ କିଛି ଯୁବକ ନିଶାପାନ, ମାରପିଟ୍ ଓ ଗଣ୍ଡଗୋଳ କରୁଥିବା ନେଇ ଅଭିଯୋଗ ଆସୁଛି । ରାତି ହେଲେ ଅପରାଧୀୟ କାର୍ଯ୍ୟକଳାପ ଘଟିବା ଆଶଙ୍କାକୁ ନେଇ ଅଞ୍ଚଳବାସୀ ଭୟରେ ଅଛନ୍ତି । ଏହି ଗୁରୁତର ସମସ୍ୟା ଉପରେ ପ୍ରଶାସନ ତୁରନ୍ତ ଧ୍ୟାନ ଦେଇ ଅଳିଆ ସଫା, ନିୟମିତ ନିରୀକ୍ଷଣ ଓ ସଚେତନତା ମୂଳକ କାର୍ଯ୍ୟକ୍ରମ ହାତକୁ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଗୁରୁମାନଙ୍କ ଉପଯୁକ୍ତ ଶିକ୍ଷାଦାନ ଦ୍ୱାରା ଶୈକ୍ଷିକ ବିକାଶ ସମ୍ଭବ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର କୋରାଇ ବ୍ଲକ ଅନ୍ତର୍ଗତ କରଦା ବାପୁଜୀ ଉଚ୍ଚ ବିଦ୍ୟାପୀଠ ଓ କରଦା ସରକାରୀ ଉପ୍ରା ବିଦ୍ୟାଳୟର ମିଳିତ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉତ୍ସବକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଅଧିକାରୀ ମାନସ ରଞ୍ଜନ ବେହେରା ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସୁବାଷ ଚନ୍ଦ୍ର ଧଳ ଯୋଗଦେଇ କହିଲେ ଯେ, ଶିକ୍ଷା ଏପରି ସଂପଦ ଯାହାକୁ କାହାକୁ ଦେଲେ ସରେନାହିଁ ବରଂ ଶିକ୍ଷାର ପ୍ରସାର ଅଧିକ ହୋଇଥାଏ । ସହ ଶିକ୍ଷା ଅଧିକାରୀ ବିଜୟ କୁମାର ମଲ୍ଲିକ ମୁଖ୍ୟବକ୍ତା ରୂପେ ଯୋଗଦେଇ କହିଲେ ଯେ ଗୁରୁମାନେ ଉପଯୁକ୍ତ ଶିକ୍ଷା ପ୍ରଦାନ କଲେ ପିଲାମାନଙ୍କର ଶିକ୍ଷକ ପ୍ରତି ଭକ୍ତି ରହିଲେ ଶିକ୍ଷାର ବିକାଶ ସୁନିଶ୍ଚିତ ହେବ ବୋଲି ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସରପଞ୍ଚ ଅନିମା ମଲ୍ଲିକ, ପଙ୍କଜିନୀ ସାହୁ, ସରକାରୀ ଉଚ୍ଚ




ବିଦ୍ୟାଳୟର ପରିଚାଳନା କମିଟି ସଭାପତି ସ୍ୱିତା ରଣା ଏବଂ ସ୍ଥାନୀୟ ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ବେହେରା ଯୋଗଦାନ କରି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ ଦିଗ୍‌ଦର୍ଶନ ଦେଇଥିଲେ । ବାପୁଜୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସଦାନନ୍ଦ ପଣ୍ଡା ଏବଂ କନ୍ୟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ଷଡଙ୍ଗୀ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରିଡ଼ା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟ ତରଫରୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ବିଦ୍ୟାଳୟରୁ ଶିକ୍ଷା ଅଧ୍ୟୟନ କରି ରାଜ୍ୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଦୁଇଜଣ ପୁରାତନ ଛାତ୍ର ପରମାନନ୍ଦ ସାହୁ ରାଣୀ ଗୋଡା, ଅଜୟ ବେହେରା ଷଠିପୁର ଛାତ୍ରଙ୍କୁ ଉପଢ଼ୌକନ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରଛାତ୍ରୀ ମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତ ଦେଖଣାହାରୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଶିକ୍ଷକ ପଦ୍ମନାଭ ମିଶ୍ର, ଏସ.କେ. ଗୋଲାମ ଜିଲାଦୀ, ନରହରି ପରିଡ଼ା, ଗଣେଶ୍ୱର ପୁହାଣ, କମଳାକାନ୍ତ ଯେନା, ମାଳିକା ପ୍ରିୟଦର୍ଶିନୀ ବେହେରା, ଲକ୍ଷ୍ମୀପ୍ରିୟା ସାହୁ, ହିରାମଣି ବେହେରା, ବିଷ୍ଣୁପ୍ରିୟା ଚୌଧୁରୀ, ଜ୍ୟୋସ୍ନାରାଣୀ ନାୟକ, ଦୀପ୍ତିରେଖା ବାରିକ, ଉମ୍ବରୁଧର ସାହୁ, ପ୍ରଶାନ୍ତ କୁମାର ମହାପାତ୍ର, ବିବେକାନନ୍ଦ ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ ।

## ଟିର୍ତ୍ତୋଲ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା





**ଟିର୍ତ୍ତୋଲ, ନ୍ୟୁଜ୍ ବ୍ୟୁରୋ**

ଟିର୍ତ୍ତୋଲ ଅଞ୍ଚଳର ସର୍ବ ପୁରାତନ ସାମ୍ବାଦିକ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ ନାଉସିରା ସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସଭାପତି ଟୁକନ ଚରଣ ସେଠି ଏବଂ ଉପଦେଷ୍ଟା ଅମରଜ୍ୟୋତି ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକର୍ତ୍ତା ଚୟନ ନିମନ୍ତେ ନିର୍ବାଚନ କରାଯାଇଥିଲା । ନିର୍ବାଚନ ଫଳାଫଳ ଅନୁଯାଇ ସଭାପତି ଭାବେ ଜୟନ୍ତ ପରିଜା, ସମ୍ପାଦକ ଭାବେ ମାନସ କୁମାର ସୂତାର, କୋଷାଧ୍ୟକ୍ଷ ଭାନୁଶଙ୍କର ରାଉତରାୟ, ଉପସଭାପତି ପ୍ରଭାତ ପରିଡା, ସହସମ୍ପାଦକ ସତ୍ୟ ପ୍ରକାଶ ମହାନ୍ତି ପ୍ରମୁଖ ନିର୍ବାଚିତ ହୋଇଥିଲେ । ଏହି ନିର୍ବାଚନରେ ସୁଧାଂଶୁ ଶେଖର ପୃଷ୍ଟି, ଚନ୍ଦ୍ରକାନ୍ତ ବାରିକ, ସୌରଜିତ ପଢିଆରି, ସ୍ୱାଗତ ରଞ୍ଜନ ଦାସ, ରଞ୍ଜିତ ମଲ୍ଲିକ, ଗୋପାଳକୃଷ୍ଣ ଦାସ, ସୁଭାଶିଷ ସ୍ୱାଇଁ, ଦିଲ୍ଲିପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ନିଜର ମତଦାନ ସାବ୍ୟସ୍ତ କରିଥିଲେ । ଆଗାମୀ ଦିନରେ ନବ ନିର୍ବାଚିତ କାର୍ଯ୍ୟକର୍ତ୍ତା ମାନଙ୍କର ଶପଥ ଗ୍ରହଣ ଉତ୍ସବ ସହିତ ସଂଘର କାର୍ଯ୍ୟପନ୍ଥା ସ୍ଥିର କରାଯିବା ନିମନ୍ତେ ଉପସ୍ଥିତ ସଦସ୍ୟମାନେ ମତ ପୋଷଣ କରିଥିଲେ ।

///////////////ବିବେକାନନ୍ଦ ବିଦ୍ୟା ମନ୍ଦିର ବାର୍ଷିକୋତ୍ସବ ///////////////

## ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତ ପାଲୁରଗଡ଼ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବିବେକାନନ୍ଦ ଜୟନ୍ତୀ ପାଳନ ଅବସରରେ ୧୫ ତମ ବାର୍ଷିକ ଉତ୍ସବ ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉପରୋକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ସରପଞ୍ଚ ସନ୍ତୋଷିନୀ ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲିପ କୁମାର ନାୟକ, ସମିତିସଭ୍ୟା ଗୀତାଞ୍ଜଳି ବେହେରା, ଶିକ୍ଷାବିତ ବାଳକୃଷ୍ଣ ମହାରଣା, ମୁଖ୍ୟବକ୍ତା ଡ଼. ଦ୍ୱାରିକାନାଥ ମହାରଣା, ହିନ୍ଦୀ ଶିକ୍ଷକ ଅଶୋକ କୁମାର ପଢିଆରି, କବି କେଶବ ଯୁବକ ସଂଘର ସଭାପତି କୈଳାଶ ଚନ୍ଦ୍ର ପ୍ରଧାନ, ସମାଜସେବୀ ରଞ୍ଜନ ତରେଇ, ଦୀପକ ମୁଦୁଲି ପ୍ରମୁଖ ମଞ୍ଚାସିନ ରହିଥିଲେ । ମଞ୍ଚାସିନ



ବ୍ୟକ୍ତିମାନେ ଉପସ୍ଥିତ ଦର୍ଶକ ଅଭିଭାବକ/ଅଭିଭାବକ ମାନଙ୍କୁ ବିଭିନ୍ନ ବକ୍ତା ବିକା ଭିନ୍ନ ଭିନ୍ନ ମତ ପୋଷଣ ସହିତ ସ୍ୱାମୀ ବିବେକାନନ୍ଦ ଆମେରିକାର ଚିକାଗୋ ସହରରେ ଅଭିଭାଷଣ ଓ ପୃଥିବୀରେ ପ୍ରଭାବ ଉପରେ ଉଲ୍ଲେଖ କରାଯାଇଥିଲା । ତତ୍ ସହିତ ମାର୍ଗ ଦର୍ଶନ ଦେଇଥିଲେ । ସମ୍ପାଦକ ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ବେହେରା ବାର୍ଷିକ ବିବରଣୀ ପଠନ କରିଥିବାବେଳେ ଜି. କ୍ରିଷ୍ଣା ଉପସ୍ଥାପନା କରିଥିଲେ । ଅୟମାରମ୍ଭ ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ପ୍ରଦୀପ ପ୍ରଜ୍ୱଳନ ସହ କୁନି ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା । ପୂର୍ବରୁ ବିଭିନ୍ନ କାର୍ଯ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଯାଇଥିଲା । ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଜଗନ୍ନାଥ ମୋ ଜଗନ୍ନାଥ ଗୀତରେ ଝୁମିଥିଲେ ଦର୍ଶକ । ଏଥିରେ ପାଲୁରଗଡ଼ ଓ ଏହାର ଆଖ ପାଖ ଗ୍ରାମର ଦର୍ଶକ, ଅଭିଭାବକ ଅଭିଭାବିକା ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ । କାର୍ଯ୍ୟକ୍ରମ ଗୁରୁମା ବନିତା ରାଉତ, ଅନୀତା ଦାଶ, ସମିତା ଭୋଳ, ମାଉସୀ ରିଙ୍କି ମହାରଣା, ଅର୍ଜୁନ ଜେନା, କୈଳାଶ, ବାଉରୀ ତରେଇ, ଦିଲ୍ଲିପ ପଲେଇ, ଗଣମାଧ୍ୟମ ପ୍ରତିନିଧି ନୀଳାଞ୍ଚଳ ସେନାପତି, ବନବାସୀ ସେଠୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

## ସାମ୍ବାଦିକଙ୍କ ଶ୍ରାଦ୍ଧୋତ୍ସବରେ ୪୫ ୟୁନିଟ୍ ରକ୍ତ ସଂଗ୍ରହ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ସାମ୍ବାଦିକ ପରିବାର ପକ୍ଷରୁ ଶନିବାର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ନବମ ଶ୍ରାଦ୍ଧ ବାର୍ଷିକୀ ସ୍ଥାନୀୟ ଷ୍ଟାଡିୟମ୍ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ତତ୍‌ସହିତ ତାଙ୍କ ସ୍ମୃତିରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ଶିବିରରେ ୪୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, କଳିଙ୍ଗ କେଶରୀ ଜେନା, ଇଂ ବିପ୍ଲବ ଭଞ୍ଜନ ବୁଗୁଡେଇ, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୌମ୍ୟରଞ୍ଜନ ମିଶ୍ର ଓ ଅରୁଣ ବେହେରା ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ଆୟୋଜକଙ୍କ ପକ୍ଷରୁ ପ୍ରମାଣପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ସାମ୍ବାଦିକ ମାନଙ୍କ ଉପସ୍ଥିତିରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ବ୍ୟକ୍ତିବିଶେଷ ଓ ସାମ୍ବାଦିକ ସ୍ୱର୍ଗତ ମହାନ୍ତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ସାମ୍ବାଦିକତାରେ ଶ୍ରୀ ମହାନ୍ତ ଜଣେ ଅନୁଷ୍ଠାନ । ତାଙ୍କର ନିର୍ଭୀକ ସାମ୍ବାଦିକତା ଆଜି ଯୁବ ସାମ୍ବାଦିକଙ୍କ ପାଇଁ ସବୁଦିନେ ପ୍ରେରଣାର ଉତ୍ସ ହୋଇରହିବ ବୋଲି ସମସ୍ତେ ମତପ୍ରକାଶ କରିଥିଲେ । ରେଡ୍‌କ୍ରସ୍‌ର ଆଜୀବନ ସଭ୍ୟ ଅମର ସେଠୀ ଶିବିର ପରିଚାଳନା କରିଥିବାବେଳେ ତପନ କୁମାର ଦାସ, ସୋମନାଥ ସିଂ ଓ ଡ. ନିରୋଜ ଲୋଚନ ପୋଥାଳ ତାଙ୍କୁ ସହଯୋଗ କରିଥିଲେ । ଜିଲ୍ଲା ରକ୍ତ ଭଣ୍ଡାରର ଡାକ୍ତର ଓ ବୈଷୟିକ ଟିମ୍ ରକ୍ତ ସଂଗ୍ରହରେ ସହଯୋଗ କରିଥିବା ବେଳେ ଆୟୋଜକ ସାମ୍ବାଦିକ ପରିବାରର ସଦସ୍ୟବୃନ୍ଦ ନିଜନିଜ ଦାୟିତ୍ୱ ନିର୍ବାହ କରିଥିଲେ ।

## ସ୍ୱାଧୀନତା ସଂଗ୍ରାମୀ ରାଜକିଶୋର ପଟ୍ଟନାୟକଙ୍କ ସ୍ମୃତିସଭା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଆଦର୍ଶ ଶିକ୍ଷାବିତ୍ ରାଜକିଶୋର ପଟ୍ଟନାୟକଙ୍କ ୧୬ତମ ଶ୍ରାଦ୍ଧଦିବସ ପାଳନ ହୋଇଯାଇଛି । ସଭା ପ୍ରାରମ୍ଭରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର ରାଜ୍ୟ ମିଡିଆସେଲ୍ ଅଧ୍ୟକ୍ଷ ତଥା ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତଃ ପଟ୍ଟନାୟକଙ୍କ ଅବଦାନ ଓ ସୁନାମ ଅର୍ଜନ କରିଥିବା ବହୁମୁଖୀ ପ୍ରତିଭାରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଯୁବସମାଜକୁ ଆହ୍ୱାନ୍ ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ମାନ୍ୟଗଣ୍ୟ ଶିକ୍ଷାବିତ୍, ସମାଜସେବୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କର ସ୍ୱାଧୀନତା ଆନ୍ଦୋଳନରେ ସକ୍ରୀୟ ଭୂମିକାକୁ ପ୍ରଶଂସା କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ କେଦାରନାଥ ସାମନ୍ତରାୟ, ମଦନ ମୋହନ ସାମଲ, ଗୁରୁଚରଣ ସାମଲ, ନରେଶ ଚନ୍ଦ୍ର ମହାନ୍ତି, ଅରକ୍ଷିତ ସାମନ୍ତରାୟ, ଶିଶିର କୁମାର ନାୟକ, ମୁରଲୀଧର ମହାନ୍ତି, ଦୀପକ କୁମାର ରାଉତରାୟ, ଗୋଲଖ ଚନ୍ଦ୍ର ପଢିଆରୀଙ୍କ ସହ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ । ସଭା ଶେଷରେ ସନାତନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ନେତାଜୀ ଉଚ୍ଚ ବିଦ୍ୟାଳୟ ତରଫରୁ ପ୍ଲାଷ୍ଟିକ୍ ବର୍ଜନ ପାଇଁ ସଚେତନତା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ନେତାଜୀ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ଦ୍ୱାରା ସେମେଲମୁଣ୍ଡା ଗ୍ରାମରେ ପ୍ଲାଷ୍ଟିକ୍ ବର୍ଜନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରାଧାପକ ଡ. ଶ୍ରୀବତ୍ସ ବଢେଇ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ କଟାବାହାଲ ସରପଞ୍ଚ ଅର୍ପିତା ପଣ୍ଡା, ବନପାଳ ଝରଣା ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରଭାନୁ ବଢେଇ ପ୍ରମୁଖ ଯୋଗ




ଦେଇଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅତିଥିମାନେ ଏକ ସୁନ୍ଦର ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବିଭିନ୍ନ ସ୍ଲୋଗାନ୍ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ବାରିକଙ୍କ ସଭାପତିତ୍ୱରେ ଗ୍ରାମରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବିଜ୍ଞାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅତିଥିମାନେ ପ୍ଲାଷ୍ଟିକ୍ ବ୍ୟବହାର ଯୋଗୁ ମାଟି, ଜଳ ଓ ପରିବେଶ ଦୂଷିତ ହେଉଛି ଏବଂ ଏହା ମାନବ ସ୍ୱାସ୍ଥ୍ୟ ପାଇଁ ଗୁରୁତର ବିପଦ ସୃଷ୍ଟି କରୁଛି । ସେହିପରି ସମସ୍ତେ କପଡ଼ା ବ୍ୟାଗ, କାଗଜ ଥଳି ଓ ପରିବେଶ-ବନ୍ଧୁ ସାମଗ୍ରୀ ବ୍ୟବହାର କରିବାକୁ ଆହ୍ୱାନ୍ ଜଣାଇଥିଲେ । ସଭାକାର୍ଯ୍ୟ ପରେ ଶିକ୍ଷକ ନବୀନ ଚନ୍ଦ୍ର ବରିହାଙ୍କ ରଚିତ ଏବଂ ବିଜୟ ଦେବତାଙ୍କ ନିର୍ଦ୍ଦେଶନାରେ 'ଜରି' ନାମକ ଏକ ସୁନ୍ଦର ସମ୍ବଲପୁରୀ ପଥପ୍ରାନ୍ତିକ ନାଟକ ଛାତ୍ରଛାତ୍ରୀ ମାନେ ପରିବେଷଣ କରି ଜନସାଧାରଣଙ୍କୁ ସଚେତନ କରିଥିଲେ । ଗ୍ରାମର ବିଭିନ୍ନ ରାସ୍ତା ଘାଟ ଓ ପୋଖରୀକୁ ତଥା ନିଜ ଗ୍ରାମକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଲୋକମାନଙ୍କୁ ଅନୁରୋଧ କରିଥିଲେ । ତେବେ ଏହି ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ବିପିନ ବିହାରୀ ନନ୍ଦ, ଅନଙ୍ଗ ସାହୁ, କଂଗ୍ରେସ ପ୍ରଧାନ ପ୍ରମୁଖ ସହଯୋଗ କରିଥିବା ବେଳେ ଶିକ୍ଷକ ବିପିନ ବିହାରୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ତେବେ ବିଦ୍ୟାଳୟ ତରଫରୁ ଏଭଳି ଏକ ମହତ କାର୍ଯ୍ୟ କରିଥିବାରୁ ଅତିଥିଗଣ ଏବଂ ଗ୍ରାମବାସୀମାନେ ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କୁ ଖୁବ୍ ପ୍ରଶଂସା କରିଥିଲେ ।

### ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ

## ନିଷ୍ଠା ଓ ପରିଶ୍ରମ କ୍ରୀଡ଼ାବିତ୍‌ଙ୍କ ଜୀବନରେ ଅନେକ ସଫଳତା ଆଣିଦେବ

**ଖଲ୍ଲିକୋଟ, ନ୍ୟୁଜ୍ ବ୍ୟୁରୋ**

ଦୁଇଦିନ ବ୍ୟାପି ଆୟୋଜିତ ହେଉଥିବା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବ ତଥା ପୁରସ୍କାର ବିତରଣ ଉତ୍ସବରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ, ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକଙ୍କ ସମେତ ମୁଖ୍ୟଅତିଥି ଭାବେ ପ୍ରଫେସର ବ୍ରଜମୋହନ ଶାସମଲ ଯୋଗଦେଇଥିଲେ । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ନିଜ ଅଭିଭାଷଣରେ ନିଷ୍ଠା ଓ ପରିଶ୍ରମ କ୍ରୀଡ଼ାବିତଙ୍କୁ ଜୀବନରେ ଅନେକ ସଫଳତା ଆଣିଦେବା ସହ ଶାରୀରିକ ଓ ମାନସିକ ସ୍ତରରେ ସଶକ୍ତ କରିଥାଏ ବୋଲି ଉଲ୍ଲେଖ କରିଥିଲେ । ମୁଖ୍ୟ ଅତିଥି ପ୍ରଫେସର ବ୍ରଜମୋହନ ଶାସମଲ ନିଜ କ୍ରୀଡ଼ା ଜୀବନ କଥା କହିବା ସହ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେ । କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଛାତ୍ରଛାତ୍ରୀଙ୍କ ଜୀବନରେ କ୍ରୀଡ଼ାର ମହତ୍ତ୍ୱ ସମ୍ପର୍କରେ ଉଲ୍ଲେଖ କରିବା ସହ ଉତ୍ସାହିତ କରିଥିଲେ । ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ରଙ୍କ ନିର୍ଦ୍ଦେଶନା ତଥା କ୍ରୀଡ଼ା ପ୍ରଶିକ୍ଷକ ଜି. ଅନିଲ ପାତ୍ରଙ୍କ ପରିଚାଳନାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ଲାଭ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ଚଳିତ ବର୍ଷ ଶ୍ରେଷ୍ଠ କ୍ରୀଡ଼ାବିତ୍ ଅର୍ଥାତ୍ ଚମ୍ପିୟାନ୍ ହେବାର ଗୌରବ ଲାଭ କରିଥିଲେ । ଓଡ଼ିଆ ବିଭାଗର ପିଙ୍କି ମଲିକ ଓ ଭୂତତ୍ତ୍ୱ ବିଭାଗର ସନ୍ତୋଷ ପ୍ରଧାନ । ଏହି କ୍ରୀଡ଼ା ଉତ୍ସବ ଅବସରରେ ଛାତ୍ର କଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ, ଡ. ଯତୀନ ବିଷୋୟୀ, ଡ. ସୁଶୀଲ କୁମାର ରାଠୋର, ଡ. ପ୍ରଣତି ରଥ, ଡ. ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ, ଡ. ଅନ୍ନପୂର୍ଣ୍ଣା ସାହୁ, ଡ. ସସ୍ମିତା ବେହୁରା, ଡ. ଦୀପିକା ସେଠି, ଡ. ବିଭୂ ପ୍ରସାଦ ସାହୁ, ଡ. ସୁସ୍ମିତା ପଟ୍ଟନାୟକ, ଡ. ସମ୍ବିତ ରଞ୍ଜନ ମିଶ୍ର, ଡ. ରଶ୍ମିତା ପାଢ଼ୀ, ଡ. ରାଜେନ୍ଦ୍ର ବିଷୋୟୀ, ଡ. କିଶୋର କୁମାର ବେହେରା, ଡ. ତନୁଜ କୁମାର ବିଷୋୟୀ, ଡ. ବନମାଳୀ ପାଣିଗ୍ରାହୀ, ଡ. ପ୍ରବୀଣ ନନ୍ଦ, ଡ. ସୁରେନ୍ଦ୍ର ସେଠି, ଡ. ରଶ୍ମିତା ପଣ୍ଡା, ଅଧ୍ୟାପିକା କାବେରୀ ପାଢ଼ୀ, ଡ. ନର୍ମଦା ରଥ, ଡ. ଶିବ ପ୍ରସନ୍ନ ପାଠୀ, ଡ. ଶାନ୍ତା କୁମାରୀ, ଡ. ମନୀଷା ଦାଶ, ନିଷ୍ଠେସିତା ଜେନା, ଭି. ସ୍ନେହା, ସ୍ୱର୍ଣ୍ଣଲତା ବିଷୋୟୀ, ଚିନ୍ମୟୀ ସାହୁ, ଡ. ସନ୍ତୋଷ ଗୌଡ଼, ମହେଶ ମିଶ୍ର, ସୁନିତା ସାହୁ, ଅଶୋକ ମୁଦୁଲି, ଗୋପାଳ କୃଷ୍ଣ ସାହୁ, ସରସ ପଣ୍ଡା, ରାମଚନ୍ଦ୍ର ସ୍ୱାଇଁ, ପୂଜା ପଲାଇ ପ୍ରମୁଖ ବହୁ ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ କାର୍ଯ୍ୟାଳୟ କର୍ମଚାରୀ ମାକସୁଦ ଅହମ୍ମଦ, ତାରିଣୀ ଚରଣ ବେହେରା, ବିଷ୍ଣୁପ୍ରସାଦ ପାତ୍ର, ଚନ୍ଦ୍ରମଣି ଦୋରା, ଦେବାଶିଷ କହଁର, ରାମ ରେଡ୍ଡି, ରାଜ, ସନ୍ତୋଷ ବେହେରା, ସଦାଶିବ ରାଓ, ସୁଶୀଳା ଆଦି ବହୁ କର୍ମଚାରୀ ଓ ସମର ଶିକ୍ଷାର୍ଥୀ ବାହିନୀର ସଦସ୍ୟମାନେ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ବିଶେଷ ସହଯୋଗ କରିଥିଲେ ।

### ପରିବହନ କାର୍ଯ୍ୟାଳୟ ପକ୍ଷରୁ ୫୧ ୟୁନିଟ୍ ରକ୍ତ ସଂଗ୍ରହ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସୁବର୍ଣ୍ଣପୁର ପରିସରରେ ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସଚେତନତାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନର ବାର୍ତ୍ତା ନେଇ ସଚେତନତା କରାଯିବା ସହ ଲୋକଙ୍କୁ ଗାଡ଼ି ଚାଳନାର ସଠିକ୍ ମାର୍ଗଦର୍ଶନ କରାଇବା ଏହାର ମୂଳଲକ୍ଷ୍ୟ । ଏହି ପରିପ୍ରେକ୍ଷୀରେ ଘରୋଇ ବସ୍ ମାଲିକ ସଂଘ, ଟ୍ରକ୍ ମାଲିକ ସଂଘ, ଜିଲ୍ଲା ଡ୍ରାଇଭର୍ ମହାସଂଘର କର୍ମଚାରୀ, ବିଭିନ୍ନ ସମାଜସେବୀ ସଙ୍ଗଠନ ଓ ଜିଲ୍ଲାର ବିଭିନ୍ନ ସୋରୁମ୍‌ର କର୍ମଚାରୀମାନେ ରକ୍ତଦାନ ମହାପୁଣ୍ୟ ଉଦ୍ଦେଶ୍ୟରେ ରକ୍ତଦାନ କରିବା ସହ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଚିତ୍ତରଞ୍ଜନ ତ୍ରିପାଠୀ ଓ ରକ୍ତଭଣ୍ଡାରର କର୍ମଚାରୀମାନେ ଉପସ୍ଥିତ ରହି ୫୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା, ଏମ୍‌ଭିଆଇ ଅଜିତ କୁମାର ନାୟକ, କନିଷ୍ଠ ମୋଟର ଯାନ ନିରୀକ୍ଷକ ଦେବବ୍ରତ ପଣ୍ଡାଙ୍କ ନେତୃତ୍ୱରେ ପରିବହନ ବିଭାଗର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ଶିବିର ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ନରାଜ ବ୍ୟାରେଜ୍‌ରୁ ନବଜାତ ଶିଶୁର ମୃତଦେହ ଉଦ୍ଧାର

**କଟକ, ନ୍ୟୁଜ୍ ବ୍ୟୁରୋ**

ନାରାଜ ବ୍ରିଜ୍‌ରୁ ନବଜାତକ ମୃତଦେହ ଉଦ୍ଧାର । କଟକ ନରାଜ ବ୍ରିଜ୍ ତଳେ ଅଟକି ରହିଥିବା ବେଳେ ନବଜାତକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ତେବେ ଏଭଳି ଭାବେ ନବଜାତକକୁ କିଏ ଓ କାହିଁକି ଫୋପାଡି ଦେଇଛି ତାହାକୁ ନେଇ ପ୍ରଶ୍ନ ଉଠିଛି । ବ୍ୟାରେଜ୍ ତଳେ ଫିଙ୍ଗିବା ବେଳେ ପାଣିରେ ନପଡି ବ୍ରିଜ୍ ଉପରେ ଅଟକି ଯାଇଥିଲା ନବଜାତକ । ଏହି ସମୟରେ ତା'ର ମୃତ୍ୟୁ ହୋଇଛି । ଏହାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି ।

# ଗେଟ୍ ବଜାର ଛକରେ ଆମ୍ବୁଲାନ୍ସକୁ ମିଳୁନି ବାଟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଗେଟ୍‌ବଜାର ଛକରେ ଫ୍ଲାଏଓଭର ନିର୍ମାଣ ଚାଲିଥିବା ଯୋଗୁ ଟ୍ରାଫିକ୍ ସମସ୍ୟା ଗୁରୁତର ହେବାରେ ଲାଗିଛି । କେବଳ ବସ୍, କାର୍ କି ବାଇକ୍ ନୁହଁ ବରଂ ଦିନ ତମାମ୍ ଆମ୍ବୁଲାନ୍ସ ମଧ ଟ୍ରାଫିକ୍ ଭିଡ଼ରେ ଅଟକି ରହୁଛି । ଏହାକୁ ନେଇ ସହରବାସୀଙ୍କ ଭିତରେ ଅସନ୍ତୋଷ ଦେଖାଦେଉଛି । ସହରର ଟ୍ରାଫିକ୍ ସମସ୍ୟାକୁ ଦୂର କରିବା ପାଇଁ ଫ୍ଲାଏଓଭର ନିର୍ମାଣ ଚାଲିଥିବା ବେଳେ ବର୍ତ୍ତମାନ ଏହା ସହରବାସୀଙ୍କ ମୁଣ୍ଡବ୍ୟଥା ସାଜିଛି । ବିକଳ୍ପ ରାସ୍ତା କିମ୍ବା ଯାନବାହାନ ଯିବା ଆସିବା ପାଇଁ ବିକଳ୍ପ ବ୍ୟବସ୍ଥା ନଥିବା ଯୋଗୁଁ ସମସ୍ୟା ଗୁରୁତର ହେଉଛି । ନୀଳାଦ୍ରୀବିହାର ଛକରୁ ଆରମ୍ଭ ହୋଇ ଗେଟ୍‌ବଜାର ଓଭରବ୍ରିଜ୍ ସିଟି ହସ୍‌ପିଟାଲ୍ ଛକରେ ଶେଷ ହେବ । ଏହାର ଲମ୍ବ ପ୍ରାୟ ୧ କିଲୋମିଟର ରହିଛି । ବ୍ରିଜ୍ ନିର୍ମାଣ, ଜମି ଅଧିଗ୍ରହଣ ଓ ଆପ୍ରୋଚ୍ ରୋଡ୍‌କୁ ମିଶାଇ ପ୍ରକଳ୍ପ ପାଇଁ ୧୧୫ କୋଟି ୯୭ ଲକ୍ଷ ୪୯ ହଜାର ଟଙ୍କା ମଞ୍ଜୁର ହୋଇଛି ।




ଫ୍ଲାଏଓଭର୍ ନିର୍ମାଣ ହେଲେ ବ୍ରହ୍ମପୁରକୁ ଭଞ୍ଜନଗର, ଦିଗପହଣ୍ଡି, ଫୁଲବାଣୀ ଅଞ୍ଚଳରୁ ଆସୁଥିବା ଭାରୀ ଯାନବାହନ ନୀଳାଦ୍ରୀ ବିହାର ଛକରୁ ଓଭରବ୍ରିଜ୍‌ରେ ଚଢ଼ି ସିଧା ସିଟି ହସ୍‌ପିଟାଲ୍ ଛକରେ ଓହ୍ଲାଇବେ । ଏହା ଦ୍ୱାରା ମୁଖ୍ୟରାସ୍ତାରେ ଭିଡ଼ କମିବ ବୋଲି ଆଶା କରାଯାଉଛି । ତେବେ ସମସ୍ୟା ହେଲା ଫ୍ଲାଏଓଭର ନିର୍ମାଣ ସମୟରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏହାର ବିକଳ୍ପ ବ୍ୟବସ୍ଥା ଭାବେ ଫାଷ୍ଟଗେଟ୍ ଠାରେ ଏକ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି । ଯୋଜନା ରହିଛି ଆସିକା ଏବଂ ଦିଗପହଣ୍ଡି ପଟରୁ ଆସୁଥିବା ବସ୍‌ଗୁଡ଼ିକ ଫାଷ୍ଟଗେଟ୍‌ରେ ଅଟକିବ । ସେହିଭଳି ଆନ୍ଧ୍ରପ୍ରଦେଶ ଏବଂ ଭୁବନେଶ୍ୱର ପଟରୁ ଆସୁଥିବା ବସ୍‌ଗୁଡ଼ିକ ହଳଦିଆପଦର ବସ୍‌ଷ୍ଟାଣ୍ଡରେ ଅଟକିବ । ଗତ ୧୪ ତାରିଖ ଠାରୁ ଏହି ନୂତନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରହିଥିଲା । ଏଥିନେଇ ଏକ ଉଚ୍ଚସ୍ତରୀୟ ବୈଠକ ବସି ବସ୍ ମାଲିକ ସଂଘକୁ ଏନେଇ ଅବଗତ ମଧ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା ଅସ୍ଥାୟୀ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇପାରିନାହିଁ । ଅନ୍ୟପଟେ ଫ୍ଲାଏଓଭର କାମ ଆରମ୍ଭ ହେବା ସହିତ ଗେଟ୍‌ବଜାର ଛକରେ ଟ୍ରାଫିକ୍ ସମସ୍ୟା ଗୁରୁତର ହେବାରେ ଲାଗିଛି । ରାସ୍ତା ମଝିରେ କାମ ଚାଲିଥିବା ଯୋଗୁ ଚାରିପାଖ ବ୍ୟାରିକେଡ୍ କରିଦିଆଯାଇଛି । ଫଳରେ ନିଳାଦ୍ରୀବିହାର ଛକ ଠାରୁ ସିଟି ହସ୍‌ପିଟାଲ୍ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସାଂଘାତିକ ହେବାରେ ଲାଗିଛି । ସନ୍ଧ୍ୟାରେ ସମସ୍ୟା ଉତ୍କଟ ରୂପ ନେଉଛି । ଏହି ରାସ୍ତା ଦେଇ ବଡ଼ ମେଡ଼ିକାଲ୍ ଏବଂ ସିଟି ହସ୍‌ପିଟାଲ୍‌କୁ ଆମ୍ବୁଲାନ୍ସ ଯାଉଥିବାରୁ ପରିସ୍ଥିତି ଅଧିକ ଗୁରୁତର ହୋଇପଡୁଛି । ସନ୍ଧ୍ୟାରେ ଏହି ରାସ୍ତା ଦେଇ ଯାଉଥିବା ଏକ ଆମ୍ବୁଲାନ୍ସ ଟ୍ରାଫିକ୍ ଭିଡ଼ରେ ଅଟକି ରହିଥିଲା । ବିକଳ୍ପ ବ୍ୟବସ୍ଥା ନଥିବା ଯୋଗୁଁ ଏଭଳି ସମସ୍ୟା ଦେଖାଦେଉଛି । ଦୈନିକ ଶହ ଶହ ବସ୍ ସହର ଭିତରକୁ ପ୍ରବେଶ ଏବଂ ପ୍ରସ୍ଥାନ କରୁଥିବା ବେଳେ ଓଭରବ୍ରିଜ୍ ନିର୍ମାଣ ବେଳେ ଟ୍ରାଫିକ୍ ପରିଚାଳନା ଦିଗକୁ ସମ୍ପୂର୍ଣ୍ଣ ଭାବେ ଆଖି ବୁଜି ଦିଆଯାଇଥିବା ଅଭିଯୋଗ ହେଉଛି ।

31 YEARS
ସମ୍ବାଦ କଳିକା



# ବିଜୟ ହଜାରେ ଟ୍ରଫି : ବିଦର୍ଭ ପ୍ରଥମ ଥର ଚାମ୍ପିଅନ୍



**ନୂଆଦିଲ୍ଲୀ**

ବିଦର୍ଭ ଦଳ ପ୍ରଥମ ଥର ବିଜୟ ହଜାରେ ଟ୍ରଫି ଚାମ୍ପିଅନ୍ ହୋଇଛି। ଫାଇନାଲ୍‌ରେ ଦଳ ୩୮ ରନ୍‌ରେ ସୌରାଷ୍ଟ୍ରକୁ ପରାସ୍ତ କରିଥିଲା। ଶତକୀୟ ଇନିଂସ୍ ଖେଳି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଅର୍ଥବ ତାଇଡେ ପ୍ଲେୟାର ଅଫ୍ ଦ ମ୍ୟାଚ୍ ଏବଂ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୮୧୪ରନ୍ (୫ଶତକ, ୧ଅର୍ଦ୍ଧଶତକ) ସଂଗ୍ରହ କରିଥିବା ଅମନ ମୋଖାଡେ ପ୍ଲେୟାର ଅଫ୍ ଦ ସିରିଜ ବିବେଚିତ ହୋଇଥିଲେ। ସୌରାଷ୍ଟ୍ରକୁ ମାତ୍ ଦେଇ ପ୍ରଥମ ଥର ପାଇଁ ଜାତୀୟ ଦିନିକିଆ କ୍ରିକେଟ ପ୍ରତିଯୋଗିତାରେ ବାଜିମାରି ନେଇଛି ବାଦର୍ଭ।

ସୌରାଷ୍ଟ୍ରଠୁ ବ୍ୟାଟିଂ ଆମନ୍ତ୍ରଣ ପାଇ ବିଦର୍ଭ ୮ ୱିକେଟ୍ ବିନିମୟରେ ୩୧୭ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ତାଇଡେ ୧୨୮ (୧୫ଚୌକା, ୩ଛକା), ମୋଖାଡେ ୩୩, ଯଶ୍ ରାଠୋଡ଼୍ ୫୪, ରବିକୁମାର ସମର୍ଥ ୨୫ରନ୍ କରିଥିଲେ। ସୌରାଷ୍ଟ୍ର ପକ୍ଷରୁ ଅଙ୍କୁର ପୱାଁର ୪ଟି ୱିକେଟ୍ ନେଇଥିଲେ। ଅର୍ଥବ ତାଇଡେଙ୍କ ଶତକ ଦଳକୁ ଏକ ବଡ଼ ସ୍କୋର କରାଇବାରେ ସହାୟକ ହୋଇଥିଲା ୩୧୮ରନ୍ ବିଜୟ ଲକ୍ଷ୍ୟର ପିଛା କରି ସୌରାଷ୍ଟ୍ର ୪୮.୫ ଓଭରରେ ୨୭୯ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ପ୍ରେରକ ମଙ୍କଡ଼ ୮୮ (୧୦ଚୌକା), ଚିରାଗ ଜାନି ୬୪, ସମର ଗୁଜ୍ଜର ୨୫, ରୁଚିତ ଆହିର ୨୧ରନ୍ କରିଥିଲେ। ବିଜୟୀ ବିଦର୍ଭ ପକ୍ଷରୁ ଯଶ୍ ଠାକୁର ୪ଟି ଓ ନଚିକେତ ଭୁତେ ୩ଟି ୱିକେଟ୍ ଓ ଦର୍ଶନ ନାଲୋକାଣ୍ଡେ ୨ଟି ୱିକେଟ୍ ଅକ୍ତିଆର କରିଥିଲେ।

ଗତଥର କର୍ଣ୍ଣାଟକ ନିକଟରୁ ଫାଇନାଲରେ ପରାସ୍ତ ହୋଇ ରନର୍ସଅପରେ ସନ୍ତୁଷ୍ଟ ହୋଇଥିଲା ଏଥର ଚାମ୍ପିଅନ୍ ହୋଇଛି। ପ୍ରଥମ ଥର ପାଇଁ ସୀମିତ ଓଭର ଫର୍ମାଟରେ ଟାଇଟଲ ଆଖ୍ୟା ଅର୍ଜନ କରିଛି।

## ବାଂଲାଦେଶକୁ ଅଡୁଆରେ ପକାଇଲା ଆଇସିସି

# ଭାରତରେ ଟି-୨୦ ବିଶ୍ୱକପ୍ ଖେଳିବାକୁ ପଡ଼ିବ ନଚେତ୍ ଏହାର ସ୍ଥାନ ଅନ୍ୟ ଦଳକୁ ଦିଆଯିବ




**ନୂଆଦିଲ୍ଲୀ**

ବାଂଲାଦେଶ ଟି-୨୦ ବିଶ୍ୱକପ ବିବାଦରେ ସବୁ ଦିଗରୁ ଘେରି ରହିଥିବା ପରି ମନେ ହେଉଛି, ଯାହା ଫଳରେ ଆଇସିସିର ଦାବି ପାଳନ କରିବା ବ୍ୟତୀତ ଏହାର ଅନ୍ୟ କୌଣସି ବିକଳ୍ପ ନାହିଁ। ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ବାରମ୍ବାର ସ୍ଥାନ ପରିବର୍ତ୍ତନ ପାଇଁ ଦାବି କରିଛି। ଆଇସିସି ଏହି ପ୍ରସଙ୍ଗରେ ନିଜର ମତ ସ୍ପଷ୍ଟ କରିଛି। ଏଥିରେ କୁହାଯାଇଛି ଯେ ବାଂଲାଦେଶ ୨୦୨୬ରେ ଭାରତରେ ହେବାକୁ ଥିବା ଟି-୨୦ ବିଶ୍ୱକପରେ ନିର୍ଦ୍ଧାରିତ ସମୟ ଅନୁଯାୟୀ ମ୍ୟାଚ୍ ଖେଳିବାକୁ ପଡ଼ିବ ନଚେତ୍ ଏହାର ସ୍ଥାନ ଅନ୍ୟ ଦଳକୁ ଦିଆଯିବ।

ବାଂଲାଦେଶ ସରକାରଙ୍କ କ୍ରୀଡ଼ା ପରାମର୍ଶଦାତା ଆସିଫ ନଜରୁଲ ବାରମ୍ବାର ଉତ୍ତେଜନାପୂର୍ଣ୍ଣ ବୟାନ ଦେଇଛନ୍ତି। ସେ ଏପରି ମିଥ୍ୟା ମଧ୍ୟ ପ୍ରଚାର କରିଛନ୍ତି ଯେ ଆଇସିସି ଭାରତରେ ତା'ର ଖେଳାଳିଙ୍କ ପାଇଁ ସୁରକ୍ଷା ଚିନ୍ତାକୁ ସ୍ୱୀକାର କରିଛି। କିନ୍ତୁ ଏହି ଦାବିଗୁଡ଼ିକ ପରେ ସମ୍ପୂର୍ଣ୍ଣ ମିଥ୍ୟା ପ୍ରମାଣିତ ହୋଇଥିଲା।

ଭାରତ ପୂର୍ବରୁ ବିଶ୍ୱସ୍ତରୀୟ ଇଭେଣ୍ଟ ସଫଳତାର ସହିତ ଆୟୋଜନ କରିଛି। ତେଣୁ ଯେତେବେଳେ ବିସିବି ସୁରକ୍ଷା ଚିନ୍ତାର ପ୍ରସଙ୍ଗ ଉଠାଇଥିଲା, ସେତେବେଳେ ଏହା ଆରମ୍ଭରୁ ମିଥ୍ୟା କଥା କହୁଥିଲା। ଏବେ ଆଇସିସି ସ୍ପଷ୍ଟ କରିଛି ଯେ ବାଂଲାଦେଶ ୨୧ ତାରିଖ ସୁଦ୍ଧା ତା'ର ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ପଡ଼ିବ, ନଚେତ୍ ୨୦୨୬ ଟି-୨୦ ବିଶ୍ୱକପରେ ତା'ର ସ୍ଥାନ ସ୍କଟଲାଣ୍ଡକୁ ଦିଆଯିବ।

ଏହାର ସ୍ପଷ୍ଟ ଅର୍ଥ ହେଉଛି ଯେ ବାଂଲାଦେଶକୁ ଭାରତରେ ତା'ର ମ୍ୟାଚ୍ ଖେଳିବାକୁ ପଡ଼ିବ ନଚେତ୍ ବିଶ୍ୱକପରୁ ବହିଷ୍କାର ହେବାକୁ ପଡ଼ିବ। ଏହା ମଧ୍ୟ ରିପୋର୍ଟ ହୋଇଛି ଯେ ବାଂଲାଦେଶ ସରକାରଙ୍କ ନିର୍ଦ୍ଦେଶରେ ବିସିବି ସୁରକ୍ଷା ଚିନ୍ତା ପ୍ରକାଶ କରିଥିଲା। ତଥାପି ଆଇସିସି ଏକ ଝଟକାରେ ସମସ୍ତଙ୍କୁ ଚୁପ୍ କରିଦେଇଛି। ବର୍ତ୍ତମାନର କାର୍ଯ୍ୟସୂଚୀ ଅନୁଯାୟୀ, ବାଂଲାଦେଶକୁ ଗ୍ରୁପ୍ ସିରେ ରଖାଯାଇଛି, ଯେଉଁଥିରେ ଇଂଲଣ୍ଡ, ୱେଷ୍ଟଇଣ୍ଡିଜ, ଇଟାଲୀ ଏବଂ ନେପାଳ ମଧ୍ୟ ଅନ୍ତର୍ଭୁକ୍ତ। ବାଂଲାଦେଶ କୋଲକାତା ଏବଂ ମୁମ୍ବାଇରେ ତା'ର ମ୍ୟାଚ୍ ଖେଳିବ।

# ପଞ୍ଜାବ ପାଇଁ ରଣଜୀ ଖେଳିବେ ଗିଲ୍

**ନୂଆଦିଲ୍ଲୀ**

ନ୍ୟୁଜିଲାଣ୍ଡଠାରୁ ୨-୧ ବ୍ୟବଧାନରେ ଦିନିକିଆ ସିରିଜ୍‌ରେ ପରାଜିତ ହେବା ପରେ ଭାରତର ଟେଷ୍ଟ ଓ ଦିନିକିଆ ଅଧିନାୟକ ଶୁବମନ ଗିଲ୍ କ୍ରିକେଟରୁ ବ୍ରେକ୍ ନେବା ବଦଳରେ ରଣଜୀ ଟ୍ରଫିରେ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଗୁରୁବାରଠାରୁ ରାଜକୋଟରେ ସୌରାଷ୍ଟ୍ର ବିପକ୍ଷରେ ଖେଳାଯିବାକୁ ଥିବା ଗ୍ରୁପ୍-ବି' ମ୍ୟାଚ୍‌ରେ ପଞ୍ଜାବ ପାଇଁ ସେ ଖେଳିବେ। ଦେଶର ପ୍ରମୁଖ ଘରୋଇ ଟୁର୍ଣ୍ଣାମେଣ୍ଟର ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବା ପାଇଁ ପଞ୍ଜାବ ଦଳର ସାହାଯ୍ୟ କରିବାକୁ ଗିଲ ଇଚ୍ଛା ପ୍ରକଟ କରିଛନ୍ତି।

ସେ ବର୍ତ୍ତମାନ ଇନ୍ଦୋର ଥିବା ବେଳେ ରାଜକୋଟକୁ ଏବେ କୌଣସି ସିଧାସଳଖ ଫ୍ଲାଇଟ୍ ନାହିଁ। ଏଣୁ ତାଙ୍କୁ ରାଜକୋଟରେ ତାଙ୍କୁ ପହଞ୍ଚିବା ପାଇଁ ୮ ଘଣ୍ଟା ଲାଗିବ ବୋଲି ପଞ୍ଜାବ ଦଳର ସୂତ୍ରରୁ କୁହାଯାଇଛି। ପଞ୍ଜାବ ବର୍ତ୍ତମାନ ଗ୍ରୁପ୍-ବି'ରେ ୫ ମ୍ୟାଚ୍‌ରେ ୧୧ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି। ନକ୍‌ଆଉଟ୍ ରାଉଣ୍ଡରେ ସ୍ଥାନ ପକ୍କା କରିବା ଲାଗି ଦଳକୁ ତା'ର ବଳକା ୩ ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଦରକାର। ଗିଲଙ୍କ ଫେରିବା ଦ୍ୱାରା ପଞ୍ଜାବ ଦଳର ବ୍ୟାଟିଂ ଲାଇନ-ଅପ୍ ଶକ୍ତିଶାଳୀ ହେବ।

# ସର୍ବଭାରତୀୟ ଲାଲମନି କ୍ରିକେଟ ଉଦ୍‌ଘାଟନୀ ମ୍ୟାଚ୍‌ରେ ବଲାଙ୍ଗୀର ବିଜୟୀ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା କ୍ରିକେଟ ସଂଘ ପକ୍ଷରୁ ସୋନପୁର ଗାନ୍ଧି ଷ୍ଟାଡିୟମ୍ ଠାରେ ୩୭ତମ ସର୍ବଭାରତୀୟ ଲାଲମନି କ୍ରିକେଟ୍ ୨୦୨୬ ମହାସମାରୋହରେ ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ବିଧାୟକ ଇଞ୍ଜିନିୟର ରଘୁନାଥ ଜଗଦଲା ଯୋଗ ଦେଇଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଏସ୍‌ପି ନାରାୟଣ ନାଏକ, ଓଡ଼ିଶା କ୍ରିକେଟ ସଂଘର ସଭାପତି ପଙ୍କଜ ଲୋଚନ ମହାନ୍ତି ଓ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଯୋଗ ଦେଇ ଏହାର ଅୟୋଜନକୁ ପ୍ରଶଂସା କରିଥିଲେ। ସଂଘର ପ୍ରତିଷ୍ଠାତା ସଦସ୍ୟ ପଠାଣ କୁମାର ପଣ୍ଡା ସ୍ୱତନ୍ତ୍ର ଅତିଥି, ଓଡ଼ିଶା ତଥା କଲିକତା ହାଇକୋର୍ଟର ପ୍ରାକ୍ତନ ବିଚାରପତି ଜଷ୍ଟିସ ଚିତ୍ତ ରଞ୍ଜନ ଦାଶଙ୍କ ଶୁଭେଚ୍ଛା ବାର୍ତ୍ତା ପଠନ କରିଥିଲେ। ଜିଲ୍ଲା କ୍ରିକେଟ ସଂଘ ସଭାପତି ରାମ ଶଙ୍କର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂପାଦକ ପ୍ରଦୀପ କୁମାର ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପ ସଭାପତି ବି.ସତ୍ୟ ନାରାୟଣ ରାଓ ଧନ୍ୟବାଦ୍ ଅର୍ପଣ କରିଥିଲେ। ପରେ ପରେ ଅତିଥିମାନଙ୍କ ଦ୍ୱାରା ଲାଲ୍ ମନି କ୍ରିକେଟର ପତାକା ଉତ୍ତୋଳନ ଓ ଟ୍ରଫି ଉନ୍ମୋଚନ ହୋଇଥିବା ବେଳେ ଉଭୟ ଦଳର ଖେଳାଳିମାନଙ୍କ ସହ ଅତିଥି ପରିଚୟ ପ୍ରଦାନ କରାଯାଇଥିଲା। ଉଦ୍‌ଘାଟନୀ ମ୍ୟାଚ୍ ସୋନପୁର ଜିଲ୍ଲା କ୍ରିକେଟ ଆସୋସିଏସନ୍ ଓ ବଲାଙ୍ଗିର ୟଙ୍ଗ



ଷ୍ଟୁଡେଣ୍ଟ କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ୧୫ ଓଭର ବିଶିଷ୍ଟ ପ୍ରଥମ ମ୍ୟାଚ୍‌ରେ ସୋନପୁର ଦଳ ଟସ୍ ଜିଣି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବଲାଙ୍ଗୀର ୱାଇଏସସିସି ଦଳ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ ହରାଇ ସୋନପୁର ଦଳ ଆଗରେ ୧୮୨ ରନ୍ ଟାର୍ଗେଟ ରଖିଥିଲା। ସୋନପୁର ଦଳକୁ ୧୧୪ ରନରେ ଅଲ୍ ଆଉଟ୍ କରି ୬୭ ରନ୍‌ରେ ବଲାଙ୍ଗିର ଦଳ ପ୍ରଥମ ମ୍ୟାଚ୍ ବିଜୟୀ ହୋଇଛି। ୬ ଓଭର ବିଶିଷ୍ଟ ଦ୍ୱିତୀୟ ମ୍ୟାଚ୍‌ରେ ବଲାଙ୍ଗୀର ଦଳ ପ୍ରଥମ ବ୍ୟାଟିଂ କରି ସୋନପୁର ଦଳ ଆଗରେ ୬୦ ରନ୍ ଟାର୍ଗେଟ ରଖିଥିଲା। ମାତ୍ର ସୋନପୁର ଦଳ ୬ ଓଭରରେ ୩ ୱିକେଟ ହରାଇ ୪୭ ରନ୍ କରି ପାରିଥିଲା। ଫଳରେ ସୋନପୁରକୁ ହରାଇ ୧୨ ରନରେ ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ବିଜୟୀ ହୋଇ ବଲାଙ୍ଗିର ୟଙ୍ଗ ଷ୍ଟୁଡେଣ୍ଟ କ୍ରିକେଟ୍ କ୍ଲବ୍ ଉଦ୍‌ଘାଟନୀ ମ୍ୟାଚ୍‌ରେ ବିଜୟୀ ଭାବେ ଘୋଷିତ ହୋଇଛି। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବଲାଙ୍ଗିର ଦଳର ଅଲ୍ ରାଉଣ୍ଡର ପ୍ରତୀକ ରଞ୍ଜନଙ୍କୁ ପୁରସ୍କାର ବିତରଣୀ ଉତ୍ସବର ଅତିଥି ଇଣ୍ଡିଆନ ବ୍ୟାଙ୍କ ମ୍ୟାନେଜର ସୌମ୍ୟ ଦର୍ଶନ ସାହୁ, ଅତିରିକ୍ତ ବ୍ରାଞ୍ଚ ମ୍ୟାନେଜର ଅଭିଲାଷ ସାହୁ, ରାଇସ ମିଲର୍ସ ଆସୋସିଏସନ୍‌ର ପ୍ରତିନିଧି ଆଶିଷ ରଞ୍ଜନ ବାବୁ ପ୍ରମୁଖ ଯୋଗ ଦେଇ ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସମୀର ପାଣିଗ୍ରାହୀ ଓ ବିଶ୍ୱଜିତ୍ ପୁରୋହିତ ମ୍ୟାଚ ପରିଚାଳନା କରିଥିବା ବେଳେ କ୍ଷେତ୍ରବାସୀ ସାହୁ ସ୍କୋରର ଭାବେ ବିଶ୍ୱନାଥ ନାୟକ ଅନ୍ ଲାଇନ୍ ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ବି.ଏସ ରାଓ, ପାର୍ଥସାରଥି ଦାଶ, ସଞ୍ଜୀବ ମିଶ୍ର ଓ ବିନୋଦ ମହାକୁଡ଼ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ବଲାଙ୍ଗିର ଦଳର ପୁରୁଷୋତ୍ତମ ପଧାନ ସର୍ବାଧିକ ୮୩ ରନ କରିଥିଲେ। କ୍ରିକେଟ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ହଜାର ହଜାର ଦର୍ଶକ ଖେଳକୁ ଉପଭୋଗ କରିଥିବା ବେଳେ ଶାନ୍ତି ଶୃଙ୍ଖଳା ଓ ଖେଳାଳିଙ୍କ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ହଳଦୀ ଠାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପତ୍ରିମାଳକୁ ୫୩ ରନରେ ହରାଇଲା ନାକଟି ସିମଡ଼ା



**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ରାଇଘର ବ୍ଲକ ହଳଦୀ ପଞ୍ଚାୟତ ସଦର ସ୍ଥିତ ଖେଳ ପଡ଼ିଆରେ କହଁଲ ସିଂ ଅଣ୍ଟି ସ୍ମାରକୀ ଟି୧୦ କ୍ରିକେଟ ପ୍ରତିଯୋଗିତା ମା' ମହେନ୍ ପୁରେନ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଉଦ୍‌ଘାଟନ ମ୍ୟାଚ୍‌ରେ ନାକଟି ସିମ୍‌ଡ଼ା ସହିତ ପାତ୍ରିମାଳ ମଧ୍ୟରେ ହୋଇଥିଲା। ପାତ୍ରୀମାଳ ଟିମ୍ ଟସ୍ ଜିତି ବୋଲିଂ କରିଥିଲା ଏବଂ ନାକଟି ସିମଡ଼ା ନିର୍ଦ୍ଧାରିତ ୮ ଓଭରରେ ୩ ୱିକେଟ ହରାଇ ୧୨୯ ରନ୍ କରିଥିଲା। ପତ୍ରିମାଳ ଟିମ୍ ୮ ଓଭରରେ ମାତ୍ର ୭୭ ରନ୍ କରିଥିଲା ଫଳରେ ନାକଟି ସିମଡ଼ା ୫୩ ରନରେ ବିଜୟ ହାସଲ କରିଥିଲା। ଉଦଘାଟନୀ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝଙ୍କାର, ସମ୍ମାନିତ ଅତିଥି ଉପେନ୍ଦ୍ର ଗଣ୍ଡ, ପୂର୍ବତନ ଏସଡିସି ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ହଳଦୀ ସରପଞ୍ଚ ଅମ୍ବିକା ଗଣ୍ଡ, ହଳଦୀ ସମିତି ସଭ୍ୟା କୁମାରୀ ସସ୍ମିତା ମାଝୀ, ସମିତି ସଭ୍ୟ କୁଆଁର ଗଣ୍ଡ, ଗୋନା ସମିତି ସଭ୍ୟ ରାମନାଥ କେଉଟ କୁମୁଲି ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଭିସା ଟେନସନ ଶେଷ : ଟି୨୦ ବିଶ୍ୱକପ ପାଇଁ ଭାରତ ଆସିବେ ୪୨ ପାକିସ୍ତାନୀ

**ନୂଆଦିଲ୍ଲୀ**

ଆଇସିସି ଟି୨୦ବିଶ୍ୱକପ ୨୦୨୬ ଫେବୃୟାରୀ ୭ରୁ ଆରମ୍ଭ ହେଉଛି। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ପାକିସ୍ତାନୀ ବଂଶୋଦ୍ଭବ ଖେଳାଳି ଏବଂ ସପୋର୍ଟ ଷ୍ଟାଫ ପାଇଁ ଭିସା ସମ୍ବନ୍ଧୀୟ ସମସ୍ୟାର ପ୍ରାୟତଃ ସମାଧାନ କରାଯାଇଛି। ଖେଳାଳି ଏବଂ ଅଧିକାରୀ ସମେତ ମୋଟ ୪୨ ଜଣ ବ୍ୟକ୍ତି ଟି୨୦ ବିଶ୍ୱକପ ପାଇଁ ଭାରତ ଯାତ୍ରା କରୁଛନ୍ତି। ଭିସା ଆନୁଷ୍ଠାନିକ କାର୍ଯ୍ୟକୁ ସହଜ କରିବା ପାଇଁ ଆଇସିସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଇଂଲଣ୍ଡ ଦଳରେ ପାକିସ୍ତାନୀ ବଂଶୋଦ୍ଭବ କ୍ରିକେଟରଙ୍କ ମଧ୍ୟରେ ସ୍ପିନର ଆଦିଲ ରସିଦ, ରେହାନ ଅହମ୍ମଦ ଏବଂ ଦ୍ରୁତ ବୋଲର ସାକିବ ମହମୁଦ ଅନ୍ତର୍ଭୁକ୍ତ। ଯୁକ୍ତରାଷ୍ଟ୍ର ଦଳରେ ଅଲି ଖାନ ଏବଂ ଶାୟାନ ଜାହାଙ୍ଗୀର ଏବଂ ନେଦରଲ୍ୟାଣ୍ଡ ଦଳରେ ଜୁଲଫିକର ସାକିବ ଅନ୍ତର୍ଭୁକ୍ତ। ରିପୋର୍ଟ ସୂଚିତ କରୁଛି ଯେ ଇଂଲଣ୍ଡ ଖେଳାଳି ରସିଦ, ରେହାନ ଏବଂ ସାକିବଙ୍କ ପାଇଁ ଭିସା ଆବେଦନ ପୂର୍ବରୁ ମଞ୍ଜୁର ହୋଇସାରିଛି। ନେଦରଲ୍ୟାଣ୍ଡ ଦଳର ସଦସ୍ୟ ଏବଂ କାନାଡିଆନ ସପୋର୍ଟ ଷ୍ଟାଫ ସଦସ୍ୟ ଶାହ ସଲିମ ଜାଫର ମଧ୍ୟ ଭିଜା ପାଇଛନ୍ତି। ୟୁଏଇ, ଯୁକ୍ତରାଷ୍ଟ୍ର, ଇଟାଲୀ, ବାଂଲାଦେଶ ଏବଂ କାନାଡ଼ା ଦଳରେ ଅଂଶଗ୍ରହଣ କରୁଥିବା ପାକିସ୍ତାନୀ ଜାତୀୟତା କିମ୍ବା ପାକିସ୍ତାନୀ ବଂଶୋଦ୍ଭବ ଖେଳାଳି ଏବଂ ଅଧିକାରୀମାନଙ୍କୁ ଭିସା ପ୍ରଦାନ ପ୍ରକ୍ରିୟା ଚାଲିଛି। ଏହି ଦଳଗୁଡ଼ିକୁ ଭିସା ପ୍ରଦାନ ପାଇଁ ଆବଶ୍ୟକୀୟ ଆନୁଷ୍ଠାନିକ କାର୍ଯ୍ୟ ଆସନ୍ତା ସପ୍ତାହ ପାଇଁ ସ୍ଥିର କରାଯାଇଛି, ଯାହା ସୂଚାଇ ଦେଉଛି ଯେ ପ୍ରକ୍ରିୟାଟି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅଂଶଗ୍ରହଣକାରୀଙ୍କୁ ଭିସା ପ୍ରଦାନ କରିବାର ଶେଷ ତାରିଖ ଜାନୁଆରୀ ୩୧ ତାରିଖ। ସହଯୋଗୀ ଏବଂ ପୂର୍ଣ୍ଣ ସଦସ୍ୟ ଦେଶଗୁଡ଼ିକରେ ପାକିସ୍ତାନୀ ବଂଶୋଦ୍ଭବ ଖେଳାଳିଙ୍କ ପ୍ରତିନିଧିତ୍ୱକୁ ଦୃଷ୍ଟିରେ ରଖି, ଏହି ତ୍ୱରାନ୍ୱିତ ପ୍ରକ୍ରିୟାକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଛି। ଆଇସିସିର ପ୍ରକ୍ରିୟାରେ ଅନେକ ଦଳର କ୍ରିକେଟର, ଅଧିକାରୀ ଏବଂ ଷ୍ଟାଣ୍ଡବାଏ ଖେଳାଳି ସାମିଲ ଅଛନ୍ତି, ଯାହା ଶେଷ ମୁହୂର୍ତ୍ତର କୌଣସି ଜଟିଳତାକୁ ଏଡ଼ାଇବା ପାଇଁ ଏହାର ଇଚ୍ଛାକୁ ସୂଚିତ କରେ। ସମସ୍ତ ଖେଳାଳି ଏବଂ ଅଧିକାରୀଙ୍କ ପାଇଁ ଭିସା ଆବେଦନଗୁଡ଼ିକୁ କୌଣସି ବାଧା ବିନା ପ୍ରକ୍ରିୟାକରଣ କରିବା ନିଶ୍ଚିତ କରିବା ପାଇଁ ଆଇସିସି ବିଶ୍ୱର ବିଭିନ୍ନ ସହରରେ ଅବସ୍ଥିତ ଭାରତୀୟ ହାଇକମିଶନଙ୍କ ସହିତ ନିରନ୍ତର ଯୋଗାଯୋଗରେ ରହିଛି। ଆଇସିସି ନିଶ୍ଚିତ କରିଛି ଯେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବିଚାରାଧୀନ ମାମଲାଗୁଡ଼ିକୁ ସୁଗମ ଭାବରେ ସମାଧାନ କରାଯିବ। ଟି୨୦ ବିଶ୍ୱକପ ଫେବୃୟାରୀ ୭ରୁ ଆରମ୍ଭ ହେଉଛି ଏବଂ ଆଇସିସି ନିଶ୍ଚିତ ଯେ ସେତେବେଳ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ସମାପ୍ତ ହେବ। ପାକିସ୍ତାନୀ ବଂଶୋଦ୍ଭବ ଭାରତୀୟ ଭିସା ଆବେଦନକାରୀଙ୍କୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଉଛି, ତେଣୁ ପ୍ରକ୍ରିୟା ସାଧାରଣ ଅପେକ୍ଷା ଅଧିକ ସମୟ ନେଉଛି।

# ପୂର୍ବାଞ୍ଚଳ ଅନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ୍ : ଉତ୍କଳକୁ ସର୍ବଭାରତୀୟ ଯୋଗ୍ୟତା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଉତ୍କଳ ବିଶ୍ୱବିଦ୍ୟାଳୟ ସର୍ବଭାରତୀୟ କ୍ରିକେଟ୍ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ପ୍ରତିଯୋଗିତା ମଙ୍ଗଳବାରଠୁ ଗୁରୁବାର ପର୍ଯ୍ୟନ୍ତ ରେଭେନ୍ସା ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଖେଳାଯିବ। ରେଭେନ୍ସା ଗୁରୁବାର ନିଜର ପ୍ରଥମ ମ୍ୟାଚ୍‌ରେ ଭିବିଏସ୍ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟକୁ ଭେଟିବ। ୨୧ରେ ପାଟିଳିପୁତ୍ର ଓ ୨୨ରେ ବନାରାସ ହିନ୍ଦୁ ବିଶ୍ୱବିଦ୍ୟାଳୟ ବିପକ୍ଷରେ ଖେଳି ସୁପରଲିଗ୍ ଅଭିଯାନ ଶେଷ କରିବ।

ରେଭେନ୍ସା ବିଶ୍ୱବିଦ୍ୟାଳୟଠାରେ ଚାଲିଥିବା ପୂର୍ବାଞ୍ଚଳ ଅନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତାର ମଙ୍ଗଳବାର ପୁଲ୍-ସି' ଫାଇନାଲ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟ ୬ ୱିକେଟ୍‌ରେ ବିନୋବା ଭାବେ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିନୋବା ଭାବେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୭୪ ରନ୍ କରିଥିଲା। ମଣିକାନ୍ତ ୬୪ ଏବଂ ଯୋଗେନ୍ଦ୍ର କୁମାର ରାଏ ୩୭ ରନ୍ କରିଥିଲା ବେଳେ ଉତ୍କଳ ପକ୍ଷରୁ ଗଣେଶ ତୋମାର ଓ ଅର୍ପିତ ଏସ୍ ମହାନ୍ତି ୩ ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ଉତ୍କଳ ଦଳ ଗୌତମ ଗୋପାଳ (୮୮, ୪୬ ବଲ୍, ୪ ଚୌକା, ୩ ଛକା) ଅର୍ଦ୍ଧଶତକ ବଳରେ ୯ ବଲ୍ ପୂର୍ବରୁ ୪ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ହର୍ଷଲ ହାଡ୍‌କେ ୪୩ ଓ ବିନାୟକ ସାହୁ ୨୩ ରନ୍ କରିଥିଲେ। ଶରତଚନ୍ଦ୍ର ସାହୁ ଏହି ଦଳର ପ୍ରଶିକ୍ଷକ ଅଛନ୍ତି।

# ପାଟପୁରରେ କ୍ରିକେଟ ମ୍ୟାଚ୍ : ବ୍ଲୁ ୱାରିୟର ଟିମ୍ ବିଜୟୀ

**ଦିଗପହଣ୍ଡି/ପାଟପୁର, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ବିଶ୍ୱାସରାୟ ବିଜ୍ଞାନ କଲେଜ ମିନି ଷ୍ଟାଡିୟମରେ ସ୍ଥାନୀୟ ଫ୍ରେଣ୍ଡ୍‌ସ କ୍ରିକେଟ କ୍ଲବ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ରବିବାର କ୍ଲବର ଖେଳାଳି ଓ ପୂର୍ବତନ ଖେଳାଳିମାନଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଅରେଞ୍ଜ ଏମ୍ପରର ଏକାଦଶ ଟସ ଜିତି ପ୍ରଥମେ ବ୍ୟାଟିଙ୍ଗ ନିଷ୍ପତ୍ତି ନେଇଥିବା ବେଳେ ବ୍ଲୁ ୱାରିୟର ଏକାଦଶ ଫିଲ୍ଡିଂ କରିଥିଲା। ପ୍ରଥମେ ବ୍ୟାଟିଂ କରି ଅରେଞ୍ଜ ଏମ୍ପରର ଏକାଦଶ ୧୮ ଓଭରରେ ସମସ୍ତ ୱିକେଟ ହରାଇ ୧୨୮ ରନ ହାସଲ କରିଥିଲା। ଜବାବରେ ବ୍ଲୁ ୱାରିୟର ଏକାଦଶ ୧୮.୧ ଓଭରରେ ୪ ୱିକେଟ ହରାଇ ୧୨୯ ରନ ସଂଗ୍ରହ କରି ୬ ୱିକେଟରେ ବିଜୟୀ ହୋଇଥିଲା। ଅମ୍ପାୟାର ଭାବେ ହିମାଂଶୁ ମହାପାତ୍ର ଓ ସୁଜିତ କୁମାର ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଚନ୍ଦନ ସାହୁ ଓ ବୋଲର ଅରୁଣ ଖୁଣ୍ଟିଆଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରିକେଟ କ୍ଲବ ମ୍ୟାନେଜର ଅଶୋକ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଓ ପୁରସ୍କାର ବିତରଣ ସଭାରେ ଜିଲ୍ଲା ପରିଷଦ ପ୍ରତିନିଧି ଶଙ୍କର୍ଷଣ ସ୍ୱାଇଁ, ପାଟପୁର ପଞ୍ଚାୟତ ସରପଞ୍ଚ ଡି.



ରାକେଶ ପାତ୍ର, ସରପଞ୍ଚ ପ୍ରତିନିଧି ମୁକୁନ୍ଦ ଚନ୍ଦ୍ର ବରାଡ଼, ପୂର୍ବତନ ସମିତି ସଭ୍ୟ ଦୁର୍ଗା ପ୍ରସାଦ ପାଢ଼ୀ, କନିଷ୍ଠଯନ୍ତ୍ରୀ ଇଂ. ମନୋଜ ବେହେରା, ଏପିଓ ଅରୁଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ଟି. ବାବୁ ସୁବୁଦ୍ଧି, ବରୁଣ ପ୍ରଧାନ, କୈଳାଶ ଖୁଣ୍ଟିଆ, କେ. ନାନବାବୁ ଦୋରା, ଅନିଲ ପାଳ, ସରୋଜ ପାତ୍ର, ମାଧବ ଖୁଣ୍ଟିଆ, ଭଜହରୀ ମହାରଣା, ମିନୁ ରେଡ୍ଡୀ, ନୀଳାଞ୍ଚଳ ସାହୁ, ପ୍ରମୋଦ ପଣ୍ଡା, ରଘୁନାଥ ଖୁଣ୍ଟିଆଙ୍କ ସମେତ କ୍ଲବର ସମସ୍ତ ପୁରାତନ ସଭ୍ୟ ଓ ଦୁଇଟି ଟିମର ଖେଳାଳି ବୃନ୍ଦ ଉପସ୍ଥିତ ଥିଲେ। ବିଜେତା ଓ ଉପବିଜେତା ଟିମ୍‌କୁ ଅତିଥି ବୃନ୍ଦ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। କ୍ଲବର ବରିଷ୍ଠ ସଦସ୍ୟ ବିନାୟକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ମାରାଥନ ଟ୍ରାକ୍‌ରେ ନିଜ ଯାଦୁ ଦେଖାଇଲେ ପୁଲିସ ଅଧିକାରୀ

**ଭୁବନେଶ୍ୱର**

ରାଜ୍ୟ ପୁଲିସ ବିଭାଗର ବରିଷ୍ଠ ଅଧିକାରୀ ତଥା ଏଡିଜି ଅପରେସନ୍ ସଂଜୀବ ପଣ୍ଡା ମାରାଥନ ଟ୍ରାକ୍‌ରେ ନିଜ ଯାଦୁ ଦେଖାଇଛନ୍ତି। ଟାଟା ମୁମ୍ବାଇ ମାରାଥନ୍ (୪୨.୧୯୫ କିଲୋମିଟର)କୁ ସଫଳତାର ସହ ୪ ଘଣ୍ଟା ୩୦ ମିନିଟ୍‌ରେ ଶେଷ କରିଛନ୍ତି ଏହି ଦକ୍ଷ ଆଇପିଏସ୍। ତା' ସହିତ ଫିନିସର୍ ମେଡାଲ ମଧ୍ୟ ଲାଭ କରିଛନ୍ତି ସେ। ତାଙ୍କ ସହିତ ଭୁବନେଶ୍ୱର ସାଇକ୍ଲିଂ ଓ ଆଡଭେଞ୍ଚର କ୍ଲବ୍‌ର ୩୫ ମଧ୍ୟ ସଦସ୍ୟ ମଧ୍ୟ ଏହି ମାରାଥନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

ମୁମ୍ବାଇ ମାରାଥନ ଭଳି ଏକ ସମ୍ମାନଜନକ ମାରାଥନରେ ଅଂଶଗ୍ରହଣ କରିବା ମୋ ପାଇଁ ନୂଆ ଅଭିଜ୍ଞତା ନେଇ ଆସିଛି ବୋଲି ସଂଜୀବ ଜିନ ପ୍ରତିକ୍ରିୟାରେ କହିଛନ୍ତି। ସେହିଭଳି ଦୀର୍ଘ ୪୨.୧୯୫ କିଲୋମିଟର ପଥ ଦୌଡ଼ିବା ଲାଗି ଶକ୍ତି ଓ ସାମର୍ଥ୍ୟ ଦେଇଥିବାରୁ ଭଗବାନକୁ ଅଶେଷ ଅଶେଷ ଧନ୍ୟବାଦ ଅର୍ପଣ କରିଛନ୍ତି। ଶ୍ରୀ ପଣ୍ଡାଙ୍କ ରନିଂ ସାଥୀ ତଥା ଓଡ଼ିଶା




ରାଜ୍ୟ ହାଉସିଂର ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ନାୟକ, ଆଇଜି ସିବିଆଇ ତଥା ଆଇପିଏସ୍ ସୁବାବା ରେଡ୍ଡୀ, ଆଇପିଏସ୍ ତଥା ରାଜ୍ୟପାଳଙ୍କ ଏଡିସି କୁଲଦୀପ ମୀନା ପ୍ରମୁଖ ମଧ୍ୟ ଏହି ମାରାଥନକୁ ସଫଳତାର ସହ ଶେଷ କରିଛନ୍ତି।

ସୂଚନାଯୋଗ୍ୟ ଯେ ଏହି ମାରାଥନର ପୁରୁଷରେ ଇଥିଓପିଆର ତାଦୁ ଆପେଟ ଡେମେ ଏବଂ ମହିଳା ବିଭାଗରେ ୟେସି କଲାୟୁ ଚେର୍କୋଲେ ବିଜେତା ହୋଇଥିଲେ। ଭାରତୀୟଙ୍କ ମଧ୍ୟରେ କାର୍ତ୍ତିକ କର୍କେରା ଓ ସଂଜିବନୀ ଯାଦବ ଯଥାକ୍ରମେ ମହିଳା ଓ ପୁରୁଷ ବର୍ଗର ଟ୍ରଫି ଜିତିଥିଲେ।

E-mail ID: eepwd765017@gmail.com
Phone-(06856)233066
Government of Odisha
"E" Procurement Notice
OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO -II
B-994
Short Bid Identification No: RC (RANDB) RGD No-II 19/2025-26 (Online tender)
No 180 Dated 16.01.2026
1. Total No. of the works :- 17 No's of works (Single cover System)
2. Approximate estimated Cost: - Rs 2.38 to 36.53 Lakhs
3. Period of completion :- 01 (One) Calendar month
4. Date & Time of availability of bid document in the portal:-11.00 Hrs. of dated 22.01.2026 to 17.00 Hrs. of dated 29.01.2026 for online bidding.
5. Last date/Time for receipt of bids in the portal: - Up to 17.00 Hrs. of dated 29.01.2026
6. Name and address of the officer inviting BID: - Superintending Engineer, Rayagada (R&B) Division No-II
7. Date of opening of Technical Bid at 11.00 Hours on dated 30.01.2026
8. Further details can be seen from the e-Procurement portal: www.tendersodisha.gov.in.
9. Further Addendum/Corrigendum if any will be hosted in the above website only.
Sd/- Superintending Engineer
Rayagada (R&B) Division No-II

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION PATNAGARH
E-mail: eerw_ptng@yahoo.in
Phone No 06658-222121
O-2096
e-Procurement Notice
IFB IDENTIFICATION No. EEPTNG-Online-18/2025-26

| | | |
|---|---|---|
| 1. Name of work | : | Repair of Building works |
| 2. Total no of work | : | 17 (Seventeen ) No works |
| 3. Time for completion | : | 01 (One) Calendar month |
| 4. Approximate estimated cost | : | 1.69 lakh to 25.42 lakh |
| 5. Mode of Submission of tender | : | Tender should be submitted online in www.tendersorissa.gov.in |
| 6. Other details are as follow | : | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn., Patnagarh | EEPTNG-Online-18/2025-26 | 22.01.2026 at 11.00 AM | 05.02.2026 upto 5.00 P.M | 04.02.2026 upto 5.00 PM | 06.02.2026 at 11.000 A.M |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

Sd/- Executive Engineer
R.W. Division, Patnagarh

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, NIMAPARA
Mail I.D.- ee_nimapar@yahoo.co.in
O-2098
No:-Tender Online-Divn.NPR-13/2025-26 Date:- 12.01.2026
e-Procurement NOTICE
1. Name of the work : Building Works for the year 2025-26.
2. Total No. of Projects : 07 (Seven) nos of projects.
3. Estimated cost of projects : Varies from Rs. 4.22 lakh to Rs. 36.30 lakh
4. Class of contractor
A) Estimated Cost above Rs 20.001akhs and upto Rs. 300.00Lakhs. "B" Class (of Odisha PWD) or relevant Class of other licensing authorities.
B) Estimated Cost more than Rs 20.00laks and upto Rs. 40.00Lakhs. "C" Class & "B" Class (of Odisha PWD) or relevant Class of other licensing authorities.
C) Estimated Cost upto Rs. 20.00Lakhs "D" Class & "C" Class (of Odisha PWD) or relevant Class of other licensing authorities.
5. Mode of Submission of tender : Tender should be submitted online only in website www.tendersorissa.gov.in
6. Period of Completion : As per TCN
7. Other details.

| Procurement Officer | Bid identification No. | Availability of tender online for bidding | | Last date & time of seeking tender clarification | Date, time & venue of opening e-tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nimapara. | Tender On-line-Divn. NPR-13/2025-26 | 20.01.2026 at 11.00 A.M. | 29.01.2026 up to 5.00 P.M | 29.01.2026 up to 1.00 P.M | 30.01.2026 at 1 1.00 A.M. Office of the S.R.W. Division, Nimapara. |

Further details can be seen from the website www.tendersorissa.gov.in
Sd/- Superintending Engineer
Rural Works Division, Nimapara

# ଟାଟା ଷ୍ଟିଲ୍ ଏବଂ ଜାମସେଦପୁର କ୍ୟାନସର ସୋସାଇଟି ପକ୍ଷରୁ କ୍ୟାନସର ସ୍କ୍ରିନିଂ କାର୍ଯ୍ୟକ୍ରମର ଶୁଭାରମ୍ଭ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଗ୍ରାମାଞ୍ଚଳରେ କର୍କଟ ରୋଗର ଭୟାବହତାକୁ ରୋକିବା ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ ରୋଗ ଚିହ୍ନଟ କରିବା ଲକ୍ଷ୍ୟରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏକ ବୃହତ୍ ପଦକ୍ଷେପ ଗ୍ରହଣ କରିଛି। କଳିଙ୍ଗନଗର ସ୍ଥିତ ଦାନଗଦୀ ଏବଂ ସୁକିନ୍ଦା ଅଞ୍ଚଳର ଗ୍ରାମୀଣ ଲୋକଙ୍କ ପାଇଁ କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ ଏବଂ ଚିକିତ୍ସା ସୁବିଧାରେ ଉନ୍ନତି ଆଣିବା ଲକ୍ଷ୍ୟରେ ଟିଏସଏଫ, ଜାମସେଦପୁର କ୍ୟାନସର ସୋସାଇଟି ର ମେହେରବାଇ ଟାଟା ମେମୋରିଆଲ୍ ହସପିଟାଲ୍ (ଏମଟିଏମଏଚ) ସହଯୋଗରେ ଏକ ବ୍ୟାପକ 'ଭ୍ରାମ୍ୟମାଣ କ୍ୟାନସର ସ୍କ୍ରିନିଂ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।

ଏହି କାର୍ଯ୍ୟକ୍ରମ ଦାନଗଦୀ ବ୍ଲକର ଯଖପୁରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଉଦ୍‌ଘାଟିତ ହୋଇ



ଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଯଖପୁରା ପିଏଚସିର ମେଡିକାଲ ଅଫିସର ଡାକ୍ତର ଅମୂଲ୍ୟ କୁମାର ନାୟକ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ପ୍ରକଳ୍ପଟି ମାର୍ଚ୍ଚ ୩୧, ୨୦୨୮ ପର୍ଯ୍ୟନ୍ତ ଚାଲିବ ଏବଂ ଏହା କର୍କଟ ରୋଗର ସମ୍ପୂର୍ଣ୍ଣ ସେବା ଯୋଗାଇବ, ଯେଉଁଥିରେ ସାମାଜିକ ସଚେତନତା, ସ୍କ୍ରିନିଂ (ପରୀକ୍ଷା), ରୋଗ ନିଶ୍ଚିତକରଣ ଏବଂ ସଠିକ୍ ଚିକିତ୍ସା ସହିତ ଯୋଗାଯୋଗ ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମ ବିଶେଷ କରି ମୁଖ ଗହ୍ୱର, ସ୍ତନ ଏବଂ ଗର୍ଭାଶୟ କର୍କଟ ଉପରେ ଧ୍ୟାନ ଦେବ, ଯାହା ଭାରତରେ କର୍କଟ ଜନିତ ମୃତ୍ୟୁର ଏକ ବଡ଼ କାରଣ ସାଜିଛି। ଏହି କ୍ୟାମ୍ପ ସପ୍ତାହକୁ ପାଞ୍ଚ ଦିନ ଚାଲିବ ଏବଂ ପ୍ରତି କ୍ୟାମ୍ପରେ ୯୦ଟି ମାମୋଗ୍ରାମ, ୬୫ଟି ପାପ୍ ସ୍ମିୟର୍ ଏବଂ ୧୩୫ଟି ମୁଖ କର୍କଟ ପରୀକ୍ଷା କରାଯିବାର ଲକ୍ଷ୍ୟ ରଖାଯାଇଛି। ସ୍କ୍ରିନିଂ ସହିତ, ଲୋକଙ୍କୁ କର୍କଟ ରୋଗର ବିପଦ, ପ୍ରାରମ୍ଭିକ ଲକ୍ଷଣ ଏବଂ ସଠିକ୍ ସମୟରେ ଡାକ୍ତରୀ ପରାମର୍ଶର ଗୁରୁତ୍ୱ ବିଷୟରେ ସଚେତନ କରାଯିବ।

ଏହି ପଦକ୍ଷେପର ଏକ ପ୍ରମୁଖ ସ୍ତମ୍ଭ ହେଉଛି ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀଙ୍କ ଦକ୍ଷତା ବୃଦ୍ଧି କରିବା। ମେହେରବାଇ ଟାଟା ମେମୋରିଆଲ୍ ହସ୍‌ପିଟାଲ୍ ଠାରେ 'ମାଷ୍ଟର ଟ୍ରେନର' ମାନଙ୍କୁ ତାଲିମ ଦିଆଯିବ, ଯେଉଁମାନେ ପରବର୍ତ୍ତୀ ସମୟରେ ଆଶା କର୍ମୀ ଏବଂ ତୃଣମୂଳ ସ୍ତରର ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ପ୍ରଶିକ୍ଷିତ କରିବେ। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ବ୍ଲକ୍ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଜନସାଧାରଣଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବ। ଯେଉଁମାନଙ୍କ ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିବ, ସେମାନଙ୍କୁ ରୋଗ ନିଶ୍ଚିତ କରିବା ପାଇଁ ମେହେରବାଇ ଟାଟା ମେମୋରିଆଲ୍ ହସପିଟାଲ୍‌କୁ ପଠାଯିବ ଏବଂ ସେମାନଙ୍କୁ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ ଯୋଜନା ମାଧ୍ୟମରେ ଚିକିତ୍ସା ଯୋଗାଇ ଦେବାରେ ସାହାଯ୍ୟ କରାଯିବ।

କର୍କଟ ସ୍କ୍ରିନିଂକୁ ବିକେନ୍ଦ୍ରୀକରଣ କରି ଏବଂ ସଠିକ୍ ଚିକିତ୍ସା ପାଇଁ ପଥ ପ୍ରସ୍ତୁତ କରି, ଏହି ପଦକ୍ଷେପ କର୍କଟ ସେବା କ୍ଷେତ୍ରରେ ଥିବା ଅଭାବକୁ ଦୂର କରିବ, ସଚେତନତା ବଢ଼ାଇବ, ପ୍ରାରମ୍ଭିକ ରୋଗ ଚିହ୍ନଟରେ ସାହାଯ୍ୟ କରିବ ଏବଂ ଏକ 'ଗ୍ରାମୀଣ କର୍କଟ ରେଜିଷ୍ଟ୍ରି' ପ୍ରତିଷ୍ଠା କରିବ। ଏହା କଳିଙ୍ଗନଗର ଅଞ୍ଚଳର ଗ୍ରାମୀଣ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବା କ୍ଷେତ୍ରରେ ସହାୟକ ହେବ।









# ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋମାନେ ଓଡ଼ିଶାର ବିକେନ୍ଦ୍ରୀକୃତ ଦକ୍ଷତା ଶାସନକୁ ସୁଦୃଢ଼ କରୁଛନ୍ତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋସିପ୍ କାର୍ଯ୍ୟକ୍ରମର ତୃତୀୟ ଏକାଡେମିକ ଫୋରମ୍ ଭୁବନେଶ୍ୱରସ୍ଥିତ 'ୱାର୍ଲ୍ଡ ସ୍କିଲ୍ ସେଣ୍ଟର' ଠାରେ ଉଦଘାଟିତ ହୋଇଯାଇଛି । ଏହାକୁ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦଘାଟନ କରିଛନ୍ତି । ୨୦୨୪ ଜୁଲାଇ ମାସରେ ଆରମ୍ଭ ହୋଇଥିବା ଏହି ଫେଲୋସିପ୍ କାର୍ଯ୍ୟକ୍ରମ ଜିଲ୍ଲାସ୍ତରରେ ଯୁବ ପେଶାଦାରମାନଙ୍କୁ ନିୟୋଜିତ କରି ବିକେନ୍ଦ୍ରୀକୃତ ଦକ୍ଷତା ଶାସନ ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିଥିବା ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଏହା ସରକାରୀ ନୀତି ଏବଂ ଏହାର କାର୍ଯ୍ୟକାରିତା ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବାରେ ସହାୟକ ହୋଇଛି । ସ୍ଥାନୀୟ ଆବଶ୍ୟକତା ଏବଂ ଶିଳ୍ପ କ୍ଷେତ୍ରର ଚାହିଦା ଅନୁଯାୟୀ ଜିଲ୍ଲାଭିତ୍ତିକ ଦକ୍ଷତା ସମାଧାନ ପାଇଁ ଫେଲୋମାନଙ୍କର ଅଭିନବ କ୍ଷେତ୍ରସ୍ତରୀୟ ପଦକ୍ଷେପ ଏବଂ ଅବଦାନକୁ ସେ ପ୍ରଶଂସା କରିଥିଲେ । ୨୦୩୬ ମସିହାରେ ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ 'ବିକଶିତ ଓଡ଼ିଶା' ଗଠନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହା ମୂଳତଃ ମାନବ ସମ୍ବଳ ବିକାଶ ଉପରେ ଆଧାରିତ । ଏହି ଯାତ୍ରାରେ ଦକ୍ଷତା ବିକାଶ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ । ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାକୁ ହେଲେ, ପ୍ରତ୍ୟେକ ଯୁବକଙ୍କ ପାଖରେ ଦକ୍ଷତା ବିକାଶ, ନିଯୁକ୍ତି ଏବଂ ନିରନ୍ତର ଅଭିବୃଦ୍ଧିର ସୁଯୋଗ ରହିବା ଆବଶ୍ୟକ। କେବଳ ଯୋଜନା ଏବଂ ଭିତ୍ତିଭୂମି ଦ୍ୱାରା ଏହି ପରିବର୍ତ୍ତନ ସମ୍ଭବ ନୁହେଁ । ଏଥିପାଇଁ ପ୍ରତିବଦ୍ଧ ପେଶାଦାରମାନଙ୍କ ଆବଶ୍ୟକତା ରହିଛି, ଯେଉଁମାନେ ସ୍ପଷ୍ଟ ଲକ୍ଷ୍ୟ ନେଇ କ୍ଷେତ୍ରସ୍ତରରେ କାର୍ଯ୍ୟ କରିବେ । ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା' ଗଠନର ସ୍ୱପ୍ନକୁ ଦୋହରାଇ ମନ୍ତ୍ରୀ ଫେଲୋମାନଙ୍କୁ ଭବିଷ୍ୟତ-ଉପଯୋଗୀ ଦକ୍ଷତା ବିକାଶ, ସାମଗ୍ରିକ ଅଭିବୃଦ୍ଧି ସହିତ ସ୍ଥାନୀୟ ଅର୍ଥନୈତିକ ବିକାଶ ସହ ସମନ୍ୱୟ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ, ଟାଟା ଷ୍ଟ୍ରାଇଭର ସିଓଓ ଅମେୟ ବଞ୍ଜାରୀ ଏବଂ ଆଇଏସବି, ହାଇଦ୍ରାବାଦର ବରିଷ୍ଠ ନିର୍ଦ୍ଦେଶକ ଡି.ଏନ.ଭି. କୁମାର ଗୁରୁଙ୍କ ସମେତ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋମାନେ ଯୋଗ ଦେଇଥିଲେ।

# 'ଅପରାହ୍ନ'ର ଏକାମ୍ର ସାହିତ୍ୟ ସ୍ୱର ପକ୍ଷରୁ ସାରସ୍ୱତ ସମାରୋହ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



## ଅବନୀ ଚନ୍ଦ୍ର ଦାସ ସମ୍ବର୍ଦ୍ଧିତ

ଦୈନିକ ସମ୍ବାଦପତ୍ର 'ଅପରାହ୍ନ'ର ଏକାମ୍ର ସାହିତ୍ୟ ସ୍ୱର ପକ୍ଷରୁ ଜିଲ୍ଲାସ୍ତରୀୟ ସାରସ୍ୱତ ସମାରୋହ-୨୦୨୬ ଭୁବନେଶ୍ୱର (ୟୁନିଟ୍ - ୬) ସ୍ଥିତ ନେତାଜୀ ଭବନରେ ଅନୁଷ୍ଠିତ ହୋଇ ଯାଇଛି । 'ନିର୍ଭୀକ' ପତ୍ରିକା ସମ୍ପାଦକ ତଥା ସ୍ତମ୍ଭକାର ଅବନୀ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ଅପରାହ୍ନ'ର ଜିଲ୍ଲା ସଂଯୋଜକ ସମ୍ମିଳନୀ ତଥା କବିତା କର୍ମଶାଳାକୁ ଉଦ୍ ଘାଟକ ଭାବେ ବରିଷ୍ଠ କବି ବାଉରୀ ବନ୍ଧୁ ଲେଙ୍କା ଏବଂ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆୟକର କମିଶନର ଶୋଭନ କର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ କଳିଙ୍ଗ ପଲିଟେକନିକ୍‌ର ଅଧ୍ୟାପିକା ମଧୁସ୍ମିତା ଶା ଯୋଗ ଦେଇଥିଲେ । ମଧୁମିତା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତାପାଠ ଉତ୍ସବରେ ଅର୍ଦ୍ଧଶତକରୁ ଊର୍ଦ୍ଧ୍ୱ କବି ଯୋଗ ଦେଇଥିଲେ।

ଅପରାହ୍ନରେ 'ଅପରାହ୍ନ' ପରିବାର ପକ୍ଷରୁ ଆୟୋଜିତ ସାରସ୍ୱତ ବନ୍ଧୁ ମିଳନ ତଥା ସମ୍ବର୍ଦ୍ଧନା ଉତ୍ସବ ସମ୍ପାଦକ ବଂଶୀଧର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକ୍ତନ ସାଂସଦ, ମନ୍ତ୍ରୀ ତଥା ବିଶିଷ୍ଟ କବି ଡ଼ଃ ପ୍ରସନ୍ନ କୁମାର ପାଟ୍ଟଶାଣୀ ମୁଖ୍ୟ ଅତିଥି ଏବଂ ବିଶିଷ୍ଟ ସମାଜସେବୀ ସୁଦର୍ଶନ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ରାଜଧାନୀରେ 'ଅପରାହ୍ନ'ର ଏକାମ୍ର ସାହିତ୍ୟ ସ୍ୱର ପକ୍ଷରୁ ଏଭଳି ସାରସ୍ୱତ ଉତ୍ସବ ଆୟୋଜନ ବେଶ୍ ପ୍ରେରଣାଦାୟୀ ବୋଲି କହିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି / ବକ୍ତା ଭାବେ ଅବନୀ ଚନ୍ଦ୍ର ଦାସ, କିଶୋର ଦେବୀଦତ୍ତ ପୃଥ୍ୱିରାଜ, ଯଶୋବନ୍ତ ଲେଙ୍କା, ଜ୍ୟୋତି ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱ ସ୍ୱ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ପ୍ରବୀଣ ସାହିତ୍ୟ - ସଂସ୍କୃତି ସଂଗଠକ, କବି ତଥା ସ୍ତମ୍ଭକାର ଅବନୀ ଚନ୍ଦ୍ର ଦାସଙ୍କୁ ଅଙ୍ଗବସ୍ତ୍ର, ମାନପତ୍ର ଏବଂ ପୁଷ୍ପଗୁଚ୍ଛ ସହିତ ଅପରାହ୍ନ ତରଫରୁ ସାରସ୍ୱତ ସମ୍ମାନ -୨୦୨୬ ରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏତଦ୍ ଭିନ୍ନ ଅଂଶ ଗ୍ରହଣ କରିଥିବା ସମସ୍ତ କବି ମାନଙ୍କୁ ମଧ୍ୟ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ପୁଣି, କବି ଅରବିନ୍ଦ ସ୍ୱାଇଁଙ୍କ ରଚିତ ଦୁଇଟି ନବ ପ୍ରକାଶିତ କବିତା ପୁସ୍ତକ ଯଥାକ୍ରମେ 'ଜାଗ କଙ୍କାଳ' ଓ 'ଖଜୁରୀ ଗଛର କି ଗୁଣ ଗାଇବି'କୁ ଅତିଥି ମାନେ ମଞ୍ଚରେ ଉନ୍ମୋଚନ କରିଥିଲେ । ପ୍ରାରମ୍ଭରେ ଅପରାହ୍ନର ପ୍ରକାଶକ ତଥା ଶ୍ରୀଲିପ୍ତା ପ୍ରିଣ୍ଟ ମିଡିଆର ପରିଚାଳନା ନିର୍ଦ୍ଦେଶିକା ଲକ୍ଷ୍ମୀପ୍ରିୟା ଦାସ ପ୍ରାରମ୍ଭିକ ଭଜନ ପରିବେଷଣ ସହିତ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଅପରାହ୍ନ (ଏକାମ୍ର ସାହିତ୍ୟ ସ୍ୱର)ର ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ନିହାର ରଞ୍ଜନ ସାବତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨ ଘଣ୍ଟାର ଗସ୍ତରେ ...

ବ୍ୟାପକ ରଣନୈତିକ ସହଭାଗିତା ଉପରେ ଫୋକସ୍ ରହିଛି ଏବଂ ଏଥିସହ ଉଭୟ ନେତା ମିଳିତ ସ୍ୱାର୍ଥ-ସମ୍ବଳିତ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ମତବିନିମୟ କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ୟୁଏଇ ରାଷ୍ଟ୍ରପତି ହେବାପରେ ଏହା ଶେଖ ମହମ୍ମଦଙ୍କର ତୃତୀୟ ଭାରତ ଗସ୍ତ।

### ଛାତ୍ରଛାତ୍ରୀମାନେ ଉଦ୍ୟମିତା...

ପୋଷଣ କରୁଛନ୍ତି ଏବଂ ଛାତ୍ରଛାତ୍ରୀମାନେ ଏହି ସୁଯୋଗଗୁଡ଼ିକର ପୂର୍ଣ୍ଣ ଉପଯୋଗ କରି କିଛି ନୂତନ ନିର୍ମାଣ କରିବାକୁ ରାଜ୍ୟପାଳ ଉତ୍ସାହିତ କରିଥିଲେ । ଦ୍ରୁତ ଗତିରେ ପରିବର୍ତ୍ତିତ ବିଶ୍ୱ ଦୃଶ୍ୟପଟ ଉପରେ ଆଲୋକପାତ କରି ରାଜ୍ୟପାଳ କହିଛନ୍ତି ଯେ, ବିଶ୍ୱ କୃତ୍ରିମ ବୁଦ୍ଧିମତା, ଡାଟା ବିଜ୍ଞାନ, ସ୍ୱୟଂକ୍ରିୟତା, ନବୀକରଣୀୟ ଶକ୍ତି, ଜୈବ ପ୍ରଯୁକ୍ତିବିଦ୍ୟା ଏବଂ ମହାକାଶ ପ୍ରଯୁକ୍ତିବିଦ୍ୟା ଭଳି ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ହେଉଛି। ଏପରି ପରିସ୍ଥିତିରେ ପ୍ରକୃତ ଚ୍ୟାଲେଞ୍ଜ ନିଜେ ପରିବର୍ତ୍ତନ ନୁହେଁ ବରଂ ଜଣେ ଏହାକୁ କେତେ ପ୍ରଭାବଶାଳୀ ଭାବରେ ଗ୍ରହଣ କରିପାରେ ତାହା ଉପରେ ନିର୍ଭର କରେ। ସ୍ନାତକମାନେ ଜୀବନବ୍ୟାପୀ ଶିକ୍ଷାର୍ଥୀ ହେବାକୁ, ଜିଜ୍ଞାସୁ ଏବଂ ମୁକ୍ତମନା ରହିବାକୁ ଏବଂ ଅନିଶ୍ଚିତତାକୁ ନବସୃଜନର ସୁଯୋଗ ଭାବରେ ଦେଖିବା ପାଇଁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ରାଜ୍ୟପାଳ ସ୍ନାତକମାନଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ, ସେମାନେ କେବଳ ଡିଗ୍ରୀ ସହିତ ନୁହେଁ ବରଂ ସେମାନଙ୍କର ଜ୍ଞାନକୁ ନୈତିକ ଭାବରେ ଏବଂ ସମାଜର ବୃହତର ମଙ୍ଗଳ ପାଇଁ ପ୍ରୟୋଗ କରିବାର ଦାୟିତ୍ୱ ସହିତ ଆଗେଇବା ଉଚିତ। ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ଯେ, ଶିକ୍ଷା ଯୁବପିଢ଼ିଙ୍କୁ ସେମାନଙ୍କର ଭବିଷ୍ୟତ ଗଠନ କରିବାକୁ ଏବଂ ଜାତୀୟ ପ୍ରଗତିରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବା ପାଇଁ ସଶକ୍ତ କରିଥାଏ। ସମାବର୍ତ୍ତନ ଉତ୍ସବରେ ପିଏଚଡି ଡିଗ୍ରୀ, ଚାନସେଲରଙ୍କ ସ୍ୱର୍ଣ୍ଣ ପଦକ ଏବଂ ଅନ୍ୟ ବର୍ଗରେ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଆଇଆଇଟି କାନପୁରର ନିର୍ଦ୍ଦେଶକ ପ୍ରଫେସର ମନୀନ୍ଦ୍ର ଅଗ୍ରୱାଲ ମଧ୍ୟ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ । କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

### ବନ୍ଧୁକ ମୁନରେ...

୬ଜଣ ଦୁର୍ବୃତ୍ତ ଆସି ବ୍ୟାଙ୍କରେ ପଶି ଥିଲେ। ପରେ ଦୁର୍ବୃତ୍ତମାନେ ଧରିଥିବା ବନ୍ଧୁକ ବାହାର କରି ବ୍ୟାଙ୍କ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ରଖି ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏପରିକି ଦୁର୍ବୃତ୍ତମାନେ ବ୍ୟାଙ୍କରେ ଥିବା ଗ୍ରାହକଙ୍କୁ ଏକ କୋଠରୀରେ ବନ୍ଦ କରିଦେଇଥିଲେ।ପରବର୍ତ୍ତୀ ସମୟରେ ଦୁର୍ବୃତ୍ତମାନେ ବ୍ୟାଙ୍କରୁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ସହ ୫ ଲକ୍ଷ ନଗଦ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ।

### ବଦଳିବ 'ଡିପିଆର'...

ମେଟ୍ରୋ ରେଳ ପ୍ରକଳ୍ପ ହେବାକୁ ଯୋଜନା ରହିଥିଲା। ମାତ୍ର ବର୍ତ୍ତମାନ ପରିବର୍ତ୍ତନ ହୋଇ ଏହି ଡିପିଆରରେ ଭୁବନେଶ୍ୱର, କଟକ, ପୁରୀ, ପାରାଦୀପ ଓ ଖୋର୍ଦ୍ଧା ରିଜିଅନକୁ ଯୋଡ଼ିବାପାଇଁ ପ୍ରସ୍ତାବ ରହିଛି। ଏହାଦ୍ୱାରା ରାଜ୍ୟର ବିକାଶ ତ୍ୱରାନ୍ୱିତ ହେବ।

### ଶୀତ, କୁହୁଡ଼ି ...

ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୮ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ସିମିଳିଗୁଡା ୪.୪ ଡିଗ୍ରୀ, ଫୁଲବାଣୀ ୫.୮ ଡିଗ୍ରୀ, ରାଉରକେଲା ୬ ଡିଗ୍ରୀ, ଝାରସୁଗୁଡା ୬.୮ ଡିଗ୍ରୀ, ବଲାଙ୍ଗୀର ଓ ଚିପିଲିମା ୮ ଡିଗ୍ରୀ, କିରେଇ ୮.୫ ଡିଗ୍ରୀ, ଅନୁଗୋଳ ୮.୮ ଡିଗ୍ରୀ, ଭବାନୀପାଟଣା ୮.୯ ଡିଗ୍ରୀ, ସୁନ୍ଦରଗଡ଼ ୯.୨ ଡିଗ୍ରୀ, କେନ୍ଦୁଝର ୯.୨ ଡିଗ୍ରୀ, କୋରାପୁଟ ୯.୮ ଡିଗ୍ରୀ ଏବଂ ଢେଙ୍କାନାଳରେ ସର୍ବନିମ୍ନ ତାପମାତ୍ରା ୯.୮ ଡିଗ୍ରୀ ରହିଥିଲା।

### ୨୦୨୬ ଆର୍ଥିକ ...

ଅଭିବୃଦ୍ଧି ହାର ସାମାନ୍ୟ କମିପାରେ। ପରବର୍ତ୍ତୀ ଦୁଇ ଆର୍ଥିକ ବର୍ଷରେ ଏହା ପ୍ରାୟ ୬.୪% ରହିବା ନେଇ ଆଇଏମ୍ଏଫ ଅନୁମାନ କରିଛି। ଖାଦ୍ୟ ସାମଗ୍ରୀର ଦର ହ୍ରାସ ଯୋଗୁଁ ୨୦୨୫ ଶେଷ ସୁଦ୍ଧା ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଆସିବ। ଏହା ସହିତ ଅନ୍ତର୍ଜାତୀୟ ବଜାରରେ କଞ୍ଚା ତୈଳ ଦର ହ୍ରାସ ପାଇବା ଭାରତ ପରି ଆମଦାନୀକାରୀ ଦେଶ ପାଇଁ ଏକ ଆଶ୍ୱସ୍ତିକର ଖବର ହେବ। ଆମେରିକା ଲାଗୁ କରିଥିବା ଟାରିଫ୍ ଏବଂ ବୈଶ୍ୱିକ ଅସ୍ଥିରତା ବିଶ୍ୱ ଅର୍ଥନୀତି ଉପରେ ଚାପ ପକାଇପାରେ, ତଥାପି ୨୦୨୬ ଓ ୨୦୨୭ରେ ବିଶ୍ୱ ଅଭିବୃଦ୍ଧି ହାର ଯଥାକ୍ରମେ ୩.୩% ଏବଂ ୩.୨% ରହିବ ବୋଲି ଆଶା କରାଯାଉଛି। ଆଇଏମ୍ଏଫର ଏହି ସକାରାତ୍ମକ ଆକଳନ ଭାରତୀୟ ବଜାରରେ ନିବେଶକଙ୍କ ଆତ୍ମବିଶ୍ୱାସ ବଢ଼ାଇବା ସହ ଦେଶର ଦୃଢ଼ ଅର୍ଥନୈତିକ ସ୍ଥିତିକୁ ପ୍ରମାଣିତ କରୁଛି।

## ୨୧ରୁ ଆରମ୍ଭ ହେବ ପ୍ରଥମ ଭାରତ ଅନ୍ତର୍ଜାତୀୟ ସମ୍ମିଳନୀ

# ଅଂଶଗ୍ରହଣ କରିବେ ୭୦ ଦେଶର ଶତାଧିକ ପ୍ରତିନିଧି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଭାରତ ନିର୍ବାଚନ ଆୟୋଗ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ବିଷୟରେ ଆୟୋଜିତ ପ୍ରଥମ ଭାରତ ଅନ୍ତର୍ଜାତୀୟ ସମ୍ମିଳନୀ୨୦୨୬ ପାଇଁ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ। ଏହି ୩ ଦିନିଆ ସମ୍ମିଳନୀ ଭାରତ ଅନ୍ତର୍ଜାତୀୟ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସଂସ୍ଥା ଦ୍ୱାରା ୨୦୨୬ ଜାନୁଆରୀ ୨୧ରୁ ୨୩ ପର୍ଯ୍ୟନ୍ତ ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍ ଠାରେ ଅନୁଷ୍ଠିତ ହେବ।

ଆଇଆଇସିଡିଇଏମ୍-୨୦୨୬ ଭାରତରେ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା କ୍ଷେତ୍ରରେ ଆୟୋଜିତ ସବୁଠୁ ବଡ଼ ଅନ୍ତର୍ଜାତୀୟ ସମ୍ମିଳନୀ ଭାବେ ପରିଚିତ ହେବ। ଏଥିରେ ସାରା ପୃଥିବୀର ୭୦ରୁ ଅଧିକ ଦେଶରୁ ପ୍ରାୟ ୧୦୦ ଅନ୍ତର୍ଜାତୀୟ ପ୍ରତିନିଧିଙ୍କ ସହ ଅନ୍ତର୍ଜାତୀୟ ସଂଗଠନ, ଭାରତରେ ଥିବା ବିଦେଶୀ ମିଶନ ଏବଂ ନିର୍ବାଚନ କ୍ଷେତ୍ରର ଶିକ୍ଷାବିତ ଓ ବ୍ୟବହାରିକ ବିଶେଷଜ୍ଞମାନେ ଅଂଶଗ୍ରହଣ କରିବେ।

ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର, ନିର୍ବାଚନ ଆୟୁକ୍ତ ଡ. ସୁଖବୀର ସିଂହ ସାନ୍ଧୁ ଓ ଡ. ବିବେକ ଜୋଶୀ ୨୦୨୬ ଜାନୁଆରୀ ୨୧ରେ ଆୟୋଜିତ ଉଦଘାଟନୀ ଅଧିବେଶନରେ ପ୍ରତିନିଧିମାନଙ୍କୁ ସ୍ୱାଗତ କରି ସମ୍ମିଳନୀର କାର୍ଯ୍ୟକ୍ରମ ଆରମ୍ଭ କରିବେ।

୩ ଦିନିଆ କାର୍ଯ୍ୟକ୍ରମରେ ଉଦଘାଟନ ଅଧିବେଶନ, ନିର୍ବାଚନ ପରିଚାଳନା ସଂସ୍ଥା ମୁଖ୍ୟମାନଙ୍କ ପ୍ଲେନାରୀ, ଇଏମ୍‌ବି କାର୍ଯ୍ୟ ଗୋଷ୍ଠୀ ବୈଠକ ସହ ବିଶ୍ୱ ନିର୍ବାଚନ ସମସ୍ୟା, ଅନ୍ତର୍ଜାତୀୟ ନିର୍ବାଚନ ମାନଦଣ୍ଡ, ନୂତନତା ଓ ସର୍ବୋତ୍ତମ ଅଭ୍ୟାସ ଉପରେ ବିଭିନ୍ନ ଥିମାଟିକ ଅଧିବେଶନ ଅନୁଷ୍ଠିତ ହେବ। ସମ୍ମିଳନୀରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ନେତୃତ୍ୱରେ ୩୬ଟି ଥିମାଟିକ ଗୋଷ୍ଠୀ ଆଲୋଚନାରେ ଅଂଶଗ୍ରହଣ କରିବେ। ଏଥିରେ ୪ଟି ଆଇଆଇଟି, ୬ଟି ଆଇଆଇଏମ, ୧୨ଟି ଏନଏଲୟୁ ଓ ଆଇଆଇଏମସି ସହ ବିଭିନ୍ନ ପ୍ରମୁଖ ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ କରିବେ।

ଭାରତ ନିର୍ବାଚନ ଆୟୋଗ ବିଶ୍ୱର ବିଭିନ୍ନ ନିର୍ବାଚନ ପରିଚାଳନା ସଂସ୍ଥା ସହ ୪୦ରୁ ଅଧିକ ଦ୍ୱିପାକ୍ଷିକ ବୈଠକ କରି ନିର୍ବାଚନ ପରିଚାଳନା ସମ୍ପର୍କିତ ବିଭିନ୍ନ ସମସ୍ୟା ଓ ସହଯୋଗ ଉପରେ ଆଲୋଚନା କରିବେ। ଏହି ଅବସରରେ ଭାରତ ନିର୍ବାଚନ ଆୟୋଗ ତାଙ୍କର ଏକମାତ୍ର ଡିଜିଟାଲ ପ୍ଲାଟଫର୍ମ ଇସିଆଇଏନ୍‌ଇଟିର ଔପଚାରିକ ଶୁଭାରମ୍ଭ ମଧ୍ୟ କରିବେ। ଏହି ସମ୍ମିଳନୀ ଭାରତରେ ନିର୍ବାଚନ ଆୟୋଜନର ବିଶାଳତା ଓ ଜଟିଳତା ସହ ନିର୍ବାଚନ ଆୟୋଗ ଦ୍ୱାରା ନିଆଯାଇଥିବା ସାମ୍ପ୍ରତିକ ପଦକ୍ଷେପ ଭୋଟର ତାଲିକା ପ୍ରସ୍ତୁତି ଓ ନିର୍ବାଚନ ପରିଚାଳନାକୁ ପ୍ରଦର୍ଶନ କରୁଥିବା ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେବ। ବିଶ୍ୱର ସବୁଠୁ ବଡ଼ ନିର୍ବାଚନ ଲୋକସଭା ୨୦୨୪ର ପରିକଳ୍ପନା ଓ ପ୍ରକ୍ରିୟା ଉଜାଗର କରୁଥିବା ଡକ୍ୟୁସିରିଜ 'ଇଣ୍ଡିଆ ଡିସାଇଡ୍ସ' ଆଇଆଇସିଡିଇଏମ୍-୨୦୨୬ର ପ୍ରଥମ ଦିନ ପ୍ରଦର୍ଶନୀ ଅନୁଷ୍ଠିତ ହେବ।

## ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ମନେପକାଇଲେ ମନ୍ତ୍ରୀ

# ଏକାମ୍ର ଛକରୁ ବିଜେପୁର ରାସ୍ତାକୁ ପାର୍ବତୀ ଗିରିଙ୍କ ନାମରେ ନାମିତ

**ବରଗଡ଼, ନ୍ୟୁଜ ବ୍ୟୁରୋ**

ପାର୍ବତୀ ଗିରି ଓଡ଼ିଶାର ଏକ ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ ଓ ନିଷ୍ଠାବାନ ସମାଜସେବିକା ଥିଲେ। ତାଙ୍କ ଜନ୍ମ ୧୯୨୬ ମସିହା ଜାନୁଆରୀ ୧୯ ତାରିଖରେ ବରଗଡ଼ ଜିଲ୍ଲା ଅନ୍ତର୍ଗତ ବିଜେପୁର ବ୍ଲକ୍ ସମଲେଇପଦର ଗାଁରେ ହୋଇଥିଲା। ତାଙ୍କ ବାପା ଧନଞ୍ଜୟ ଗିରି ଓ ମା'ଶ୍ରୀମତୀ ଗିରିଙ୍କ ଔରସରୁ ଜନ୍ମିତ ପାର୍ବତୀ ଛୋଟବେଳୁ ହିଁ ଦେଶପ୍ରେମ, ସାହସ ଓ ନ୍ୟାୟବୋଧରେ ପ୍ରେରିତ ଥିଲେ। ବାଲ୍ୟକାଳରୁ ସେ ତାଙ୍କ କାକା ରାମଚନ୍ଦ୍ର ପୁରୀଙ୍କ ସହ ମିଶି ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିଲେ। ୧୯୩୫ ମସିହାରେ ବିଶିଷ୍ଟ ନାରୀ ସ୍ୱାଧୀନତା ସଂଗ୍ରାମିକା ମାଳତୀ ଚୌଧୁରୀଙ୍କ ଜୋରଦାର ଅଭିଭାଷଣ ତାଙ୍କ ମନକୁ ଗଭୀର ଭାବେ ସ୍ପର୍ଶ କରିଥିଲା। ସେତେବେଳେ ସେ ନବମ ଶ୍ରେଣୀର ଛାତ୍ରୀ ଥିଲେ ଓ ମାଳତୀ ଚୌଧୁରୀଙ୍କ ସହ ରହି ଦେଶସେବା କରିବାକୁ ଦୃଢ଼ ସଙ୍କଳ୍ପ ନେଇଥିଲେ। କିନ୍ତୁ ବୟସ କମ୍ ଥିବାରୁ ସେ ସମୟରେ ତାହା ସମ୍ଭବ ହୋଇନଥିଲା। ପରେ ୧୪ ବର୍ଷ ବୟସ ହେବା ପରେ, ବରଗଡ଼ର ସଂଗ୍ରାମୀ ଫକୀର ବେହେରାଙ୍କ ସହିତ ପାର୍ବତୀ ଯାଜପୁର ଜିଲ୍ଲାସ୍ଥିତ ବରୀ ଆଶ୍ରମକୁ ଯାଇଥିଲେ। ସେଠାରେ ସେ ମାଳତୀ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ୪ ବର୍ଷ ରହି ୧୬ ବର୍ଷ ବୟସରେ ବରଗଡ଼ ଫେରି ଆସି ବରଗଡ଼ ଏସଡିଓଙ୍କ ଚେୟାର ଦଖଲ କରିଥିଲେ, ସେଥିପାଇଁ ତାଙ୍କୁ ସମ୍ବଲପୁର ଜେଲରେ ୨ ବର୍ଷ ବନ୍ଦୀ କରାଯାଇଥିଲା । ସମ୍ବଲପୁରରୁ ମହାତ୍ମାଗାନ୍ଧୀଙ୍କ ସେବାଗ୍ରାମ ୱାର୍ଦ୍ଧାକୁ ଚାଲିଗଲେ ପାର୍ବତୀ। ୧୯୪୨ ମସିହାର "ଭାରତ ଛାଡ଼" ଆନ୍ଦୋଳନ ସମୟରେ ପାର୍ବତୀ ଗିରି ନିର୍ଭୟ ସହ ସଂଗ୍ରାମରେ ଅଂଶଗ୍ରହଣ କରିଥିଲେ। ୨ ବର୍ଷ ପୁନର୍ବାର ଜେଲଦଣ୍ଡ ଭୋଗିବାକୁ ପଡ଼ିଥିଲା। ସେ ସମୟରେ ସେ ଅତ୍ୟନ୍ତ କମ୍ ବୟସର ଥିଲେ, ତଥାପି ଦେଶପାଇଁ ତାଙ୍କ ଆତ୍ମତ୍ୟାଗ ଅପାର ଥିଲା।

# କଣ୍ଟେନର ସହ ବିପୁଳ ପରିମାଣରେ ଗଞ୍ଜେଇ ଜବତ : ୨ ଗିରଫ



**ବୀରମହାରାଜପୁର, ନ୍ୟୁଜ ବ୍ୟୁରୋ**

ସୁବଳୟା ପୋଲିସକୁ ମିଳିଛି ବଡ଼ ସଫଳତା। କଣ୍ଟେନରରେ ବିପୁଳ ପରିମାଣରେ ଗଞ୍ଜେଇ ଚୋରା ଚାଲାଣ ବେଳେ ସୁବଳୟା ପୋଲିସ ଗଞ୍ଜେଇ ସହ ୨ ବେପାରୀକୁ ଗିରଫ କରିଛି। ସୂଚନାଯୋଗ୍ୟ ଯେ, କୌଣସି ସୂତ୍ରରୁ କଣ୍ଟେନରରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ସୁବଳୟା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ପିଛା କରି ଦୁରଦୁରା ନର୍ସରୀ ନିକଟରେ ଏନଏଲ ଏକ କଣ୍ଟେନରକୁ ଅଟକାଇ ତନଖିଥିଲେ। ଏଥିରୁ ବ୍ୟାପକ ପରିମାଣରେ ଗଞ୍ଜେଇ ଥିବା ଦେଖିବାକୁ ପାଇବାରୁ ଏହାକୁ ଜବତ କରିଥିଲେ। ଏହା ସହିତ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଡ୍ରାଇଭର ଓ ଅନ୍ୟଜଣେ ଯୁବକଙ୍କୁ ଧରିଥିଲେ। ଏନେଇ ସୁବଳୟା ଥାନାରେ କେସ ନଂ ୧୪/୨୬ ରେ ଏକ ମାମଲା ରୁଜୁ ହୋଇଛି। ଏହା ସହିତ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ବିହାରର ଭୋଜପୁର ଜିଲ୍ଲା ସାହାପୁର ଥାନା ଅନ୍ତର୍ଗତ ସୁନାଭରସା ଗ୍ରାମର ଶିବଧର ଯାଦବଙ୍କ ପୁଅ ଅନିଲ ଯାଦବ (୨୮) ଏବଂ ଝାଡ଼ଖଣ୍ଡର ଧାନବାଦ ଥାନା ଝରିଆ ଗ୍ରାମର ଗଜାଧର ମଲହାରଙ୍କ ପୁଅ ବିନୁ ମଲହାର (୩୫)ଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ମାଜିଷ୍ଟ୍ରେଟ ଅତିରିକ୍ତ ଜିଲ୍ଲାପାଳ ଅଜିତ ମିର୍ଦ୍ଧାଙ୍କ ଉପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧିକାରୀ କେ.କେ. ହରିପ୍ରସାଦ, ଉପଖଣ୍ଡୀୟ ପୋଲିସ ଅଧିକାରୀ ହେମନ୍ତ ରାଓ, ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ପ୍ରମୁଖ ଗଞ୍ଜେଇକୁ ଜବତ୍ କରି ଓଜନ କରାଯାଇଥିଲା। ପ୍ରାୟ ୫ କୁଇଣ୍ଟାଲ ୯୩ କିଗ୍ରା ଗଞ୍ଜେଇ ଜବତ ହୋଇଥିବା ବେଳେ ୬୦୭ ପ୍ୟାକେଟ ଗଞ୍ଜେଇ ଥିବା ପୋଲିସ ସୂଚନା ଦେଇଛି। ଗିରଫ ଉଭୟଙ୍କୁ ସୋମବାର ଦିନ କୋର୍ଟ ଚାଲାଣ କରାଯିବ ବୋଲି ସୁବଳୟା ପୋଲିସ ସୂଚନା ଦେଇଛି।

## ରାଜସ୍ୱ ଆଇନର ହେବ ସଂଶୋଧନ

# ବଦଳିବ ୪୫ ବର୍ଷର ପୁରୁଣା ଆଇନ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜସ୍ୱ ଆଇନର ହେବ ସଂଶୋଧନ। ଚିଠା ତାଲିକା ଉପରେ ହୋଇଛି ଆଲୋଚନା। ବଦଳିବ ୪୫ ବର୍ଷର ପୁରୁଣା ଆଇନ। ସମୟପୋଯୋଗୀ ଆଇନ୍ ହେବ। ସମସ୍ତ ରାଜସ୍ୱ ଆଇନକୁ ଅଧ୍ୟୟନ କରି ସଂଶୋଧନ କରିବ ରାଜସ୍ୱ ବିଭାଗ। ହଟିବ ଅବ୍ୟବହୃତ ଆଇନ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଓଡ଼ିଆ ପ୍ରିଭେନସନ୍ ଅଫ ଲ୍ୟାଣ୍ଡ ଏନକ୍ରୋଚମେଣ୍ଟ ଆକ୍ଟ ଏବଂ ଓଡ଼ିଶା ଗମେଣ୍ଟ ଲ୍ୟାଣ୍ଡ ସେଟେଲମେଣ୍ଟ ଆକ୍ଟ ଭଳି ଦୁଇଟି ଆଇନକୁ ନେଇ ଗୋଟିଏ ଆଇନ ହେବ। ଓଡ଼ିଶା ଗମେଣ୍ଟ ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ଆକ୍ଟ ଆସିବ। ଏହାର ଡ୍ରାଫ୍ଟ ପ୍ରସ୍ତୁତ ସରିଛି। ଏହି ଡ୍ରାଫ୍ଟ ପ୍ରସ୍ତାବକୁ ନେଇ ରାଜସ୍ୱ ମନ୍ତ୍ରୀ ସମୀକ୍ଷା କରିଛନ୍ତି। ଡ୍ରାଫଟ ପ୍ରସ୍ତାବ ପୂର୍ଣ୍ଣାଙ୍ଗ ରୂପ ନେବା ପରେ କ୍ୟାବିନେଟରେ ଆସିବ। ଆସନ୍ତା ବିଧାନସଭା ଅଧିବେଶନରେ ବିଲ୍ ଆସିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

# ୨୨ରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ତରଫରୁ ଗଣ କନଭେନସନ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଉପଭୋକ୍ତାଠାରୁ ଅତ୍ୟଧିକ ବିଦ୍ୟୁତ୍ ବିଲ୍ ଆଦାୟ, ସ୍ମାର୍ଟ ମିଟର ସଂଯୋଗ ସାଙ୍ଗକୁ ଅତିରିକ୍ତ ସିକ୍ୟୁରିଟି ଜମାରାଶି ଆଦାୟ ଭଳି ଟି.ପି.ସି.ଓ.ଡି.ଏଲ୍‌ର ନିଷ୍ପତ୍ତି ବିଦ୍ୟୁତ୍ ଉପଭୋକ୍ତା ମାନଙ୍କ ଯନ୍ତ୍ରଣାକୁ ବହୁଗୁଣିତ କରିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ନେଇ ଏକ ଗଣ କନଭେନସନ୍ ଆସନ୍ତା ଜାନୁଆରୀ ୨୨ ତାରିଖରେ ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ବୋଲି ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ଅଧ୍ୟକ୍ଷ ପଂଚାନନ କାନୁନଗୋ ପ୍ରକାଶ କରିଛନ୍ତି । ବିଦ୍ୟୁତ୍ ଦର କମାଇବା, ସମସ୍ତ ଉପଭୋକ୍ତାଙ୍କୁ ମାସିକ ୩୦୦ ୟୁନିଟ୍ ବିଦ୍ୟୁତ୍ ଛାଡ଼, ଚାଷ ଓ ଚାଷୀଙ୍କୁ ମାଗଣା ବିଦ୍ୟୁତ୍ ଯୋଗାଇବା, ସମସ୍ତ ମଧ୍ୟମ, କ୍ଷୁଦ୍ର ଓ ଗୃହ ଶିଳ୍ପକୁ ୫୦% ବିଦ୍ୟୁତ୍ ଛାଡ଼, ପର୍ଯ୍ୟଟନ ଶିଳ୍ପ ସହିତ ସମ୍ପର୍କିତ ସମସ୍ତ ସଂସ୍ଥାରୁ ବିଦ୍ୟୁତ୍ ଛାଡ, ସ୍ମାର୍ଟ ମିଟର ବସାଇବାକୁ ଇଚ୍ଛାଧୀନ କରାଇବା ତତ୍ସହ ସ୍ୱତନ୍ତ୍ର ଅତିରିକ୍ତ ସୁରକ୍ଷା ଅର୍ଥ ଦାଖଲକୁ ବନ୍ଦ ପ୍ରଭୃତି ବିଷୟବସ୍ତୁକୁ ନେଇ ଆଲୋଚନା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଯୋଜନା ପ୍ରସ୍ତୁତ କରାଯିବ ।

# ଖଣିମନ୍ତ୍ରୀଙ୍କ ବାଲି ଚୋରିରେ ସମ୍ପୃକ୍ତି ଅଭିଯୋଗ ଆଣିଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବାଲି, ମୋରମ ଓ ପଥର ଚୋରି ବ୍ୟାପକ ହୋଇଥିବା ବେଳେ ଏଥିରେ ସରକାରୀ ଦଳର ନେତା କର୍ମୀଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ନିକଟରେ ଗଞ୍ଜାମ ଜିଲ୍ଲାରେ ଇଡି ରେଡ୍ରେ ଖଣି ମନ୍ତ୍ରୀଙ୍କ ପ୍ରତିନିଧିଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବା ପରେ, ରାଜ୍ୟର ଖଣି ମନ୍ତ୍ରୀ ବିଭୁତି ଜେନାଙ୍କୁ ମନ୍ତ୍ରୀମଣ୍ଡଳରୁ ତୁରନ୍ତ ବହିଷ୍କାର ପାଇଁ ବିଜେଡି ଦାବି କରିଛି। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ବାଲି ଚୋରି, ଖଣି ଚୋରି ଅହେତୁକ ବୃଦ୍ଧି ପାଇଛି । ଏହି ଚୋରି ସରକାରୀ ଦଳର ପ୍ରୋତ୍ସାହନରେ ହେଉଛି ବୋଲି ବିଜେଡି ଅଭିଯୋଗ କରିଆସୁଛି । ସରକାରଙ୍କ ପ୍ରୋତ୍ସାହନରେ ହେଉଥିବା ଚୋରିର ଫଳସ୍ୱରୂପ ଲଘୁ ଖଣିଜ ସମ୍ପଦର ରାଜସ୍ୱ ୨୦୨୩-୨୪ରେ ୧୪୮୫ କୋଟି ଥିଲାବେଳେ ୨୦୨୪-୨୫ରେ ଏହା ୬୦୦ କୋଟି ଟଙ୍କାକୁ ଖସି ଆସିଛି। ସେହିପରି ଗୁରୁ ଖଣିଜ ସମ୍ପଦରେ ୫୦,୦୦୦ କୋଟି ଟଙ୍କାରୁ ୩୪,୦୦୦ କୋଟି ଟଙ୍କାକୁ ଖସି ଆସିଛି । ଏହି ରାଜସ୍ୱ ହାନୀ ରାଜ୍ୟ ଆର୍ଥିକ ସ୍ଥିତି ପାଇଁ ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ । ଏହାଛଡା ବାଲି ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ଚୋରି ଯୋଗୁଁ ବାଲି ଇତ୍ୟାଦିର ଦର ଅହେତୁକ ବୃଦ୍ଧି ପାଇଛି । ଏହି କାରଣରୁ ସଡ଼କ ସୁରକ୍ଷା ବିପର୍ଯ୍ୟସ୍ତ ହେବା ସହିତ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ବିପର୍ଯ୍ୟସ୍ତ ହେଉଛି । ଡ଼ ମହାନ୍ତି କହିଥିଲେ, ଏହି ଚୋରି ସମ୍ପର୍କରେ ବିଜୁ ଜନତା ଦଳ ତରଫରୁ ବାରମ୍ବାର ଅବଗତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇ ଆସୁଥିଲେ ମଧ୍ୟ ସରକାର ନିଦାବିଷ୍ଟ ହୋଇ ବସି ରହିଛନ୍ତି । ନିକଟରେ ଗଞ୍ଜାମ ଜିଲ୍ଲାରେ ହୋଇଥିବା ଇଡି ରେଡ୍ରେ, ଖଣି ମନ୍ତ୍ରୀଙ୍କ ପ୍ରତିନିଧି ନିଜେ ଚୋରିରେ ସମ୍ପୃକ୍ତ ବୋଲି ସ୍ପଷ୍ଟ ହେବାପରେ ଖଣିମନ୍ତ୍ରୀ ବିଭୁତି ଜେନାଙ୍କ ମୁଖା ଖୋଲି ଯାଇଛି । ଖଣି ମନ୍ତ୍ରୀ ବିଭୁତି ଜେନା ନିଜ ଦସ୍ତଖତରେ ଜିଲ୍ଲାପାଳଙ୍କୁ ଦେଇଥିବା ଚିଠିରେ, ଶ୍ରୀ ସୁନୀଲ ପାତ୍ର ଖଣି, ପୋଲିସ ଓ କୋର୍ଟ ବିଭାଗରେ ତାଙ୍କର ପ୍ରତିନିଧିର ମାନ୍ୟତା ଦେଇଥିଲେ । ଶ୍ରୀ ସୁନୀଲ ପାତ୍ରଙ୍କ ବାଲି ଚୋରିରେ ସମ୍ପୃକ୍ତି ଇଡି ରେଡ୍ରେ ସ୍ପଷ୍ଟ ହେବା ପରେ, ଏହି ଚୋରିରେ ମନ୍ତ୍ରୀଙ୍କ ସମ୍ପୃକ୍ତି ସିଧାସଳଖ ରହିଛି ବୋଲି ସ୍ପଷ୍ଟ ହୋଇଛି । ଅପରପକ୍ଷରେ ମନ୍ତ୍ରୀ ଶ୍ରୀ ବିଭୁତି ଜେନା ନିଜ ଭୂମିକା ବିଷୟରେ ସଫେଇ ଦେବାକୁ ଯାଇ ଯିଏ ବାଲି ଚୋରିରେ ସମ୍ପୃକ୍ତି ହେବ, ତା ଘରେ ଇଡି ପଶିବ ବୋଲି ମନ୍ତବ୍ୟ ଦେଇଛନ୍ତି। ମନ୍ତ୍ରୀଙ୍କ ମନ୍ତବ୍ୟ ଚୋର ଧରାପଡିଗଲା ପରେ ନିଜେ ଚୋର ଚୋର ଚିତ୍କାର କରି ନିଜେ ଚୋର ନୁହେଁ ବୋଲି କହିବାକୁ ଚେଷ୍ଟା କଲା ପରି ହୋଇଛି, ଯାହାକୁ ରାଜ୍ୟବାସୀ ବେଶ ଭଲ ଭାବେ ବୁଝି ପାରୁଛନ୍ତି । ମନ୍ତ୍ରୀ ଶ୍ରୀ ବିଭୁତି ଜେନା ନିଜେ ଏହି ଚୋରିରେ ସମ୍ପୃକ୍ତି ଅଛନ୍ତି ବୋଲି ସ୍ପଷ୍ଟ ହୋଇଯାଇଥିବାରୁ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରାଯାଉ ବୋଲି ବିଜେଡି ଦାବି କରୁଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସୁଶାସନ କଥା କହୁଛନ୍ତି, ନିଜକୁ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି କହୁଛନ୍ତି, ଯଦି ସତ୍ସାହସ ଅଛି ଖଣି ମନ୍ତ୍ରୀ ବିଭୁତି ଜେନାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରି ନିଜ ଦକ୍ଷତାର ପରିଚୟ ଦିଅନ୍ତୁ।

ଉତ୍କଳ ଦୀପିକା

ଭୁବନେଶ୍ୱର
୨୦ ଜାନୁଆରୀ,
ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ଓଡ଼ିଶାରୁ ଅଯୋଧା ଯିବ 'ସ୍ୱର୍ଣ୍ଣ ଧନୁ'

## ପୁରୀରେ ଭବ୍ୟ ସ୍ୱାଗତ, ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼



**ପୁରୀ ୧୯/୦୧ ନ୍ୟୁଜ ବ୍ୟୁରୋ**

ଓଡ଼ିଶାରୁ ଅଯୋଧା ଯିବ ଧନୁ। 'ସ୍ୱର୍ଣ୍ଣ ଧନୁ' ପୁରୀରେ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଧନୁ ରାଉରକେଲାରୁ ଆସି ରାଜ୍ୟର ବିଭିନ୍ନ ଜିଲ୍ଲା ଅତିକ୍ରମ କରି ପୁରୀରେ ପହଞ୍ଚିଛି। ବଡ଼ଦାଣ୍ଡରେ ଶ୍ରୀରାମଙ୍କ 'ସ୍ୱର୍ଣ୍ଣ ଧନୁ'କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଉତ୍ତରପାର୍ଶ୍ୱ ମଠରେ ପହଞ୍ଚିବା ପରେ ଏହି ଧନୁକୁ ଭକ୍ତମାନେ ମଠ ପରିସରରେ ଦର୍ଶନ କରିବାକୁ ସୁଯୋଗ ପାଇଥିଲେ। ଆଧାତ୍ମିକ ପରିବେଶ ମଧ୍ୟରେ ଭକ୍ତଙ୍କ ଗହଣରେ ଧନୁ ଶ୍ରୀମନ୍ଦିର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ଅଯୋଧା ଅଭିମୁଖେ ମେଲାଣି ଦିଆଯିବ। ଆସନ୍ତା ୨୨ ତାରିଖରେ ଏହାକୁ ଅଯୋଧାରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଚରଣରେ ଅର୍ପଣ କରାଯିବ। ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ସ୍ପର୍ଶ କରାଇ ଅଯୋଧା ରାମ ମନ୍ଦିର ସଂଗ୍ରହାଳୟରେ ଏହା ସ୍ଥାପିତ କରାଯିବ। ରାଉରକେଲା ସନାତନ ଜାଗରଣ ମଞ୍ଚ ପକ୍ଷରୁ ଏହି ସୁନାର ଧନୁକୁ ନିର୍ମାଣ କରାଯାଇଛି । ଏହି ସ୍ୱର୍ଣ୍ଣର ଧନୁ ୩୦ଟି ଜିଲ୍ଲା ଭ୍ରମଣ କରିଥିବା ବେଳେ ରବିବାର ରାତିରେ ପୁରୀରେ ଆସି ପହଞ୍ଚିଥିଲା। ୧ କେଜି ସୁନା, ଅଢ଼େଇ କେଜି ରୁପା ସହ ତମ୍ବା, ଜିଙ୍କ ଓ ଲୁହା ମିଶ୍ରଣରେ ୨୮୬ କେଜି ବିଶିଷ୍ଟ ଧନୁ ପ୍ରସ୍ତୁତ କରାଯାଇଛି। ୩୦ ଜିଲ୍ଲା ଭ୍ରମଣ ପରେ ଅଯୋଧା ଅଭିମୁଖେ ବାହାରିବ ଏହି 'ସ୍ୱର୍ଣ୍ଣ ଧନୁ' ।

## ନିର୍ମାଣ ବିଭାଗର ୪ରାସ୍ତା ପ୍ରକଳ୍ପ ନେଇ ସମୀକ୍ଷା ବୈଠକ

# କ୍ୟାପିଟାଲ ରିଜିଅନ୍ ରିଙ୍ଗରୋଡ୍ କାର୍ଯ୍ୟ ଆଗେଇ ନେବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର ୧୯/୧ ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରର ଚାରିପାଖରେ ନିର୍ମାଣ ହେବାକୁ ଥିବା ପ୍ରାୟ ୧୧୧ କିଲୋମିଟର ଦୀର୍ଘ କ୍ୟାପିଟାଲ ରିଜିଅନ୍ ରିଂରୋଡ୍ ନିର୍ମାଣ କାର୍ଯ୍ୟ ଆଗେଇ ନେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗର ଅନୁମୋଦନ ଏବଂ ଜମି ଅଧିଗ୍ରହଣ ସହ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରିତ ବେଗରେ ଆଗେଇ ନେବା ପାଇଁ ସଚିବ ଶ୍ରୀ ସିଂହ ବିଭାଗୀୟ ଅଧିକାରୀ ଓ ଇଂଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି କଟକ ସହରର ଭିଡ଼ ନିୟନ୍ତ୍ରଣ ଏବଂ ଭୁବନେଶ୍ୱରରୁ ଜଗତସିଂହପୁର ଏବଂ ପାରାଦୀପକୁ ସିଧାସଳଖ ରାସ୍ତା ନିର୍ମାଣ ନେଇ ଆଲୋଚନା ହୋଇଥିଲା। ଧାକୁଲେଇ ପୀଠ ନିକଟରୁ କନ୍ଦରପୁର ପର୍ଯ୍ୟନ୍ତ ଏକ ନୂଆ ଗ୍ରୀନ୍ ଫିଲ୍ଡ ରୋଡ୍ ନିର୍ମାଣ ପାଇଁ ନକ୍ସା ଏବଂ ଡିପିଆର୍ ପ୍ରସ୍ତୁତି ପାଇଁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ଏହି ରାସ୍ତା ନିର୍ମାଣ ହେଲେ ଭୁବନେଶ୍ୱରରୁ ଜଗତସିଂହପୁର ଏବଂ ପାରାଦୀପକୁ ଯିବା ପାଇଁ ଆଉ କଟକ ସହର ଭିତର ଦେଇ ଯିବାକୁ ପଡ଼ିବ ନାହିଁ । ଏଥି ସହିତ ଭୁବନେଶ୍ୱରରୁ ଜଗତସିଂହପୁର ଏବଂ ପାରାଦୀପକୁ ଦୂରତ୍ୱ ହ୍ରାସ ପାଇବ । ଏହି ବୈଠକରେ ୨୦୬ କିଲୋମିଟର ଦୀର୍ଘ କୋରାପୁଟ-ମୋହନା ରାସ୍ତାର ପ୍ରଶସ୍ତିକରଣ ଏବଂ ଜମି ଅଧିଗ୍ରହଣ ନେଇ ଆଲୋଚନା ହୋଇଥିଲା । ସେହିପରି ଖୋର୍ଦ୍ଧା-ନୟାଗଡ଼ ରାସ୍ତାର ଉନ୍ନତିକରଣ ଏବଂ ପ୍ରଶସ୍ତିକରଣ ସହ ଡିପିଆର୍ ଅନୁଯାୟୀ କାର୍ଯ୍ୟକୁ ତ୍ୱରିତ ବେଗରେ ଆଗେଇ ନେବା ପାଇଁ ଶ୍ରୀ ସିଂହ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ନିର୍ମାଣ ବିଭାଗର ଇଆଇସି-ତଥା-ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ଆଞ୍ଚଳିକ ଅଧିକାରୀ ସୁନୀଲ କୁମାର, ଜାତୀୟ ରାଜପଥ (ଓଡ଼ିଶା)ର ମୁଖ୍ୟ ଯନ୍ତ୍ରୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବୁଧବାରଠୁ ରାଜ୍ୟସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ସମାବେଶ

# ଆକର୍ଷଣ ପାଲଟିବ ବାହୁବଳୀ 'ସୁରବୀର' ଓ 'ଇନ୍ଦର' ମଇଁଷି




**ଭୁବନେଶ୍ୱର, ୧୯/୦୧ ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୧ରୁ ଭୁବନେଶ୍ୱର ସ୍ଥିତ ଜନତା ମଇଦାନରେ ହେବାକୁ ଯାଉଛି ରାଜ୍ୟସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମାବେଶ ଓଡ଼ିଶା ୨୦୨୬, ଯାହାକି ଜାନୁଆରୀ ୨୩ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ଦିନ ଅର୍ଥାତ୍ ଜାନୁଆରୀ ୨୧ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସମାବେଶର ଉଦ୍‌ଘାଟନ କରିବେ। ଉଦ୍‌ଯାପନୀ ସମାରୋହରେ ଯୋଗ ଦେବେ ରାଜ୍ୟପାଳ ହରିବାବୁ କମ୍ଭମପାଟି । ଚଳିତଥର ଥିମ ରହିଛି 'ମତ୍ସ୍ୟ-ପ୍ରାଣୀ ଏବେ ନୂତନ ଦିଶା; ବିକଶିତ ହେବ ଆମ ଓଡ଼ିଶା'। ଏହି ସମାବେଶରେ ପ୍ରତି ବ୍ଲକରୁ ୨୬ ଜଣ ଚାଷୀ, ମୋଟ ୮୧୬୪ ଜଣ ମତ୍ସ୍ୟଚାଷୀ ଓ ପ୍ରାଣୀପାଳକ ଯୋଗଦେବେ । ତା' ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ଉଦ୍ୟୋଗୀମାନେ ଯୋଗ ଦେବେ। ରାଜ୍ୟର ପ୍ରତ୍ୟେକ ଉପଖଣ୍ଡରୁ ୬ ଜଣ, ମୋଟ ୩୪୮ ଜଣ ସଫଳ ପ୍ରାଣୀପାଳକ ଓ ମତ୍ସ୍ୟଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବ । ସେହିପରି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶରେ ବିଶେଷ ଅବଦାନ ପାଇଁ ୨୦ ଜଣ ବିଭାଗୀୟ ଅଧିକାରୀଙ୍କୁ ସମ୍ମାନିତ କରାଯିବ । ପ୍ରତ୍ୟେକ ଜିଲ୍ଲାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସମବାୟ ସମିତି ଏବଂ କୃତ୍ରିମ ୨ ପ୍ରଜନନକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ । ମୋଟ୍ ୫୦୦ରୁ ଅଧିକ ମତ୍ସ୍ୟଚାଷୀ ଓ ପ୍ରାଣୀ ପାଳକଙ୍କୁ ସମ୍ବର୍ଦ୍ଧିତ କରାଯିବ । ପ୍ରଦର୍ଶନୀରେ 'ମନ୍ତ୍ରୀଙ୍କୁ ପଚାରନ୍ତୁ' ନାମକ କାର୍ଯ୍ୟକ୍ରମ ମାଧ୍ୟମରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କୃଷକମାନଙ୍କ ବିଭିନ୍ନ ପ୍ରଶ୍ନର ସିଧାସଳଖ ଉତ୍ତର ରଖିବେ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ଜାତୀୟ ସ୍ତରୀୟ ଅନୁଷ୍ଠାନ, ନିର୍ଦ୍ଦେଶାଳୟ, ସମବାୟ ସଂସ୍ଥା, ଶତାଧିକ କମ୍ପାନୀ, ଏନଜିଓ, କୃଷି ଓ ଅନ୍ୟାନ୍ୟ ବିଷୟରେ ୩ଟି ହ୍ୟାଙ୍ଗର୍ ମଧ୍ୟରେ ପ୍ରାୟ ୨୦୮ଟି ଷ୍ଟଲ୍ ସହିତ ଆଧୁନିକ ଟେକ୍ନୋଲୋଜିର ପ୍ରଦର୍ଶନ କରାଯିବ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, '୨ଟି ଖୋଲା ହ୍ୟାଙ୍ଗରରେ ଜୀବନ୍ତ ପ୍ରାଣୀ ଏବଂ ମତ୍ସ୍ୟ ପ୍ରଦର୍ଶନୀ କରାଯାଇ ବାୟୋ-ଫ୍ଲକ୍ ଟେକ୍ନୋଲୋଜି, କେଜ୍ ପଦ୍ଧତି ମାଛଚାଷ, କ୍ରସବ୍ରେଡ ଗାଈ, ପରିବେଶ ନିୟନ୍ତ୍ରିତ କୁକୁଡ଼ା ଘର ଇତ୍ୟାଦି ପ୍ରଦର୍ଶିତ ହେବ । ସମାବେଶରେ ହରିୟାଣାର ଦୁଇଟି ମଇଁଷି ଷଣ୍ଢ ସୁରବୀର ଏବଂ ଇନ୍ଦର, ଆନ୍ଧ୍ରପ୍ରଦେଶର ଛୋଟ ପ୍ରଜାତିର ପୁଙ୍ଗାନୁର ଗାଈ ଏବଂ ଗୁଜୁରାଟରୁ କାଙ୍କରେଜ ଷଣ୍ଢ ଏଥରର ପ୍ରମୁଖ ଆକର୍ଷଣ ସାଜିବେ । ଏହା ସହ ଡଗ୍ ସୋ, ପେଟ୍ ଫ୍ୟାସନ ସୋ', ସି ଫୁଡ୍ କିଚେନ ବ୍ୟବସ୍ଥା ରହିବ ।' ସେହିପରି ରାଜ୍ୟରେ ଗୋ ମାଫିଆଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏହି ଅବସରରେ କହିଥିଲେ ମନ୍ତ୍ରୀ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, 'ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗୋ-ଚାଲାଣକାରୀଙ୍କ ଉପରେ ଚଢ଼ଉ କରାଯାଉଛି । ୧୦ ଜଣ କୋର୍ଟ ଚାଲାଣ ହେଲେଣି । ବିଜେପି ସରକାର ପାଇଁ ଗୋ ସୁରକ୍ଷା ପ୍ରଥମ। କାହାକୁ ଛଡା ଯିବନି। ଏହି କାର୍ଯ୍ୟରୁ ସମସ୍ତେ ନିବୃତ୍ତ ରୁହନ୍ତୁ। ନ ହେଲେ ଜେଲ ଯିବେ। ଗତ ସରକାରରେ ପ୍ରଶାସନ ଓ ରାଜନେତାଙ୍କ ପ୍ରୋତ୍ସାହନରେ ଗୋ ଚାଲାଣ ହେଉଥିଲା। ହେଲେ ବିଜେପି ସରକାର ଗୋ ସୁରକ୍ଷା କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛି। ଗୋଶାଳା ପାଇଁ ସ୍ୱତନ୍ତ୍ର ବଜେଟ କରାଯାଇଛି। ଏଥିରେ ନଗର ଉନ୍ନୟନ ବିଭାଗ ବି ସହଯୋଗ କରୁଛି। ଆଗାମୀ ଦିନରେ ଏହି ପ୍ରକ୍ରିୟା ଆହୁରି ସରଳୀକରଣ ହେବ।'

# କଳାହାଣ୍ଡି ଜିଲ୍ଲା ପାଇଁ ୮୯୧.୩୯ କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯/୧ ନ୍ୟୁଜ ବ୍ୟୁରୋ**

ଘୁମୁରା ମହୋତ୍ସବ ୨୦୨୬ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଜିଲ୍ଲା ପାଇଁ ୮୯୧.୩୯ କୋଟି ଟଙ୍କାର ୩୬୧୨ଟି ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିରେ ୧୯୩.୩୬ କୋଟି ଟଙ୍କାର ୯୭୧ଟି ପ୍ରକଳ୍ପର ଉଦ୍‌ଘାଟନ ଓ ୬୯୮.୩ କୋଟି ଟଙ୍କା ମୂଲ୍ୟର ୨୬୪୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ରହିଛି। କଳାହାଣ୍ଡି ଓଡ଼ିଶାର ସବୁଠାରୁ ସମୃଦ୍ଧ ସାଂସ୍କୃତିକ ଅଞ୍ଚଳ ମଧ୍ୟରୁ ଅନ୍ୟତମ। କଳାହାଣ୍ଡି ଜିଲ୍ଲାର ପ୍ରତି କୋଣ ଅନୁକୋଣରେ ଭରି ରହିଛି ଭାବନା, ସାହସ, ସ୍ଥିରତା ଏବଂ ଆତ୍ମସମ୍ମାନ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡି ଘୁମୁରା ମହୋତ୍ସବ ୨୦୨୬ ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗ ଦେଇ ଏହା କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲା ପାଇଁ ୬୨୦ କୋଟି ଟଙ୍କାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଅର୍ଥାତ୍ ଦେଢ଼ ବର୍ଷ ମଧ୍ୟରେ କଳାହାଣ୍ଡି ଜିଲ୍ଲାରେ ୧୫୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରାଗଲା । ଏହିସବୁ ପ୍ରକଳ୍ପ ଗୁଡ଼ିକ କଳାହାଣ୍ଡିର ବିକାଶକୁ ଆହୁରି ଗତି ଦେବ ବୋଲି ସେ କହିଥିଲେ। ଏହି ଅବସରରେ ଜିଲ୍ଲାରେ ଉତେଇ ରାଉଳ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏଥିପାଇଁ ୩,୩୨୫ କୋଟି ଟଙ୍କା ବିନିଯୋଗ ହେବ ବୋଲି ସେ କହିଥିଲେ । ଏହାକୁ କେନ୍ଦ୍ର ସରକାରଙ୍କ



ଅନୁମୋଦନ ମିଳିଛି ଏବଂ ଏହା ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏଥିସହିତ କଳାହାଣ୍ଡିରୁ ନବରଙ୍ଗପୁର ପର୍ଯ୍ୟନ୍ତ ଅଞ୍ଚଳକୁ କପା ଉତ୍ପାଦନ କ୍ଲଷ୍ଟର୍ ଭାବେ ପରିଣତ କରାଯିବ ବୋଲି ସେ ଘୋଷଣା କରିଥିଲେ । ଜିଲ୍ଲାର ବେଲଗାମ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବା ସହିତ ସାଣ୍ଡୁଲ ବ୍ୟାରେଜ୍ କାମ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ । କୃଷି କ୍ଷେତ୍ରରେ କଳାହାଣ୍ଡିକୁ ରାଜ୍ୟରେ ଏକ ନମ୍ବର ସ୍ଥାନରେ ସ୍ଥାନୀତ କରିବା ପାଇଁ ଜିଲ୍ଲାବାସୀଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଭବାନୀପାଟଣା ଠାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ କହିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହୁରି କହିଥିଲେ ଯେ, ବର୍ତ୍ତମାନର ସରକାର ହେଉଛି ଲୋକଙ୍କ ସରକାର । ସମସ୍ତଙ୍କ ବିକାଶ ଓ କଲ୍ୟାଣ ପାଇଁ ଉଦ୍ୟମ ଜାରି ରହିଛି। ରାଜ୍ୟ ସରକାର କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅନେକ କୃଷକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଧାନରେ ୮୦୦ ଟଙ୍କା ଇନପୁଟ୍ ସହାୟତା, ପିଏମ କିଷାନ ଓ ସିଏମ କିଷାନରେ ୧୦ ହଜାର ଟଙ୍କା, ସୁଭଦ୍ରା ଯୋଜନା ଏବଂ ଅନ୍ୟାନ୍ୟ ଯୋଜନାର ସହାୟତା ମିଶାଇଲେ ଗୋଟିଏ କୃଷକ ପରିବାର ବର୍ଷକୁ ପ୍ରାୟ ୭୧ ହଜାର ଟଙ୍କା ଅଧିକ ରୋଜଗାର କରୁଛି । ତେଣୁ କୃଷକର ଆତ୍ମବିଶ୍ୱାସ ବୃଦ୍ଧି ହୋଇଛି । ଚାଷୀ ଏବେ ପୁଣି ବିଲକୁ ଫେରିଛି । ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଗତବର୍ଷ କଳାହାଣ୍ଡି ଜିଲ୍ଲାରେ ୧,୧୨,୦୦୦ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଚଳିତ ବର୍ଷ ୧,୨୧,୦୦୦ ଚାଷୀ ପଞ୍ଜୀକରଣ କରିଛନ୍ତି। ଧାନ ସଂଗ୍ରହ ଉପରେ ଆଲୋକପାତ କରି ଶ୍ରୀ ମାଝୀ କହିଲେ ଯେ, ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ଲୋକଙ୍କ ସରକାର ସବୁବେଳେ ତତ୍ପର ଅଛନ୍ତି । କେନ୍ଦ୍ର ସରକାର ମଧ୍ୟ ୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠେଇବା ପାଇଁ ପ୍ରସ୍ତୁତ ଅଛନ୍ତି। ରାଜ୍ୟ ସରକାର ଛୋଟ ବଡ଼ ସମସ୍ତ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ପାଇଁ ବ୍ୟବସ୍ଥା କରୁଛନ୍ତି । ସମସ୍ତଙ୍କ ସହଯୋଗରେ ସବୁ ସମସ୍ୟାର ସମାଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ମାଝୀ କହିଥିଲେ ଯେ, ଆମ ସରକାର ଦାୟିତ୍ୱ ନେବା ପରଠାରୁ ରାଜ୍ୟର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ ନିରନ୍ତର ଭାବେ କାର୍ଯ୍ୟ କରିଆସୁଛି । ଆମର ଲକ୍ଷ୍ୟ ସମ୍ପୂର୍ଣ୍ଣ ସ୍ୱସ୍ଥ, ସବୁ ଅଞ୍ଚଳ ପାଇଁ ଉତ୍ତମ ରାସ୍ତା, ପ୍ରତି ପରିବାରକୁ ସ୍ୱଚ୍ଛ ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ମଜବୁତ ଭିତ୍ତିଭୂମି ଏବଂ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ପର୍ଯ୍ୟନ୍ତ ବିକାଶ କିଭଳି ପହଞ୍ଚିବ, ତାହା ହେଉଛି ଆମ ସରକାରର ପ୍ରାଥମିକତା। ସେ ପୁଣି କହିଥିଲେ ଆମ ସରକାର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ତ୍ର 'ବିକାଶ ଭି, ବିରାଶତ ଭି'କୁ ଆଧାର କରି ରାଜ୍ୟର ବିକାଶ ସହିତ ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ଆଗେଇ ନେବାପାଇଁ ଉଦ୍ୟମ ଅବ୍ୟାହତ ରଖିଛି। ଆମ ସରକାର ପାଇଁ ଓଡ଼ିଶାର ପ୍ରତ୍ୟେକଟି ଜିଲ୍ଲା ହେଉଛି ସମାନ। ଆମେ ରାଜ୍ୟର ସନ୍ତୁଳିତ ବିକାଶ ଉପରେ ଗୁରୁତ୍ୱ ଦେଇ କାମ କରୁଛୁ । ଆଗାମୀ ଦିନରେ ରାଜ୍ୟରେ ଶିଳ୍ପାୟନ ହେବ, କେବଳ ଉପକୂଳବର୍ତ୍ତୀ ଜିଲ୍ଲାରେ ନୁହେଁ ସବୁ ଜିଲ୍ଲାରେ ହେବ। କଳାହାଣ୍ଡି ଜିଲ୍ଲାରେ ମଧ୍ୟ ଆହୁରି ଅଧିକ ଶିଳ୍ପ ପ୍ରତିଷ୍ଠା ହେବ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୁମୁରା ୨୦୨୬ର ସ୍ୱତନ୍ତ୍ର ସ୍ମରଣିକା 'କଳାଝରଣ' ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ କହିଥିଲେ ଯେ, କଳାହାଣ୍ଡି ହେଉଛି ଐତିହ୍ୟ, କଳା, ସଂସ୍କୃତିର ମାଟି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କଳାହାଣ୍ଡି ଆଜି ବିକାଶ ପଥରେ ଆଗଉଛି । ୨୦୩୬ ସୁଦ୍ଧା କଳାହାଣ୍ଡି ଯେପରି ରାଜ୍ୟର ଶ୍ରେଷ୍ଠ ଜିଲ୍ଲାରେ ପରିଣତ ହେବ, ସେଥିପାଇଁ ସମସ୍ତେ ମିଳିମିଶି ଉଦ୍ୟମ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । କଳାହାଣ୍ଡି ସାଂସଦ ମାଳବିକା ଦେବୀ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ରାଜ୍ୟର ପ୍ରତ୍ୟେକ ଜିଲ୍ଲାକୁ ବାରମ୍ବାର ଯାଇ ଲୋକଙ୍କ ସହିତ ମିଶୁଛନ୍ତି, ଯାହା ଭାରତବର୍ଷରେ ବିରଳ। ଖୁସିର କଥା, ଉଭୟ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କଳାହାଣ୍ଡିର ବିକାଶ ପାଇଁ ସକରାତ୍ମକ ଅଛନ୍ତି । ତେଣୁ କଳାହାଣ୍ଡିକୁ ଏକ ନମ୍ବର ସ୍ଥାନରେ ରଖିବା ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ରାଜ୍ୟସଭା ସାଂସଦ ସୁଜିତ କୁମାର ନିମନ୍ତ୍ରଣ ରକ୍ଷା କରି କଳାହାଣ୍ଡି ଆସିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କଳାହାଣ୍ଡିର ସମୃଦ୍ଧ ସଂସ୍କୃତି ବିଷୟରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଓ ନର୍ଲା ବିଧାୟିକା ମନୋରମା ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ସ୍ୱାଗତ ଭାଷଣ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖଣ୍ଡଗିରି ଯାତ୍ରା: ଗାଡ଼ି ପାର୍କିଂ ପାଇଁ ଦର ଧାର୍ଯ୍ୟ, ଅଧିକ ଫି ଆଦାୟ କଲେ ବାଜିବ ବିଏମ୍‌ସି ଛାଟ

**ଭୁବନେଶ୍ୱର ୧୯/୦୧ ନ୍ୟୁଜ ବ୍ୟୁରୋ**

ଖଣ୍ଡଗିରି ଯାତ୍ରାରେ ଧାର୍ଯ୍ୟ ଦରରୁ ଅଧିକ ପାର୍କିଂ ଫି ଆଦାୟ କଲେ ବିଏମ୍‌ସି ଛାଟ ବାଜିବ । ଯଦି ଏହି ନିୟମ କିଏ ଅଣଦେଖା କରେ ତାହାଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ ବିଏମ୍‌ସି । ପାର୍କିଂ ଟେଣ୍ଡର ଖୋଲିବ। ଖଣ୍ଡଗିରି ମେଳା ପାଇଁ ବିଏମ୍‌ସି ପକ୍ଷରୁ ଏଥର ୫ଟି ସ୍ଥାନରେ ପାର୍କିଂ ପାଇଁ ସ୍ଥାନ ଚିହ୍ନଟ କରାଯାଇଛି । ରସୁଲଗଡ଼ ପଟୁ ଆସୁଥିବା ଗାଡ଼ି ଗୁଡ଼ିକ ପ୍ରାଚୀ ହୋଟେଲରୁ ଥାନା ପର୍ଯ୍ୟନ୍ତ ପାର୍କିଂ କରିବେ । ସେହିପରି ଖୋର୍ଦ୍ଧା ତମାଣ୍ଡୋ ପଟୁ ଆସୁଥିବା ଗାଡ଼ି ଏନ୍‌ଏଚ୍ କିମ୍ବା ଖାରବେଳ ପାର୍କିଂରେ ଗାଡ଼ି ରଖିବେ । ସହର ଭିତରୁ ଆସୁଥିବା ଲୋକେ ଜାଗମରାରେ ଗାଡ଼ି ପାର୍କିଂ କରିବାକୁ ଜାଗା ଚିହ୍ନଟ କରାଯାଇଛି । କିନ୍ତୁ ଏଏସ୍‌ଆଇ ପାର୍କିଂରେ ଲୋକେ ମାଗଣାରେ ଗାଡ଼ି ରଖିପାରିବେ । ପାର୍କିଂ ପାଇଁ ବିଏମ୍‌ସି ପକ୍ଷରୁ ଦର ଧାର୍ଯ୍ୟ କରାଯାଇଛି । ବାଇକ୍ ଘଣ୍ଟା ପ୍ରତି ୧୦ ଟଙ୍କା ଦେବେ। ଯଦି ଘଣ୍ଟାଏରୁ ଅଧିକ ରହିବ ଦୁଇଗୁଣା ଅର୍ଥାତ ୨୦ ଟଙ୍କା ଦେବାକୁ ପଡ଼ିବ । ସେହିପରି କାର୍ ପ୍ରଥମ ଘଣ୍ଟା ପାଇଁ ୨୦ ଟଙ୍କା ଏବଂ ଘଣ୍ଟାକ ପରେ ୪୦ ଟଙ୍କା ଦେବାକୁ ପଡ଼ିବ । ଯାତ୍ରା ପେଣ୍ଡାଲ ପାଖରେ ଥିବା ପାର୍କିଂରେ ରାତି ସାରା ଗାଡ଼ି ରଖିଲେ କାର ୫୦ ଟଙ୍କା ଦେବେ । ବିଏମ୍‌ସି ପକ୍ଷରୁ ସବୁ ପାର୍କିଂ ସ୍ଥଳରେ ରେଟ୍ ଚାର୍ଟ ମାରିବା ବାଧ୍ୟତାମୂଳକ କରାଯାଇଛି । ଇଂରାଜୀ ବଦଳରେ ସବୁ ସଂସ୍ଥା ଓଡ଼ିଆରେ ରେଟ୍ ଚାର୍ଟ ଏବଂ ନାମଫଳକ ମାରିବେ । ଏଥିରେ ଖିଲାପ୍ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଏମ୍‌ସି ପକ୍ଷରୁ ଚେତାବନୀ ଦିଆଯାଇଛି । ବିଏମସି ପକ୍ଷରୁ ପ୍ରତିବର୍ଷ ଦର ଧାର୍ଯ୍ୟ କରାଯାଉଛି। ହେଲେ ଏହି ଦରକୁ ଟେଣ୍ଡର ନେଉଥିବା ସଂସ୍ଥା ମାନୁନାହାନ୍ତି । ମନଇଚ୍ଛା ବାଇକ୍ ପିଛା ୩୦ରୁ ୪୦ ଟଙ୍କା ଆଦାୟ କରୁଛନ୍ତି । ଏପରିକି କାର ପିଛା ୫୦ରୁ ୧୦୦ ଟଙ୍କା ଆଦାୟ ହେଉଛି । ବିଏମ୍‌ସି ଦକ୍ଷିଣ-ପଶ୍ଚିମ ମଣ୍ଡଳ ଜୋନାଲ କମିଶନର ରାକେଶ ପାତ୍ର କହିଛନ୍ତି, କୌଣସି ସଂସ୍ଥା ଧାର୍ଯ୍ୟ ଦରରୁ ଅଧିକ ଆଦାୟ କଲେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହା ସହ ବିଏମ୍‌ସି ସ୍ୱତନ୍ତ୍ର ସ୍କ୍ୱାଡ୍ ଏହା ଉପରେ ନଜର ରଖିବ।

# ରାଜ୍ୟ ପାନୀୟ ନିଗମର ଛତ୍ରପୁର କାର୍ଯ୍ୟାଳୟ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୯/୦୧ ନ୍ୟୁଜ ବ୍ୟୁରୋ**

ଉଦ୍‌ଘାଟିତ ହେଲା ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିମିଟେଡର ଛତ୍ରପୁର କାର୍ଯ୍ୟାଳୟ ଓ ଡିପୋ। ସୋମବାର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଭାସି ମାଧ୍ୟମରେ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ୩ ଏକର ପରିମିତ ଜାଗାରେ ୧୭.୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କାର୍ଯ୍ୟାଳୟ ଓ ଡିପୋରେ ୨୮ ହଜାର ବର୍ଗଫୁଟ ଷ୍ଟୋରେଜ୍ କ୍ଷମତା ରହିଛି । ଏହି ଡିପୋ ଓ କାର୍ଯ୍ୟାଳୟ ନିର୍ମାଣ ଫଳରେ ଗଞ୍ଜାମ, ଗଜପତି, କନ୍ଧମାଳ ଓ ବ୍ରହ୍ମପୁର ଅବକାରୀ ଜିଲ୍ଲାର ୧୯୦ଟି ଖୁଚୁରା ବ୍ୟବସାୟୀଙ୍କୁ ସହଜ ଯୋଗାଣ ସମ୍ଭବ ହୋଇପାରିବ। ଏହି କାର୍ଯ୍ୟାଳୟ ଓ ଡିପୋ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଅବକାରୀ ବ୍ୟବସ୍ଥାରେ ସୁଧାର ଆଣିବା ଏବଂ ବେଆଇନ ମଦ କାରବାର ରୋକିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର । ଉଦ୍‌ଘାଟିତ ଛତ୍ରପୁର କାର୍ଯ୍ୟାଳୟ ଓ ଡିପୋ ଶୃଙ୍ଖଳିତ ବିତରଣ, ପାର୍କିଂ ବ୍ୟବସ୍ଥା ଓ ରାଜ୍ୟର ଅଯଥା ରାଜସ୍ୱ ହାନିକୁ ରୋକିବାରେ ସହାୟକ ହେବ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା, ଅବକାରୀ ଆୟୁକ୍ତ ପି. ଅନ୍ୱେଷା ରେଡ୍ଡୀ, ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ ପରିଚାଳନା ନିର୍ଦ୍ଦେଶକ ଦେବେନ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ସେହିଭଳି ଛତ୍ରପୁରଠାରେ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଓ ଜିଲ୍ଲାପାଳ ଭି. କୀର୍ତ୍ତି ବାସନ୍ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଚିଲିକାରେ ୧୧,୩୨,୨୦୦ ପକ୍ଷୀ: ବଢ଼ିଲେ ବିଦେଶୀ ପକ୍ଷୀ, କମିଲେ ପ୍ରଜାତି

## ଆଜିଠୁ ଚିଲିକାରେ ଡ଼ଲ୍‌ଫିନ ଗଣନା

**ଭୁବନେଶ୍ୱର, ୧୯/୦୧ ନ୍ୟୁଜ ବ୍ୟୁରୋ**

ଶେଷ ହୋଇଛି ଚିଲିକାରେ ଶୀତକାଳୀନ ପକ୍ଷୀ ଗଣନା । ଏଥର ଚିଲିକାରେ ବିଦେଶୀ ପକ୍ଷୀଙ୍କ ସଂଖ୍ୟା ବଢ଼ିଥିବା ବେଳେ ପକ୍ଷୀଙ୍କ ପ୍ରଜାତି ସଂଖ୍ୟା ହ୍ରାସ ପାଇଛି । ଗତବର୍ଷ ତୁଳନାରେ ଚଳିତ ବର୍ଷ ୨୩ ହଜାରରୁ ଅଧିକ ବିଦେଶୀ ପକ୍ଷୀ ଚିହ୍ନଟ ହୋଇଛନ୍ତି। ଏବର୍ଷ ଚିଲିକାରେ ମୋଟ ପକ୍ଷୀ ସଂଖ୍ୟା ୧୧,୩୨,୨୦୦ ରେକର୍ଡ କରାଯାଇଛି । ୨୦୨୬ରେ ବିଦେଶୀ ପକ୍ଷୀଙ୍କ ପ୍ରଜାତି ୧୦୬ ଚିହ୍ନଟ କରାଯାଇଥିବା ବେଳେ, ମୋଟ ସଂଖ୍ୟା ୧୧ ଲକ୍ଷ ୧୦ ହଜାର ୨୫୭ ଚିହ୍ନଟ ହୋଇଛନ୍ତି । ଅନ୍ୟପକ୍ଷରେ ୨୦୨୫ରେ ବିଦେଶୀ ପକ୍ଷୀ ପ୍ରଜାତି ୧୦୯ ଥିଲା ଏବଂ ୨୦୨୫ରେ ମୋଟ ବିଦେଶୀ ପକ୍ଷୀ ସଂଖ୍ୟା ୧୦ ଲକ୍ଷ ୮୭ ହଜାର ୨୨୬ ଥିଲା । ସୂଚନା ଅନୁସାରେ ୨୦୨୫ ତୁଳନାରେ ୨୦୨୬ରେ ଚିଲିକାରେ



ବିଦେଶୀ ପକ୍ଷୀ ସଂଖ୍ୟା ୨୩,୦୩୧କୁ ବୃଦ୍ଧି ପାଇଛି । ମାତ୍ର ଗତବର୍ଷ ତୁଳନାରେ ଚଳିତବର୍ଷ ବିଦେଶୀ ପକ୍ଷୀଙ୍କ ପ୍ରଜାତି ହ୍ରାସ ପାଇଛି। ୨୦୨୫ରେ ଚିଲିକାକୁ ୧୦୯ ପ୍ରଜାତି ବିଦେଶୀ ପକ୍ଷୀ ଆସିଥିବା ବେଳେ, ୨୦୨୬ରେ ଏହି ସଂଖ୍ୟା ୧୦୬କୁ ହ୍ରାସ ପାଇଛି । ଚିଲିକା ଡିଏଫଓ ଅମ୍ଲାନ ନାୟକ ଏହି ସୂଚନା ଦେଇଛନ୍ତି। ୨୦୨୬ ମସିହାରେ ପକ୍ଷୀ ଗଣନା ସମୟରେ ସ୍ଥାନୀୟ ପକ୍ଷୀଙ୍କ ସଂଖ୍ୟା ୨୧,୯୪୩ ରେକର୍ଡ କରାଯାଇଛି। ଯେଉଁଥିରେ ଦେଶୀୟ ପକ୍ଷୀଙ୍କ ପ୍ରଜାତି ସଂଖ୍ୟା ୯୦ ରହିଛି। ଗତବର୍ଷ ଅର୍ଥାତ ୨୦୨୫ରେ ସ୍ଥାନୀୟ ପକ୍ଷୀ ସଂଖ୍ୟା ୪୦,୦୦୨ ଥିବା ବେଳେ ୮୭ ପ୍ରଜାତି ସ୍ଥାନୀୟ ପକ୍ଷୀ ଚିହ୍ନଟ କରାଯାଇଥିଲା । ୨୦୨୫ ତୁଳନାରେ ଚଳିତବର୍ଷ ଚିଲିକାରେ ଦେଶୀୟ ପକ୍ଷୀଙ୍କ ସଂଖ୍ୟା କମିଥିବା ବେଳେ ପ୍ରଜାତି ସଂଖ୍ୟା ବଢ଼ିଛି । ଜାନୁଆରୀରେ ଚିଲିକାରେ ଶୀତକାଳୀନ ପକ୍ଷୀ ଗଣନା କରାଯାଇଥିଲା । ଏଥିରେ ମୋଟ ୨୨ଟି ଟିମ୍ ସାମିଲ ହୋଇଥିବା ବେଳେ ପ୍ରତି ଟିମ୍‌ରେ ୫ରୁ ୭ ଜଣ ସଦସ୍ୟ ଥିଲେ। ବାଲୁଗାଁ, ରମ୍ଭା, ସାତପଡ଼ା, ଟାଙ୍ଗୀ, ଚିଲିକା ରେଞ୍ଜରେ ସକାଳ ୬ ଟାରୁ ବାଇନାକୁଲାର, କ୍ୟାମେରା ଏବଂ ଜିପିଏସ ସାହାଯ୍ୟରେ ପକ୍ଷୀ ଗଣନା କରାଯାଇଥିଲା। ଚିଲିକା ସମେତ ସାରା ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଗୋଟିଏ ଦିନରେ ପକ୍ଷୀ ଗଣନା କରାଯାଇଥିଲା। ଚଳିତ ବର୍ଷ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କ ତତ୍ତ୍ୱାବଧାରକଙ୍କ ନିର୍ଦ୍ଦେଶରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡରେ ବିଦେଶାଗତ ପକ୍ଷୀ ଏବଂ ଦେଶୀୟ ପକ୍ଷୀ ଗଣନା ହୋଇଥିଲା। ଏଥିରେ ଅବସରପ୍ରାପ୍ତ ଜଙ୍ଗଲ ବିଭାଗ ଅଧିକାରୀ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ କର୍ମଚାରୀ, ଡବ୍ଲୁଆଇଆଇ, ବିଏନଏଚଏସ, ଓୟୁଏଟି ଅଧ୍ୟାପକ/ ପ୍ରଫେସର ଏବଂ ଛାତ୍ରଛାତ୍ରୀ, କାର୍ଯ୍ୟରତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଶିକ୍ଷାବିତ, ଛାତ୍ରଛାତ୍ରୀ ଓ ଅଣ ସରକାରୀ ସଂସ୍ଥା ଏବଂ ଏନ୍‌ଜିଓ ସାମିଲ ହୋଇଥିଲେ । ଚିଲିକାକୁ ୨୨ଟି ଭାଗରେ ବିଭକ୍ତ କରାଯାଇ ୨୨ ଟିମ୍ ଗଠନ କରାଯାଇଥିଲା। ପ୍ରତି ଦଳରେ ଜଣେ ପକ୍ଷୀ ବିଶାରଦ ରହିଥିଲେ। ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ନିମନ୍ତେ ଚଳିତ ବର୍ଷ ଏହି ବନଖଣ୍ଡ ତରଫରୁ ୨୧ ଗୋଟି ଅସ୍ଥାୟୀ ପକ୍ଷୀ ସୁରକ୍ଷା ଶିବିର ଗଠନ କରାଯାଇଥିବା ବେଳେ ୪୮ ଜଣ ଅସ୍ଥାୟୀ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା । ଏହା ବ୍ୟତୀତ ପ୍ରତି ଶିବିରରେ ଜଣେ ବନପାଳ/ଜଣେ ବନରକ୍ଷୀ ଏହାର ସୁପରିଚାଳନା ନିମନ୍ତେ ନିୟୋଜିତ ହୋଇଥିଲେ।

ସେହିପରି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଆସନ୍ତା ୨୦ ତାରିଖରେ ଡ଼ଲ୍‌ଫିନ ଗଣନା କରାଯିବ । ଏନେଇ ସୋମବାର ବାଲୁଗାଁ ସମେତ ସାତପଡାରେ ଏକ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାୟ ୧୪୫ ଜଣ କର୍ମଚାରୀ ୧୮ଟି ଟିମ୍‌ରେ ସାମିଲ ହୋଇଛନ୍ତି । ଚିଲିକାରେ ଦୃଶ୍ୟମାନ ହେଉଥିବା ଇରାୱାଡ଼ି ଡ଼ଲ୍‌ଫିନଙ୍କ ଗଣନା କରାଯିବ । ଏଥିରେ ସହଯୋଗ କରିବା ନିମନ୍ତେ ସ୍ଥାନୀୟ ମତ୍ସ୍ୟଜୀବୀ ଓ ଡ଼ଙ୍ଗାଚାଳକ ସଂଘଙ୍କୁ ମଧ୍ୟ ଡ଼ଙ୍ଗା ଚାଳନା ନକରିବାକୁ ଅନୁରୋଧ କରାଯାଇଛି ବୋଲି ଚିଲିକା ଡିଏଫଓ ଅମ୍ଲାନ ନାୟକ କହିଛନ୍ତି।